
READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୪ | ସଂଖ୍ୟା-୦୭ | ୨୪ ଫେବୃଆରୀ - ୦୧ ମାର୍ଚ୍ଚ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-07 | 24th FEBRUARY - 01st MARCH, 2020 | BHUBANESWAR | ₹ 5/- (8 Pages)


## ରାସ୍ତା ଖୋଳୁଛି ୱାଟ୍‌କୋ, ମରାମତି କରିବ କିଏ ?

### ଲାଗୁଛି ପାଣି ମିଟର, ବିଲ୍‌କୁ ନେଇ ଉପଭୋକ୍ତାଙ୍କୁ ଜ୍ୱର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ମ ପାଳି ଶାସନରେ 'ମୋ ସରକାର' ଓ ୫-ଟି'କୁ ବିଶେଷ ପ୍ରାଧାନ୍ୟ ଦିଆଯାଇ ବିକାଶମୂଳକ କାର୍ଯ୍ୟ ଚାଲିଛି । 'ମୋ ସରକାର' ଅଧିନରେ ଏବେ ଓଡ଼ିଶା ଜଳ ନିଗମ (ୱାଟ୍‌କୋ) ନାମରେ ଏକ ସଂସ୍ଥା ଗଠନ ହୋଇଛି । ପୂର୍ବରୁ ରାଜଧାନୀବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଏହାର ଦାୟିତ୍ୱରେ ଥିଲା । ହେଲେ ପାନୀୟ ଜଳକୁ ନେଇ ନୂଆ ନିଗମ ଗଠନ ହେବା ପରେ ଏହାର ପାଇଲଟ ପ୍ରୋଜେକ୍ଟ ଭାବେ ନୀଳାଦ୍ରି ବିହାର ଅଞ୍ଚଳରେ ଜଳ ଉପଭୋକ୍ତାଙ୍କ ଘର ଆଗରେ ମିଟର ଲଗାଉଛି ୱାଟ୍‌କୋ । ତେବେ ଉପଭୋକ୍ତାଙ୍କୁ କୌଣସି ପୂର୍ବ ସୂଚନା ନଦେଇ ହଠାତ୍ ଠିକାଦାର ଘର ଆଗରେ ମିସ୍ତ୍ରୀ, ମିଟର ଓ ପାଇପ ଆସି କାର୍ଯ୍ୟ ଚାଲିଛି । ପାନୀୟ ଜଳକୁ ସୁନିଶ୍ଚିତ କରିବା ପାଇଁ ତଥା ରାଜଧାନୀବାସୀଙ୍କୁ ସୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ଯେଉଁଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ ହୋଇଥିଲେ ବି ମିଟର ଲାଗିଲେ ଉପଭୋକ୍ତାଙ୍କୁ ଜଳ ବିଲ୍ କେତେ ଟଙ୍କା ଦେବାକୁ ପଡିବ ତାହା ସ୍ଥିର ହୋଇନାହିଁ । ରାଜଧାନୀରେ ବହୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ରହିଥିଲେ ବି ୱାଟ୍‌କୋ କର୍ତ୍ତୃପକ୍ଷ କାହିଁକି ନୀଳାଦ୍ରି ବିହାର ଅଞ୍ଚଳରେ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କଲେ ତାହା ମଧ୍ୟ ସନ୍ଦେହ ଘେରରେ । କାରଣ ଏଠାରେ ଥିବା ସେକ୍ଟର-୧, ୨ ଓ ୩ରେ ବହୁ ସଂଖ୍ୟକ ନିମ୍ନ ଆୟକାରୀ ବର୍ଗଙ୍କ ଗୃହ ରହିଛି । ଯେଉଁ ସମୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏହି ଘର ଗ୍ରାହକଙ୍କୁ ହସ୍ତାନ୍ତର କରିଥିଲେ ସେତେବେଳେ ଏଲ୍‌ଆଇଜିରେ (ଜିଏଫ୍ ଆଣ୍ଡ ଏଫ୍‌ଏଫ୍) ଭଳି ଯୋଜନା ରହିଥିଲା । ଯେଉଁଥିରେ ତଳ ଘରର ନମ୍ବର ଗୋଟିଏ ହୋଇଥିଲା ବେଳେ ଉପର ମହଲାର ଘର ନମ୍ବର ଆଉ ଗୋଟିଏ ରହିଛି । ସେତେବେଳେ ବିଡିଏ ତଳ ଓ ଉପର ପାଇଁ ଦୁଇଟି ପାନୀୟ ଜଳ ସଂଯୋଗ କରିଥିଲା ବେଳେ ବର୍ତ୍ତମାନ ୱାଟ୍‌କୋ ଗୋଟିଏ ସଂଯୋଗ ନିଜ ଇଚ୍ଛାରେ କାଟି ଦେଉଛି । ଯେଉଁଥିପାଇଁ କଲୋନୀରେ ➤ ପୃ-୬

## ଏମ୍ସରେ ହିନ୍ଦୀ ବାଧ୍ୟତାମୂଳକ

### ବିଜେଡି, କଂଗ୍ରେସର ବିରୋଧ



**ଭୁବନେଶ୍ୱର :** ଓଡ଼ିଶାରେ ଥିବା କେନ୍ଦ୍ର ସରକାରଙ୍କ ପ୍ରତିଷ୍ଠାନ ଗୁଡିକରେ ଏବେ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପରିବର୍ତ୍ତେ ହିନ୍ଦୀ ଭାଷା ଉପଯୋଗକୁ ବାଧ୍ୟତାମୂଳକ କରାଯାଇଛି । ଭୁବନେଶ୍ୱର ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ଅଧ୍ୟାପକ ଅଫିସ୍ କାର୍ଯ୍ୟରେ ହିନ୍ଦୀ ଭାଷା ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱର ଏମ୍ସର ଉପନିର୍ଦ୍ଦେଶକ (ପ୍ରଶାସନିକ) ପିକେ ରାୟଙ୍କ ଦସ୍ତଖତରେ ଜାରି ହୋଇଥିବା ନିର୍ଦ୍ଦେଶନାମାକରେ କୁହାଯାଇଛି ଯେ, ସମସ୍ତ କର୍ମଚାରୀ ହିନ୍ଦୀରେ ଦସ୍ତଖତ କରିବା ସହ ଫାଇଲରେ ହିନ୍ଦୀ ଭାଷାରେ ନାଁ ଓ ବିଷୟ ଲେଖିବେ । ସେହିପରି ଅତିକମରେ ୩୦% ନୋଟିଂ ଓ ଡ୍ରାଫ୍ଟିଂ ହିନ୍ଦୀ ଭାଷାରେ ହେବ । ୫୫% ଚିଠିପତ୍ର ହିନ୍ଦୀ ଭାଷାରେ ଯିବ । ଦ୍ୱି'ଭାଷାରେ ବ୍ୟବହୃତ ହେଉଥିବା ଫର୍ମ ଗୁଡିକରେ ହିନ୍ଦୀ ଭାଷା ରହିବ । କର୍ତ୍ତୃପକ୍ଷ ସମସ୍ତ ଚିଠିର ଉତ୍ତର ହିନ୍ଦୀ ଭାଷାରେ ଦେବେ । ପ୍ରତି ୩ମାସରେ ଥରେ ଅଧିକାରୀମାନେ ସେମାନଙ୍କର ବିଭାଗରେ ହେଉଥିବା କାର୍ଯ୍ୟର ରିପୋର୍ଟ ହିନ୍ଦୀ ଭାଷାରେ ହିଁ ପ୍ରସ୍ତୁତ କରି ସରକାରୀ ଭାଷା ସେକ୍ସନକୁ ରିପୋର୍ଟ ଦେବେ । ସେହି ଆଧାରରେ ରିପୋର୍ଟ ପ୍ରସ୍ତୁତ ହୋଇ ତାକୁ ମନ୍ତ୍ରଣାଳୟ ନିକଟକୁ ପଠାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଏହି ନିର୍ଦ୍ଦେଶ ଏମ୍ସରେ କାର୍ଯ୍ୟରତ ସମସ୍ତ ପ୍ରଶାସନିକ, ଏକାଡେମୀ, ହସ୍ପିଟାଲ ପ୍ରଶାସନ, ଅର୍ଥ ଓ ଆକାଉଣ୍ଟ ଏବଂ ବିଭାଗୀୟ ମୁଖ୍ୟଙ୍କ ନିମନ୍ତେ ଲାଗୁ ହେବ । ତେବେ ଓଡ଼ିଶାରେ ଥିବା କେନ୍ଦ୍ରୀୟ ପ୍ରତିଷ୍ଠାନ ଗୁଡିକ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ କରିବା ଦ୍ୱାରା ଓଡ଼ିଆ ଭାଷାର ଗୁରୁତ୍ୱ ➤ ପୃ-୬

## ଗ୍ରେ ତାଲିକାରେ ପାକିସ୍ତାନ




**ପ୍ୟାରିସ :** ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବା ପାକିସ୍ତାନ ଓ ବନ୍ଧୁ ଚୀନ୍‌ର କୌଣସି ଯୋଜନା କାମ ଦେଇନାହିଁ । ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କରୁଥିବାରୁ ଏଫ୍‌ଏଟିଏଫ୍‌ର ଗ୍ରେ ଲିଷ୍ଟରେ ଥିବା ପାକିସ୍ତାନକୁ କୌଣସି ଆଶ୍ୱସ୍ତି ମିଳିନାହିଁ । ପୂର୍ବଭଳି ପାକିସ୍ତାନକୁ ଏଫ୍‌ଏଟିଏଫ୍ ତା'ର ଗ୍ରେ ଲିଷ୍ଟରେ ରଖିଛି । ଏଥିରୁ ମୁକୁଳିବା ପାଇଁ ପାକିସ୍ତାନ ଚୀନ୍ ସହାୟତାରେ ଏକାଧିକ ଚାପ ସୃଷ୍ଟି କରିଥିଲା । ଆତଙ୍କବାଦ ବିରୋଧରେ ପାକିସ୍ତାନ କାର୍ଯ୍ୟ କରୁଛି ବୋଲି ବିଶ୍ୱବାସୀଙ୍କୁ ଜଣାଇବା ପାଇଁ କୁଖ୍ୟାତ ଆତଙ୍କୀ ହାଫିଜ ସୟିଦକୁ ଗିରଫ କରିଥିଲା । ହେଲେ ଏହି ଲୋକଦେଖାଣିଆ କାମ ଏଫ୍‌ଏଟିଏଫ୍ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ଜୁନ୍ ମାସ ପର୍ଯ୍ୟନ୍ତ ପାକିସ୍ତାନ ଗ୍ରେ ଲିଷ୍ଟରୁ ମୁକୁଳି ପାରିବ ନାହିଁ ବୋଲି ଏଫ୍‌ଏଟିଏଫ୍ ସ୍ପଷ୍ଟ କରିଛି । ଅନ୍ୟପକ୍ଷରେ ଆତଙ୍କବାଦ ଓ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଫ୍‌ଏଟିଏଫ୍ ପାକିସ୍ତାନକୁ ଆଉ ଏକ ସୁଯୋଗ ଦେଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ସରକାର ୪ମାସ ମଧ୍ୟରେ ଆତଙ୍କବାଦ ବିରୋଧରେ କାର୍ଯ୍ୟକରନ୍ତୁ ବୋଲି ଏଫ୍‌ଏଟିଏଫ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ସଂଗଠନ ୮ ସୂତ୍ରୀ ନିର୍ଦ୍ଦେଶନାମା ଜାରି କରିଛି । ପୂର୍ବରୁ ପାକିସ୍ତାନ ପାଇଁ ଏଫ୍‌ଏଟିଏଫ୍ ୨୭ ସୂତ୍ରୀ ନିର୍ଦ୍ଦେଶନାମା ଜାରି କରିଥିଲା । ଯଦି ପାକିସ୍ତାନ ଏହାକୁ କାର୍ଯ୍ୟକାରୀ କରି ନଥାଆନ୍ତା, ତା'ହେଲେ ଇସଲାମାବାଦକୁ ଏଫ୍‌ଏଟିଏଫ୍ କଳାତାଲିକା ଭୁକ୍ତ କରିବ ବୋଲି ଧମକ ଦେଇଥିଲା । ➤ ପୃ-୬

### ବିଜେଡିରେ ସାଂଗଠନିକ ପରିବର୍ତ୍ତନ

## ଜିଲ୍ଲା ସଭାପତିଙ୍କ ନାମ ଘୋଷଣା

**ଭୁବନେଶ୍ୱର :** ବିଜେଡିର ନୂଆ ଜିଲ୍ଲା ସଭାପତିଙ୍କ ନାଁ ଦଳ ପକ୍ଷରୁ ଘୋଷଣା କରାଯାଇଛି । ରାଜ୍ୟର ୩୩ଟି ସାଙ୍ଗଠନିକ ଜିଲ୍ଲାର ସଭାପତିଙ୍କ ନାମ ଘୋଷଣା କରାଯାଇଥିବାବେଳେ ଏଥିରେ ମନ୍ତ୍ରୀ, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଓ ବିଧାୟକ ମଧ୍ୟ ରହିଛନ୍ତି । ପାର୍ଟି ସୁପ୍ରିମୋ ନବୀନ ପଟ୍ଟନାୟକ ଦ୍ୱାରା ଘୋଷଣା କରାଯାଇଥିବା ଏହି ତାଲିକାରେ ୧୪ ଜଣ ପୁରୁଣା ମୁହଁ ରହିଥିବାବେଳେ ୧୯ ଜଣ ନୂଆ ମୁହଁ ରହିଛି । ମିଳିଥିବା ସୂଚନା ଅନୁସାରେ ବିଜେଡିର ଜିଲ୍ଲା ସଭାପତି ଭାବେ କେନ୍ଦୁଝର ପାଇଁ ମାଧବ ସର୍ଦ୍ଦାର, କୋରାପୁଟ ପାଇଁ ଈଶ୍ୱର ପାଣିଗ୍ରାହୀ, ମାଲକାନଗିରି ପାଇଁ ପୂର୍ଣ୍ଣଚନ୍ଦ୍ର ବାକା, ମୟୂରଭଞ୍ଜ ପାଇଁ କାଶୀନାଥ ହେମ୍ବ୍ରମ, ନବରଙ୍ଗପୁର ପାଇଁ ରମେଶ ଚନ୍ଦ୍ର ମାଝୀ, ନୟାଗଡ଼ ପାଇଁ ରମେଶ ବେହେରା, ନୂଆପଡ଼ା ପାଇଁ ମନୋଜ ମିଶ୍ର, ➤ ପୃ-୬

### ବକ୍ରବାଣୀ



ଛତିଶଟା ଗଡର ରାଇଜଟେ
ସବୁବେଳେ ଆମର ଚିତାକାଟେ
ମନ ଇଚ୍ଛା ପୁଳେ ବନ୍ଧ ବନ୍ଧେଇ
ମହାନଦୀ ପାଣି ଦେଲା ଶୁଖେଇ
ନିଶୁଆ ବାବୁର ନିଶ କଟେଇ
ସର୍କାରୀ ପଦରୁ ଦେଲା ହଟେଇ
ବୋଲେରୋ ପଛକୁ ଇନୋଭା ଗାଡି
ବାନ୍ଧିନବ ପୁଣି ଆଉଚି ମାଡି
ଧନ୍ୟ ଯେ ରାଇଜ ଧନ୍ୟ ପୁଲିସ
ଚୋର ଖଣ୍ଟ ସାଥେ କରେ ସାଲିସ୍ ।

—— ଟୁଟୁ

## ଓଡ଼ିଶାରେ ଦାରିଦ୍ର୍ୟ କମିଛି



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ କୃଷି, ଶିଳ୍ପ ଓ ସେବାଭିମୁଖୀ ନୀତି ଓ ପଦକ୍ଷେପ ଯୋଗୁଁ ରାଜ୍ୟର ସାମଗ୍ରିକ ଉତ୍ପାଦ ୨୦୧୯-୨୦ ମସିହାରେ ଅଗ୍ରୀମ ଆକଳନ ଅନୁଯାୟୀ ୫,୩୩,୮୨୨.୪୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୦୦-୦୧ ମସିହାରୁ ୨୦୧୯-୨୦ ମସିହା ମଧ୍ୟରେ ଘରୋଇ ଉତ୍ପାଦ ପ୍ରାୟ ୧୧ ଗୁଣା ବୃଦ୍ଧି ପାଇଛି । ରାଜ୍ୟର ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ । ସେଥିପାଇଁ ରାଜ୍ୟବାସୀ ଏହାର ସୁଫଳ ପାଇପାରିବା ସହ ଦାରିଦ୍ର୍ୟ ଦୂରୀକରଣରେ ଏହା ସହାୟକ ହୋଇପାରିଛି ବୋଲି ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି । ବିଧାନସଭାରେ ସଭ୍ୟ ମୋହନ ମାଝୀ, ବିଷ୍ଣୁ ସେଠୀ, ନରସିଂହ ମିଶ୍ର, ନିତ୍ୟାନନ୍ଦ ଗଣ୍ଡ ଓ ସୁରେଶ ରାଉତରାୟ ଆଣିଥିବା ମୁଲତବୀ ପ୍ରସ୍ତାବ 'ଉତ୍କଟ ଦାରିଦ୍ର୍ୟରେ ୭୦ ଲକ୍ଷ ପରିବାର, ୨୦ ବର୍ଷର ବିକାଶର ରୂପ ଏମିତି'ର ଉତ୍ତରରେ ମନ୍ତ୍ରୀ ଏହା କହିଥିଲେ । ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଉତ୍ତର ଚାଲିଥିବା ବେଳେ କହିବାକୁ ସୁଯୋଗ ଦିଆଯାଇନଥିବାରୁ ବିଜେପି ସଭ୍ୟ ମାନେ କକ୍ଷତ୍ୟାଗ କରିଥିଲେ । ସେହିପରି ଏହି ପ୍ରସଙ୍ଗରେ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଣି ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ସାମଲ, ଧ୍ରୁବ ଚରଣ ସାହୁ ଏବଂ ଅଶ୍ୱିନୀ ପାତ୍ର କହିଥିଲେ ଯେ ବିଜେଡି ସରକାର ସମୟରେ ବିକାଶର ଚିତ୍ର ବଢିବାରେ ଲାଗିଛି । ଅନାହାର ମୃତ୍ୟୁ ହୋଇନାହିଁ । ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଓଡିଶା ବଳକା ରାଜ୍ୟ ହୋଇପାରିଛି । ଓଡିଶାର ବିକାଶ କରିବାପାଇଁ କେନ୍ଦ୍ରର ସହଯୋଗ ମିଳୁନାହିଁ । ଓଡିଶାକୁ ହକ୍ ଦିଆଯାଉନାହିଁ । ସେହିପରି ବିରୋଧୀ ଦଳ ସଦସ୍ୟମାନେ କହିଥିଲେ ଯେ ରାଜ୍ୟରେ ଦେଢ ଲକ୍ଷ ପଦବୀ ଖାଲି ପଡି ରହିଛି । ବେକାର ସମସ୍ୟା ଦୂର ହେଉନାହିଁ । ନିର୍ବାଚନରେ ଭୋଟ୍‌କୁ ଦୃଷ୍ଟିରେ ରଖି ଯୋଜନା ନହେଉ । ଉପାର୍ଜନ ଭିତିକ ସ୍ଥାୟୀ ଯୋଜନା ହେଉ । ୧ କୋଟିରୁ ଉର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ ସୀମା ତଳେ ଅଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ ଉପରେ ଆବଶ୍ୟକ ଦୃଷ୍ଟି ଦିଆଯାଉନାହିଁ । ଶିଳ୍ପ ଗୁଡିକ ବନ୍ଦ ହେବାରୁ ବେକାରୀ ବଢୁଛି ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଥିଲା । ପ୍ରତି ନାଗରିକର ବଞ୍ଚିବାର ଅଧିକାର ରହିଛି । ➤ ପୃ-୬

### ମହିଳାଙ୍କ ଗର୍ଭଧାରଣ ଅଧିକାର ସୁରକ୍ଷା

## ଗଠନ ହେବ ଜାତୀୟ ପଞ୍ଜିକରଣ କର୍ତ୍ତୃପକ୍ଷ



**ନୂଆଦିଲ୍ଲୀ,(ପିଆଇବି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଦେଶର ମହିଳାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଏକ ଐତିହାସିକ ବିଲକୁ ଅନୁମୋଦନ କରିଛନ୍ତି । ଏହି ବିଲଟି ହେଉଛି ସହାୟକ ଗର୍ଭଧାରଣ ପ୍ରଯୁକ୍ତି ନିୟାମକ ବିଲ ୨୦୨୦ । ଏଥିସହିତ ସରୋଗେସୀ (କୃତ୍ରିମ ଗର୍ଭଧାରଣ) ନିୟାମକ ବିଲ ୨୦୨୦ ସଂସଦରେ ଉପସ୍ଥାପନ କରିବା ଏବଂ ଡାକ୍ତରୀ ପ୍ରକ୍ରିୟାରେ ଗର୍ଭପାତ ସଂଶୋଧନ ବିଲ ୨୦୨୦କୁ ମଧ୍ୟ କ୍ୟାବିନେଟ ମଞ୍ଜୁରି ମିଳିଛି । ଏସବୁ ବୈଧାନିକ ପଦକ୍ଷେପ ମହିଳାଙ୍କ ପ୍ରଜନନ ଅଧିକାରକୁ ସୁରକ୍ଷା ଦେବାରେ ଐତିହାସିକ ପଦକ୍ଷେପ ଭାବେ ବିବେଚିତ ହେବ । ଏହି ବିଲ ସଂସଦରେ ଗୃହୀତ ହେବା ପରେ କେନ୍ଦ୍ର ସରକାର ବିଜ୍ଞପ୍ତି ଜରିଆରେ ଆଇନ କାର୍ଯ୍ୟକାରୀ ହେବାର ତାରିଖ ଘୋଷଣା କରିବେ । ଏହାପରେ ଏକ ଜାତୀୟ ବୋର୍ଡ ଗଠନ କରାଯିବ । ଏହି ଜାତୀୟ ବୋର୍ଡ କ୍ଲିନିକରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ଆଚାର ସଂହିତା ପ୍ରସ୍ତୁତ କରିବ । ଏହାବ୍ୟତୀତ କ୍ଲିନିକ ଓ ବ୍ୟାଙ୍କଗୁଡ଼ିକରେ ଭୌତିକ ଭିତିଭୂମିର ସର୍ବନିମ୍ନ ମାନକ, ପରୀକ୍ଷାଗାର ଓ ନିଦାନ ସରଞ୍ଜାମ ଏବଂ ବିଶେଷଜ୍ଞ ପେସାଦାରଙ୍କ ନିଯୁକ୍ତି ଆଦିର ➤ ପୃ-୬




## ଚଳିତ ରାଜ୍ୟ ବଜେଟ ନିଅଣ୍ଟିଆ : ନିରଞ୍ଜନ



**ଭୁବନେଶ୍ୱର :** ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ବଜେଟର ବିଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ଏହାକୁ ଏକ ନିଅଣ୍ଟିଆ ବଜେଟ ବୋଲି ଆଖ୍ୟା ଦେଇଛନ୍ତି । ଏହି ବଜେଟ ରାଜ୍ୟକୁ ଅଧିକରୁ ଅଧିକ ଦେବାଳିଆ, ଅନଗ୍ରସରତା, ବେକାରୀ ବୃଦ୍ଧି, ଋଣ ବୃଦ୍ଧି ଭିତରକୁ ଠେଲି ଦେବ ବୋଲି ଆଶା କରିଛନ୍ତି । କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ମୌଳିକ ଆବଶ୍ୟକତା କୁ ଅଣଦେଖା କରାଯାଇଛି । ଏକ ପକ୍ଷରେ ଏବର୍ଷ ଜାତୀର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଦିବସକୁ ପାଳନ କରିବା ପାଇଁ ଅଂଟା ଭିଡ଼ି ଥିବା ବେଳେ ଅନ୍ୟପକ୍ଷରେ ମଦବିକ୍ରିକୁ ଅଧିକ ପ୍ରୋତ୍ସାହିତ କରିଛନ୍ତି । ଚାକିରୀରେଥିବା କର୍ମଚାରୀ ଓ ଅବସରପ୍ରାପ୍ତ ଚାକିରିଆଙ୍କୁ ପ୍ରାପ୍ୟ ଦେବାରେ ଅସମର୍ଥ ହୋଇଛନ୍ତି । କାଳିଆ ଯୋଜନାରେ ଅର୍ଥମନ୍ତ୍ରୀଙ୍କ ଘୋଷଣା ଅନୁସାରେ ୪୩ଲକ୍ଷରୁ ଉର୍ଦ୍ଧ ହିତାଧିକାରୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ହିସାବରେ ମୋଟ୍ ୪ହଜାର ୩ଶହ କୋଟି ଟଙ୍କା ବଦଳରେ ମାତ୍ର ୩ ହଜାର ୧ଶହ କୋଟି ଟଙ୍କା ବ୍ୟୟ ବରାଦ ଏ ନେଇ ଏକ ଆଶଂକା ସୃଷ୍ଟି କରିଛି । ଜିଲ୍ଲା ଖଣିଜ ପାଣ୍ଠିରୁ (ଡିଏମ୍‌ଏଫ୍) ଯବେଆଇନ ଭାବେ ୨ ହଜାର କୋଟି ଟଙ୍କା ଆଣି ବଜେଟ୍‌ର କଳେବରକୁ ବୃଦ୍ଧି କରାଯାଇଛି । ରାଜ୍ୟରେ ବେକାରୀ ବଢ଼ି ୭.୮%ରେ ପହଂଚିଛି । ରାଜ୍ୟର ଟିକସ ଆୟ ମାତ୍ର ୧୦% ବୃଦ୍ଧି ଘଟିଥିବା ବେଳେ ମୁଦ୍ରାସ୍ଫିତ ହାର ୭.୩୩ % ବୃଦ୍ଧି ପାଇଛି । ରାଜ୍ୟ ସରକାର ବଜେଟ୍‌ରେ ନୂଆ ନିଯୁକ୍ତି ନେଇ କୌଣସି ସୂଚନା ଦେଇ ନାହାଁନ୍ତି । ଯେଉଁଥି ପାଇଁକି ୨୦୧୮-୧୯ରେ ଦରମା ବାବଦକୁ ଖର୍ଚ୍ଚ ୨୩.୭୮ % ଥିଲା ବେଳେ ୨୦୨୦-୨୧ ରେ ଏହା ୨୨.୫୯କୁ ଖସି ଆସିଛି । ସରକାର ଓଡ଼ିଶାବାସୀଙ୍କ ଉପରେ ଅଯଥା ଋଣଭାର ଲଦିଚାଲିଛନ୍ତି । ଆକଳନ ଅନୁସାରେ ୨୦୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ଏକଲକ୍ଷ ୧୩ ହଜାର କୋଟି ଟଙ୍କା ଅତିକ୍ରମ କରିବ । ଯାହାକି ଓଡ଼ିଶାରେ ମୁଣ୍ଡପିଛା ଋଣ ଭାର ୧୮ ହଜାର ଟଙ୍କାରେ ପଂହଚାଇବ । ପୂର୍ବରୁ ସରକାର କାଳିଆ ଯୋଜନାରେ ୫୧ଲକ୍ଷ ହିତାଧିକାରୀଙ୍କୁ ସାମିଲ କରି ଅର୍ଥ ଦେଇଥିବା ଘୋଷଣା କରିଥିଲେ । ମାତ୍ର ଏବେ ଅର୍ଥମନ୍ତ୍ରୀ ଏହାକୁ ୪୩ଲକ୍ଷ କରିବା ଏବଂ ଅବିଶିଷ୍ଟ ୮ଲକ୍ଷ ଚାଷୀଙ୍କର ସନ୍ଧାନ ନମିଳିବା ସରକାରଙ୍କର ଦୁମୁହାଁ ନୀତିକୁ ପଦାରେ ପକାଇଛି । ସରକାର ସାଧାରଣ ଜନତାର ଅର୍ଥକୁ ନିର୍ବାଚନରେ ଜିତିବା ପାଇଁ କାଳିଆ ଯୋଜନରେ ଖର୍ଚ୍ଚ କରିଥିବା ଏହାର ଏକ ନଗ୍ନ ଉଦାହରଣ ।

## କେମିତି କଟିବ ଏ ସପ୍ତାହ

**ମେଷ** ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ବିଦେଶରେ ପ୍ରଶଂସିତ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଶରୀର ସୁସ୍ଥ ରହିବ। ରାଜନୀତିରେ ମନ ବଳାଇବେ।

**ବୃଷ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବିଦେଶ ଯାତ୍ରାରେ ଅସୁବିଧା ଭୋଗ କରିବେ। ରାଜନୀତିରେ ଆଧିପତ୍ୟ ବଢ଼ିବ। ବିବାହ ଆଶାୟୀମାନେ ବିଫଳତା ହେବେ।

**ମିଥୁନ** ସରକାରୀ ଚାକିରିଆଙ୍କୁ ଅଧିକ ଲାଭ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଉନ୍ନତି ହୋଇପାରେ।

**କର୍କଟ** ସାମାଜିକ ତଥା ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ କଟିବ। ଜମି କିଣା-ବିକା ବ୍ୟବସାୟରେ ଅଧିକ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଘଟିବ।

**ସିଂହ** ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କନ୍ୟା** ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନ ପ୍ରାପ୍ତିର ପ୍ରବଳ ଯୋଗ ରହିଛି। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ବ୍ୟବସାୟୀମାନେ ଆଶାତୀତ ସଫଳତା ପାଇବେ।

**ତୁଳା** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ବିବାଦ ଲାଗି ରହିବ। ପରିବାରରେ ଅଶାନ୍ତି ଦେଖାଦେବ। ଆର୍ଥିକ ଚିନ୍ତାରୁ କିଛିମାତ୍ରାରେ ମୁକ୍ତି ମିଳିବ।


**ବିଛା** ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳିବ ନାହିଁ। ପାରିବାରିକ ଶାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ବିବାହ ଆଶାୟୀମାନେ ଶୁଭଫଳ ପାଇବେ।

**ଧନୁ** ବ୍ୟବସାୟୀମାନେ ନିଜର ଯୋଜନାକୁ ଗୁପ୍ତ ରଖିବା ଉଚିତ। ପୂର୍ବ ବିବାଦର ସମାଧାନ ହେବ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ମାନସିକ ଦୁଶ୍ଚିନ୍ତା ଲାଗିରହିବ।

**ମକର** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ହେବ।

**କୁମ୍ଭ** ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ନୂତନ ଗୃହ ଉପକରଣ କ୍ରୟ କରିବାର ସମୟ ଆସିବ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** ଗୃହରେ ଅଶାନ୍ତିର ବାତାବରଣ ଦେଖାଦେବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ସମାଧାନ ହେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଜୈଶ ଟାର୍ଗେଟ୍‌ରେ ଭାରତ

## ଭାରତୀୟ ନାଗରିକଙ୍କୁ ଅନ୍‌ଲାଇନ୍‌ରେ ନିଯୁକ୍ତି

**ନୂଆଦିଲ୍ଲୀ :** ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଅନ୍‌ଲାଇନରେ ଭାରତୀୟ ନାଗରିକଙ୍କୁ ନିଯୁକ୍ତି ଦେଇଥିଲା। ଯୋଜନା ଥିଲା ପୁଲୱାମା ପରି ହମ୍‌ଲା। ଜାମ୍ମୁ-କାଶ୍ମୀର ପୋଲିସ ଏବଂ ସିଆରପିଏଫ୍‌ର ମିଳିତ ଅପରେସନ୍‌ରେ ନଗ୍ରୋଟା କରାଯାଇଥିବା ଏନ୍‌କାଉଣ୍ଟର ଏହାକୁ ପଣ୍ଡ କରିଥିବା ଜଣାପଡିଛି। ଏହି ଘଟଣାରେ ୩ଜଣ ଆତଙ୍କବାଦୀ ନିପାତ ହୋଇଥିଲେ ଏବଂ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଜାନୁଆରୀ ୩୧ର ଏହି ନଗ୍ରୋଟା ଏନ୍‌କାଉଣ୍ଟର ଘଟଣା ପରେ ତଦନ୍ତ ଚାଲୁ ରହିଥିଲା। ଏବେ ଜଣାପଡିଛି କେବଳ ତାଲିମ ଦେଇ ଆତଙ୍କବାଦୀ ପଠାଯାଉନି ବରଂ ସୋସିଆଲ ମିଡିଆରୁ ଉଗ୍ର ଯୁବକଙ୍କୁ ଖୋଜି ଖୋଜି ନିୟୋଜିତ କରାଯାଉଛି। ପୋଲିସ ୨୦ ବର୍ଷ ବୟସ୍କର ବିଏସ୍‌ସି ଛାତ୍ର ସୁହୀଲ ଜାଭେଦ୍ ଲୋନ୍‌କୁ ଗିରଫ କରିବା ପରେ ଏଭଳି ତଥ୍ୟ ସବୁ ସାମ୍ନାକୁ ଆସିବାରେ ଲାଗିଛି। ସେ ଘରକୁ ଯାଇଥିବା ସମୟରେ ତାକୁ ବଡଗାମ୍‌ରୁ ଗିରଫ କରାଯାଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ୩ଜଣଙ୍କ ହତ୍ୟା ଏବଂ ୩ଜଣଙ୍କୁ ଗିରଫ କରାଯିବା ପରେ ସୁହୀଲ ଲିଙ୍କ୍ ବିଷୟରେ ଜଣାପଡିଥିଲା। ଏଥିରେ ଗିରଫ ହୋଇଥିବା



ସମୀର ଅହମ୍ମଦ ଦର୍ ଏବଂ ତା'ର ସ୍ଥାନୀୟ ସହଯୋଗୀ ଭିପିଏନ୍ ବ୍ୟବହାର କରି ପାକିସ୍ତାନ ସହ ଯୋଗାଯୋଗରେ ଥିଲେ। ସମୀର ସହ ପାକିସ୍ତାନର କରାଚି, ସିଆଲକୋଟ୍ ଏବଂ ଲାହୋର ଆଦିରେ ରହି ଆତଙ୍କୀ କାରବାର ଚଲାଉଥିବା କମାଣ୍ଡର ଅବୁ ହମ୍‌ଜା ଏବଂ ଅବୁ ବକର୍ ଯୋଗାଯୋଗରେ ଥିଲେ। ମିଳିଥିବା ସୂଚନା ଅନୁସାରେ, ଅବୁ ହମ୍‌ଜାର ନିର୍ଦ୍ଦେଶରେ ୨ଜଣ ସ୍ଥାନୀୟ ସହଯୋଗୀଙ୍କୁ ନେଇ ଏକ ଟ୍ରକ୍‌ରେ ସମୀର ସାମ୍ବା ସେକ୍ଟର ଆଡକୁ ଯାଇଥିଲା। ପୂର୍ବ ନିର୍ଦ୍ଧାରିତ ପିକ୍‌ଅପ୍ ପଏଣ୍ଟକୁ ଯାଇଥିଲା। ଭିପିଏନ୍ ସହାୟତାରେ ହିଁ ଯୋଗାଯୋଗ କରି ୩ଜଣ ପାକିସ୍ତାନ ଆତଙ୍କବାଦୀଙ୍କୁ ନେଇ ସମୀର ବନ୍ ଟୋଲ୍ ଆଡକୁ ବାହାରିଥିଲା। କିନ୍ତୁ ସେତେବେଳେ ଆଉ ଭିପିଏନ୍ କାମ କରିନଥିଲା। ଜୈଶ ଏକା ସାଥିରେ ୨ଟି ଯୋଜନା କରିଥିଲା। ଗୋଟିଏ ହେଉଛି ୩ ଆତଙ୍କବାଦୀଙ୍କୁ ପଠାଇବା ଏବଂ ଅନ୍ୟଟି ହେଉଛି ପୁଲୱାମା ପରି ବିସ୍ଫୋରଣ। ୩ଜଣ ଆତଙ୍କବାଦୀ ୪-୫ କେଜିର ଆର୍‌ଡିଏକ୍ସ ଆଣିଥିଲେ, ଯାହାକି ସାମ୍ବାଠାରେ ବିସ୍ଫୋରଣ କରାଯିବାର ଥିଲା। କିନ୍ତୁ ସମୀର ଭୁଲିଯାଇଥିଲା ଏବଂ ଭିପିଏନ୍ ମଧ କାମ କରୁନଥିଲା। ତେଣୁ ଏହି ଯୋଜନା ବାସ୍ତବ ରୂପ ନେଇପାରି ନଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଅନ୍‌ଲାଇନ୍ ରିକ୍ରୁଟ୍‌ମେଣ୍ଟ। ଏଥିପାଇଁ ଆଧାର ଥିଲା ଦେଶ ବିରୋଧୀ ହୋଇଥିବା। ଯାହାକି ସୁହୀଲ୍‌ର ସୋସିଆଲ ମିଡିଆରୁ ନିଶ୍ଚିତ ହୋଇଯାଇଥିଲା ଜୈଶ। ସୁହେଲ୍ ହ୍ୱାଟ୍‌ସଆପ୍ ଜରିଆରେ ପାକିସ୍ତାନର ଥିବା ଜୈଶ କମାଣ୍ଡର ଏବଂ ଭାରତରେ ଥିବା ଆତଙ୍କବାଦୀଙ୍କ ସହ ଯୋଗାଯୋଗ କରୁଥିଲା। ପଞ୍ଜାବ, ହରିଆଣା ଏବଂ ଚଣ୍ଡୀଗଡ ଆଦି ସ୍ଥାନରୁ ଏଭଳି ଯୁବକଙ୍କୁ ଖୋଜି ପାକିସ୍ତାନରେ ବସିଥିବା କମାଣ୍ଡର ଜାମ୍ମୁ-କାଶ୍ମୀର ନେଟ୍‌ୱାର୍କ ଚଲାଉଥିବା ସ୍ପଷ୍ଟ ହୋଇଛି।

## ଏଫପିଓ ସ୍ଥାପନ ଓ ପ୍ରୋତ୍ସାହନ ଯୋଜନାକୁ କ୍ୟାବିନେଟ ମଞ୍ଜୁରି

**ନୂଆଦିଲ୍ଲୀ :** କୃଷକମାନଙ୍କୁ ଆର୍ଥିକ ସୁଧାରର ଲାଭ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ସମିତି (ସିସିଇଏ) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ୨୦୧୯-୨୦ରୁ ୨୦୨୩-୨୪ ପର୍ଯ୍ୟନ୍ତ ପାଞ୍ଚ ବର୍ଷର ଅବଧି ମଧ୍ୟରେ ୧୦ ହଜାର ନୂତନ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଗଠନ କରାଯିବ। ଆରମ୍ଭ ହେବାର ୫ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଏଫପିଓ କୁ ସହାୟତା ଯୋଗାଇ ଦିଆଯିବ। ମୂଲ୍ୟ ବୃଦ୍ଧି ସହିତ ଉତ୍ପାଦନ ଜ୍ଞାନକୌଶଳ, ସେବା ଓ ବିପଣନକୁ ଆପଣାଇବା ଲାଗି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଖରେ ଆର୍ଥିକ କ୍ଷମତା ନଥାଏ। ଏଫପିଓ ଗଠନ ମାଧ୍ୟମରେ କୃଷକମାନେ ସାମଗ୍ରିକ ଭାବେ ଅଧିକ ସୁଦୃଢ଼ ହୋଇପାରିବେ। ସେମାନେ ଅଧିକ ଆୟ କରିବା ଲାଗି ଋଣ ଓ ଉନ୍ନତ ବିପଣନ ସୁବିଧା, ଗୁଣବତାଯୁକ୍ତ ଉତ୍ପାଦ ଏବଂ ପ୍ରଯୁକ୍ତି ସହାୟତା ପାଇବାରେ ସଫଳ ହୋଇପାରିବେ। ପାଞ୍ଚ ବର୍ଷର ଅବଧି (୨୦୧୯-୨୦ ଠାରୁ ୨୦୨୩-୨୪) ପର୍ଯ୍ୟନ୍ତ ୪୪୯୬ କୋଟି ଟଙ୍କାର ମୋଟ ବଜେଟ ବ୍ୟବସ୍ଥା ସହିତ ୧୦ ହଜାର ନୂଆ ଏଫପିଓ ଗଠନ ଏବଂ ପ୍ରୋତ୍ସାହନ ଲାଗି "କୃଷକ ଉତ୍ପାଦକ ସଂଗଠନ ପ୍ରତିଷ୍ଠା ଓ ପ୍ରୋତ୍ସାହନ" ନାମକ କେନ୍ଦ୍ରୀୟ କ୍ଷେତ୍ରର ନୂତନ ଯୋଜନା ଆରମ୍ଭ କରାଯିବ। ଏଥିରେ ପ୍ରତ୍ୟେକ ଏଫପିଓଗୁଡ଼ିକୁ ପାଂଚ ବର୍ଷ ଲାଗି ଆବଶ୍ୟକ ସହଯୋଗ ଦେବା ଲାଗି ୨୦୨୪-୨୫ରୁ ୨୦୨୭-୨୮ ପର୍ଯ୍ୟନ୍ତ ଅବଧି ଲାଗି ୨୩୬୯ କୋଟି ଟଙ୍କାର ଅତିରିକ୍ତ ସହାୟତା ବ୍ୟବସ୍ଥା ରହିବ। ପ୍ରାରମ୍ଭିକ ଭାବେ ଏଫପିଓ ଗଠନ ଏବଂ ପ୍ରୋତ୍ସାହନ ଲାଗି ତିନୋଟି କାର୍ଯ୍ୟକାରୀ ଏଜେନ୍ସି ଯଥା : କ୍ଷୁଦ୍ର ଚାଷୀ କୃଷି ବ୍ୟବସାୟ ସଂଗଠନ(ଏସଏଫଏସି), ଜାତୀୟ ସମବାୟ ବିକାଶ ନିଗମ (ଏନସିଡିସି) ଏବଂ ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)କୁ ନିୟୋଜିତ କରାଯିବ। ରାଜ୍ୟଗୁଡ଼ିକ ଇଚ୍ଛୁକ ଥିଲେ କୃଷି ସମବାୟ ଏବଂ କୃଷକ କଲ୍ୟାଣ ବିଭାଗ (ଡିଏସିଆଣ୍ଡଏଫଡବ୍ଲୁ) ସହିତ ବିଚାରବିମର୍ଶ କରି ନିଜସ୍ୱ କାର୍ଯ୍ୟକାରୀ ଏଜେନ୍ସି ନାମାଙ୍କନ କରିପାରିବେ। ଆରମ୍ଭରୁ ସମତଳ ଅଂଚଳର ଏଫପିଓ ସଦସ୍ୟମାନଙ୍କ ସର୍ବନିମ୍ନ ସଂଖ୍ୟା ୩୦୦ ଏବଂ ଉତର-ପୂର୍ବ ଏବଂ ପାର୍ବତ୍ୟାଞ୍ଚଳରେ ୧୦୦ ହେବ। ଡିଏସିଆଣ୍ଡଏଫଡବ୍ଲୁ ପକ୍ଷରୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ମଞ୍ଜୁରି ସହିତ ଆବଶ୍ୟକତା ଏବଂ ଅଭିଜ୍ଞତା ଆଧାରରେ ସର୍ବନିମ୍ନ ସଦସ୍ୟ ସଂଖ୍ୟାରେ ସଂଶୋଧନ କରାଯାଇପାରିବ। ଦେଶର ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରତ୍ୟେକ ବ୍ଲକରେ ହାରାହାରି ଗୋଟିଏ ଏଫପିଓ ଗଠନ କରାଯିବ। ନାବାର୍ଡରେ ୧୦୦୦ କୋଟି ଟଙ୍କାର ଏକ ଋଣ ଗ୍ୟାରେଣ୍ଟି ପାଣ୍ଠି ରହିବ ଯେଉଁଥିରେ ଡିଏସିଆଣ୍ଡଏଫଡବ୍ଲୁ ଏବଂ ନାବାର୍ଡର ସମାନ ଯୋଗଦାନ ରହିବ। ସେହିପରି ଏନସିଡିସିରେ ୫୦୦ କୋଟି ଟଙ୍କାର ଏକ ଋଣ ଗ୍ୟାରେଣ୍ଟି ପାଣ୍ଠି ରହିବ, ଯେଉଁଥିରେ ଡିଏସିଆଣ୍ଡଏଫଡବ୍ଲୁ ଏବଂ ଏନସିଡିସିର ସମାନ ଯୋଗଦାନ ରହିବ। ଫଳରେ ଏଫପିଓଗୁଡ଼ିକୁ ଋଣପ୍ରଦାନ କରିବା କ୍ଷେତ୍ରରେ ଆର୍ଥିକ ସଂସ୍ଥାନର ବିପଦକୁ ହ୍ରାସ କରାଯାଇପାରିବ। ଏହାଛଡ଼ା ଏଫପିଓକୁ ସଂସ୍ଥାଗତ ଋଣର ନିରନ୍ତର ପ୍ରବାହ ନିମନ୍ତେ ଉପଯୁକ୍ତ ଋଣ ଗ୍ୟାରେଂଟି ପ୍ରଦାନ କରାଯାଇପାରିବ।

## 'ପ୍ରଯୁକ୍ତି ଗୋଷ୍ଠୀ' ଗଠନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

**ନୂଆଦିଲ୍ଲୀ,(ପିଆଇବି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କ୍ଷମତାସମ୍ପନ୍ନ "ପ୍ରଯୁକ୍ତି ଗୋଷ୍ଠୀ" ଗଠନକୁ ମଞ୍ଜୁରି ମିଳିଛି। ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ ଅଧ୍ୟକ୍ଷତାରେ ୧୨ ଜଣିଆ ପ୍ରଯୁକ୍ତି ଗୋଷ୍ଠୀ ଗଠନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି । ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ନିର୍ଦ୍ଦିଷ୍ଟ ସମୟରେ ନୀତିଗତ ପରାମର୍ଶ ଦେବା, ପ୍ରଯୁକ୍ତି ଉତ୍ପାଦର ମ୍ୟାପିଂ, ଜାତୀୟ ବିଜ୍ଞାନାଗାର, ସରକାରୀ ଗବେଷଣା ଓ ବିକାଶ ସଂଗଠନଗୁଡ଼ିକରେ ବିକଶିତ ହୋଇଥିବା ଦ୍ୱୈତ ପ୍ରୟୋଗ ପ୍ରଯୁକ୍ତିର ବ୍ୟବସାୟୀକରଣ, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ପାଇଁ ସ୍ୱଦେଶୀ ରୋଡମ୍ୟାପ ବିକଶିତ କରିବା ଏବଂ ପ୍ରଯୁକ୍ତି ବିକାଶ ଲାଗି ଉପଯୁକ୍ତ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ ଚୟନ କରିବାର ଦାୟିତ୍ୱ ଏହି ଗୋଷ୍ଠୀକୁ ପ୍ରଦାନ କରାଯାଇଛି। ପ୍ରଯୁକ୍ତି ଯୋଗାଣକାରୀ ଏବଂ କ୍ରୟ ରଣନୀତି ପାଇଁ ବିକଶିତ ହେବାକୁ ଥିବା ପ୍ରଯୁକ୍ତି ଉପରେ ଯଥାସମ୍ଭବ ଶ୍ରେଷ୍ଠ ପରାମର୍ଶ ଦେବ। ନୀତିଗତ ପ୍ରୟାସ ଏବଂ ବିକାଶଶୀଳ ପ୍ରଯୁକ୍ତିର ପ୍ରୟୋଗ କ୍ଷେତ୍ରରେ ଇନ ହାଉସ ବିଶେଷଜ୍ଞତା ବିକଶିତ କରିବ; ଏବଂ ରାଷ୍ଟ୍ରାୟତ ଉଦ୍ୟୋଗ, ଜାତୀୟ ବିଜ୍ଞାନାଗାର ଏବଂ ଗବେଷଣା ସଂଗଠନରେ ବିକଶିତ କିମ୍ବା ବିକଶିତ ହେଉଥିବା ରାଷ୍ଟ୍ରାୟତ କ୍ଷେତ୍ରର ପ୍ରଯୁକ୍ତିର ସ୍ଥାୟୀତ୍ୱ ସୁନିଶ୍ଚିତ କରିବ। ନୀତିଗତ ସହାୟତା। କ୍ରୟ ସହାୟତା ଏବଂ ଗବେଷଣା ଓ ବିକାଶ ପ୍ରସ୍ତାବରେ ସହାୟତା। ସମସ୍ତ କ୍ଷେତ୍ରରେ ଆର୍ଥିକ ବିକାଶ ଏବଂ ଭାରତୀୟ ଉଦ୍ୟୋଗର ସ୍ଥାୟୀ ବିକାଶ ଲାଗି ଭାରତ ନିକଟରେ ନବୀନତମ ପ୍ରଯୁକ୍ତିର ପ୍ରଭାବୀ, ସୁରକ୍ଷିତ ଓ ପ୍ରାସଙ୍ଗିକ ପ୍ରୟୋଗ ପାଇଁ ଆବଶ୍ୟକ ନୀତି ଏବଂ ରଣନୀତି ରହିବ। ପ୍ରାଥମିକତା ଆଧାରରେ ସରକାରଙ୍କୁ ପରାମର୍ଶ ଦେବା ଏବଂ ସମସ୍ତ କ୍ଷେତ୍ରରେ ବିକାଶଶୀଳ ପ୍ରଯୁକ୍ତି ଉପରେ ଗବେଷଣା ରଣନୀତି ପ୍ରସ୍ତୁତ କରିବା। ସାରା ଦେଶରେ ପ୍ରଯୁକ୍ତିର ଅଧ୍ୟୟନ ନକ୍ସା, ଏହାର ବର୍ତ୍ତମାନର ଉତ୍ପାଦ ଏବଂ ବିକଶିତ ପ୍ରଯୁକ୍ତିର ରକ୍ଷଣାବେକ୍ଷଣ କରିବା। ଚୟନିତ ମହତ୍ୱପୂର୍ଣ୍ଣ ପ୍ରଯୁକ୍ତି ଲାଗି ସ୍ୱଦେଶୀକରଣ ରୋଡମ୍ୟାପ ବିକଶିତ କରିବା। ପ୍ରଯୁକ୍ତି ଯୋଗାଣକାରୀ ଏବଂ କ୍ରୟ ରଣନୀତି ଉପରେ ସରକାରଙ୍କୁ ପରାମର୍ଶ ଦେବା। ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ସହିତ ରାଜ୍ୟ ସରକାରଙ୍କୁ ବିଜ୍ଞାନ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଭଳି ବିକାଶଶୀଳ ପ୍ରଯୁକ୍ତିର ପ୍ରୟୋଗ ଏବଂ ନୀତି ଉପରେ ବିଶେଷଜ୍ଞତା ବିକଶିତ କରିବା ଲାଗି ପ୍ରୋତ୍ସାହିତ କରିବା। ଏଥିପାଇଁ କ୍ଷମତା ନିର୍ମାଣ ଏବଂ ପ୍ରଶିକ୍ଷଣକୁ ବିକଶିତ କରିବା ଉପରେ ମଧ ଜୋର ଦେବା। ବିଶ୍ୱବିଦ୍ୟାଳୟ ଏବଂ ରାଷ୍ଟ୍ରାୟତ କ୍ଷେତ୍ରର ସଂସ୍ଥା/ଗବେଷଣାଗାରରେ ରାଷ୍ଟ୍ରାୟତ କ୍ଷେତ୍ରର ପ୍ରଯୁକ୍ତିର ସ୍ଥିରତା ଲାଗି ନୀତି ପ୍ରସ୍ତୁତ କରିବା। ଗବେଷଣା ଏବଂ ବିକାଶ ପ୍ରସ୍ତାବର ନିରୀକ୍ଷଣରେ ଲାଗୁ ହେଉଥିବା ସାଧାରଣ ଶବ୍ଦାବଳୀ ଏବଂ ମାନକ ପ୍ରସ୍ତୁତ କରିବା।

# କସାବକୁ ହିନ୍ଦୁ ସଜାଇ ମାରିବାକୁ ଚାହୁଁଥିଲା ପାକିସ୍ତାନ

**ନୂଆଦିଲ୍ଲୀ :** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଦୋଷୀ ଆଜମଲ କସାବକୁ ନେଇ ନୂଆ ତଥ୍ୟ ପଦାକୁ ଆସିଛି। କସାବକୁ ପାକିସ୍ତାନ ହିନ୍ଦୁ ଆତଙ୍କବାଦୀ ସଜାଇ ମାରିବାକୁ ପ୍ରୟାସ କରିଥିଲା। ମୁମ୍ବାଇର ପୂର୍ବତନ ପୋଲିସ କମିଶନର ରାକେଶ ମାରିୟା ନିଜ ପୁସ୍ତକ 'ଲେଟ୍ ମି ସେ ଇଟ୍ ନାଓ' ଜରିଆରେ ଏହି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ଚାହୁଁଥିଲା ଭାରତ କସାବକୁ ଜଣେ ହିନ୍ଦୁ ବୋଲି ମାନିନେଉ ଏବଂ ଏଥିପାଇଁ ଆଇଏସ୍‌ଆଇ ଦାଉଦ ଇବ୍ରାହିମ୍ ଗ୍ୟାଙ୍ଗକୁ ସୁପାରି ଦେଇଥିଲା ବୋଲି ରାକେଶ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ପୁସ୍ତକରୁ ହସ୍ତଗତ ତଥ୍ୟ ଅନୁସାରେ, କସାବର ପରିଚୟ ବେଙ୍ଗାଲୁରୁ ନିବାସୀ ସମୀର ଦିନେଶ ଚୌଧୁରୀ ନାମରେ କରାଯାଇଥିଲା। ଏଥିପାଇଁ ପରିଚୟପତ୍ର ପ୍ରସ୍ତୁତ ହୋଇଥିଲଣ ଏବଂ ତା'ର ହାତରେ ଲାଲ୍ ରଙ୍ଗର ରକ୍ଷା ସୂତ୍ର ବନ୍ଧା ଯାଇଥିଲା। ଲସ୍କର-ଏ-ତୋଇବା ମୁମ୍ବାଇ ଆକ୍ରମଣକୁ ହିନ୍ଦୁ



ଆତଙ୍କବାଦ ବୋଲି ଦର୍ଶାଇବାକୁ ଚାହୁଁଥିଲା। ତେଣୁ କସାବକୁ ବେଙ୍ଗାଲୁରୁ ନିବାସୀ ସମୀର ଚୌଧୁରୀ ଭାବେ ଦର୍ଶାଯିବା ସହିତ ସମସ୍ତ ଟିଭି ଚ୍ୟାନେଲ ଏବଂ ଗଣମାଧ୍ୟମ ସଂସ୍ଥା ତାକୁ କିପରି ଆତଙ୍କବାଦୀ ପରିଚୟ ଦେଇ ଖବର ପ୍ରସାରଣ କରିବେ ସେ ନେଇ ଲସ୍କର ଯୋଜନା କରିଥିଲା। ରାକେଶ ପୁସ୍ତକରେ ଆହୁରି ଲେଖିଛନ୍ତି ଯେ, କସାବ ଲୁଟ୍‌ପାଟ ଉଦ୍ଦେଶ୍ୟ ନେଇ ଲସ୍କର ସଂଗଠନରେ ସାମିଲ ହୋଇଥିଲା। ଜିହାଦ ନେଇ ତା' ମନରେ କୌଣସି ଚିନ୍ତାଧାରା ନଥିଲା। କସାବ ଏବଂ ତା'ର ସାଙ୍ଗ ମୁଜଫର ଲାଲ୍ ଖାନ୍ ନିଜର ଆର୍ଥିକ ସ୍ଥିତି ସୁଧାରିବାକୁ ଲୁଟ୍‌ପାଟ କରିବାକୁ ଚାହୁଁଥିଲେ। କସାବକୁ ବଞ୍ଚାଇ ରଖିବା ଆମର ପ୍ରାଥମିକତା ଥିଲା। ପୋଲିସ ସୁରକ୍ଷା ଦୃଷ୍ଟିକୋଣରୁ କସାବ ସହିତ ଜଡିତ କୌଣସି ତଥ୍ୟକୁ ବାହାରେ ପ୍ରଘଟ କରିବାକୁ ସେ ଚାହୁଁ ନଥିଲେ ବୋଲି ରାକେଶ ଲେଖିଛନ୍ତି। ସେ ଉଲ୍ଲେଖ କରିନ୍ତି ଯେ, ଆମେ ନିୟମିତ ଭାବେ ତାକୁ ବ୍ୟକ୍ତିଗତ ସ୍ତରରେ ପଚରାଉଚରା କରୁଥିଲୁ। ସେ ମୋତେ ଆତଙ୍କବାଦୀ ସଂଗଠନ ସମ୍ପର୍କରେ ଅନେକ ଗୋପନୀୟ ତଥ୍ୟ ପ୍ରଦାନ କରିଥିଲା। ନିୟମିତ ଜେରା ସମୟରେ କସାବ ଏବଂ ମୋ ମଧ୍ୟରେ ସମ୍ପର୍କ ଭଲ ହୋଇଯାଇଥିଲା। ସେ ମୋତେ ସମ୍ମାନ ଦେଇ ସାର୍ ବୋଲି କହୁଥିଲା।

# ଆଧାର ସହ ଲିଙ୍କ୍ ହେବ ଭୋଟର କାର୍ଡ !

**ନୂଆଦିଲ୍ଲୀ :** ପାନ୍ କାର୍ଡ ପରେ ବର୍ତ୍ତମାନ ଭୋଟର କାର୍ଡକୁ ମଧ ଆଧାର କାର୍ଡ ସହିତ ଯୋଡ଼ିବା ଜରୁରୀ ହୋଇପାରେ। କାରଣ ଆଧାର କାର୍ଡକୁ ଭୋଟର ପରିଚୟପତ୍ର ସହିତ ଯୋଡ଼ିବା ଲାଗି ନିର୍ବାଚନ ଆୟୋଗ (ଇସି)ର ପ୍ରୟାସ ଉପରେ ଆଇନ ମନ୍ତ୍ରଣାଳୟ ସହମତି ଜଣାଇଛି। ଏହାଦ୍ୱାରା ନକଲି ଭୋଟର କାର୍ଡର ଚିହ୍ନଟ କରି ସେଗୁଡ଼ିକୁ ରଦ୍ଦ କରିହେବ। ଏହାସହ ପ୍ରବାସୀ ମତଦାତାଙ୍କୁ ରିମୋଟ୍ ଭୋଟିଂ ଅଧିକାର ଉପଲବ୍ଧ କରାଇବାରେ ମଧ ସହଜ ହେବ। ନିର୍ବାଚନରେ ସୁଧାରକୁ ନେଇ ଆଇନ ମନ୍ତ୍ରଣାଳୟରେ ସଚିବ ଜି ନାରାୟଣ ରାଜୁଙ୍କ ସହିତ ମୁଖ୍ୟ ନିର୍ବାଚନ ଆୟୁକ୍ତ ସୁନୀଲ ଅରୋଡ଼ା, ନିର୍ବାଚନ ଆୟୁକ୍ତ ଅଶୋକ ଲାୱାସା ଏବଂ ସୁଶୀଲ ଚନ୍ଦ୍ରଙ୍କ ବୈଠକରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଉଲ୍ଲେଖଯୋଗ୍ୟ, ନିକଟରେ ଆୟୋଗ ଆଇନ ମନ୍ତ୍ରଣାଳୟକୁ ପତ୍ର ଲେଖି ଭୋଟର ପରିଚୟପତ୍ରକୁ ଆଧାର ନମ୍ବର ସହିତ ଯୋଡ଼ିବା ପାଇଁ ଜନପ୍ରତିନିଧିତ୍ୱ ଆଇନ ପ୍ରାବଧାନରେ ସଂଶୋଧନ କରିବା ଲାଗି ଅନୁରୋଧ କରିଥିଲା। ଜଣେ ଭୋଟରଙ୍କର ଗୋଟିଏରୁ ଅଧିକ




ଭୋଟର ପରିଚୟପତ୍ର ତିଆରି କରିବା ସମସ୍ୟାର ସମାଧାନ ପାଇଁ ଏହାକୁ ଆଧାର ସହିତ ଜୋଡ଼ିବା ଏକମାତ୍ର ବିକଳ୍ପ ବୋଲି ଆୟୋଗ ଦାବି କରିଥିଲା। ଅପରପକ୍ଷେ ଅଧିକରୁ ଅଧିକ ଯୁବବର୍ଗଙ୍କୁ ଭୋଟର ତାଲିକାରେ ସାମିଲ କରିବା ଲାଗି ନିର୍ବାଚନ ଆୟୋଗ ଇଚ୍ଛା ପ୍ରକାଶ କରିଛି। ତେଣୁ ଆୟୋଗ ଏନେଇ ଅଧିକ ବିକଳ୍ପ ଆବଶ୍ୟକ କରୁଛି। ବର୍ତ୍ତମାନ ସମୟରେ ନୂତନ ଭୋଟରଙ୍କ ପାଇଁ ପଞ୍ଜିକରଣର ଗୋଟିଏ ମାତ୍ର ବିକଳ୍ପ ରହିଛି। ଅର୍ଥାତ୍ ଏହା ଅନ୍ତର୍ଗତ ଜାନୁଆରୀ ୧ ସୁଦ୍ଧା ଯେଉଁମାନେ ୧୮ ବର୍ଷ ପୂରା କରିସାରିଥିବେ, ସେମାନଙ୍କୁ ହିଁ ଭୋଟର ତାଲିକାରେ ପଞ୍ଜିକୃତ କରାଯାଉଛି। ହେଲେ ଆୟୋଗ ବର୍ତ୍ତମାନ ବହୁଗୁଣା ବିକଳ୍ପ ଚାହୁଁଛି, ଯାହାଫଳରେ ଆହୁରି ଅଧିକ ଯୁବମାନଙ୍କ ନାଁ ଉକ୍ତ ତାଲିକାରେ ଆସିବ।

# 'ଜମି, ବ୍ୟାଙ୍କ କାଗଜ ନାଗରିକତାର ପ୍ରମାଣ ନୁହେଁ'

**ଗୌହାଟୀ :** ଜମି ପାଇଁ ଦିଆଯାଉଥିବା ଖଜଣାର କାଗଜ, ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଓ ପାନ କାର୍ଡ କେବେ ହେଲେ ଜଣେ ବ୍ୟକ୍ତିଙ୍କ ନାଗରିକତାର ପ୍ରମାଣ ଭାବେ ବିଚାର କରାଯାଇପାରିବ ନାହିଁ। ଏଗୁଡିକ ଦେଲେ ମଧ ବ୍ୟକ୍ତି ଜଣଙ୍କ ଯେ ଭାରତର ନାଗରିକ, ତା' ଭାବିବା ଭୁଲ ବୋଲି ଆଜି ଗୌହାଟୀ ହାଇକୋର୍ଟ କହିଛନ୍ତି। ଜଣେ ମହିଳାଙ୍କୁ ଟ୍ରିବ୍ୟୁନାଲ୍ ବିଦେଶୀ କ୍ୟାଟାଗୋରୀରେ ରଖିଥିବାରୁ ସେ ଏହା ବିରୋଧରେ ଗୌହାଟୀ ହାଇକୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନକୁ ଖାରଜ କରି ହାଇକୋର୍ଟ ଏଭଳି ରୁଲିଂ ଦେଇଛନ୍ତି। ଗୌହାଟୀ ହାଇକୋର୍ଟ ଏଭଳି ରୁଲିଂ ଦେଇଥିଲେ ହେଁ ଆସାମ ଏନ୍‌ଆରସି ବେଳେ ଲୋକଙ୍କୁ ନାଗରିକତାର ପ୍ରମାଣ ଦେବା ପାଇଁ ଜମି କାଗଜପତ୍ର ଓ ବ୍ୟାଙ୍କ ଷ୍ଟେଟମେଣ୍ଟ ଦେଖାଇବାକୁ ପଡିଥିଲା। ହେଲେ ଏବେ ଗୌହାଟୀ ହାଇକୋର୍ଟ ଏହା ବିରୋଧରେ ହିଁ ରୁଲିଂ ଦେଇଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ଆସାମ ଏନ୍‌ଆରସି ତାଲିକା ପ୍ରକାଶ ପାଇଥିଲା। ଏଥିରେ ପ୍ରାୟ ୧୯ ଲକ୍ଷ ଲୋକ ଭାରତୀୟ ହେବାର ଅଧିକାର ହରାଇଥିଲେ। ତାଲିକାରୁ ବାଦ ପଡିଥିବା ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ରାଜ୍ୟରେ ଏକାଧିକ ଟ୍ରିବ୍ୟୁନାଲ ଗଠନ କରାଯାଇଛି। ଟ୍ରିବ୍ୟୁନାଲରେ ଖାରଜ ହେଉଥିବା ଆବେଦନ ପ୍ରଥମେ ହାଇକୋର୍ଟ ଓ ପରେ ସୁପ୍ରିମ୍‌କୋର୍ଟରେ ବିଚାର ହେବାର ପ୍ରାବଧାନ ରହିଛି। ଯେଉଁ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ତାଙ୍କର ସମସ୍ତ ପ୍ରକାରର ଆଇନଗତ ବିକଳ୍ପ ବ୍ୟବହାର କରିନାହାନ୍ତି, ସେଯାଏ କାହାକୁ ବି ଅଟକ କେନ୍ଦ୍ରରେ ରଖାଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଜି ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ ମନୋଜିତ ଭୂୟାଁ ଓ ଜଷ୍ଟିସ ପୃଥ୍ୱୀଜ୍ୟୋତି ସାଇକିଆ କହିଛନ୍ତି, ୨୦୧୬ରେ ଏହି ଗୌହାଟୀ ହାଇକୋର୍ଟ ନାଗରିକତା ପ୍ରମାଣ ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ସେତେବେଳେ କୋର୍ଟ କହିଥିଲେ ଯେ, ପାନ କାର୍ଡ ଓ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ କେବେ ହେଲେ ଜଣଙ୍କ



ନାଗରିକତାର ପ୍ରମାଣ ନୁହେଁ। ଏହି ରାୟ ଏବେ ବି କାଏମ ରହିଛି। ସେହିପରି ଜମି ପାଇଁ ଖଜଣା ଦେଇ ଲୋକମାନେ ହାସଲ କରୁଥିବା ରସିଦ ମଧ ଜଣେ ନିଜର ନାଗରିକତା ପ୍ରମାଣ ପାଇଁ ବ୍ୟବହାର କରିପାରିବେ ନାହିଁ। ତେଣୁ ଟ୍ରିବ୍ୟୁନାଲ ଏହି ଦସ୍ତାବିଜକୁ ଦୃଷ୍ଟିରେ ରଖି ଆବେଦନକାରୀଙ୍କୁ ବିଦେଶୀ ନାଗରିକ ଘୋଷଣା କରିଥିଲେ। ହାଇକୋର୍ଟ ମଧ ଟ୍ରିବ୍ୟୁନାଲଙ୍କ ରାୟରେ ସନ୍ତୁଷ୍ଟ। ଜାବେଦା ବେଗମ ଓରଫ ଜାବେଦା ଖାତୁନ୍‌ଙ୍କୁ ପ୍ରଥମେ ଟ୍ରିବ୍ୟୁନାଲ ବିଦେଶୀ ନାଗରିକ ବୋଲି କହିଥିଲେ। ତାଙ୍କ ଆବେଦନ ସେଠାରେ ଖାରଜ ହେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନାଥାଉ କି, ଏହି ସମାନ ଖଣ୍ଡପୀଠ ଆଉ ଏକ ମାମଲାର ଶୁଣାଣି ବେଳେ କହିଥିଲେ ଯେ, ଭୋଟ ପରିଚୟ ପତ୍ର ମଧ ନାଗରିକତାର ପ୍ରମାଣ ନୁହେଁ। ଆସାମ ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ନାଗରିକତା ପାଇଁ ପଞ୍ଜିକରଣ ନିୟମ ରହିଛି। ନିଜ ନାଁକୁ ପଞ୍ଜୀକରଣ କରିବାକୁ ହେଲେ ୧୯୭୧ ମସିହା ମାର୍ଚ୍ଚ ୨୪ ପୂର୍ବରୁ ଜଣେ ବ୍ୟକ୍ତିଙ୍କ ପରିବାର ବର୍ଗ ଆସାମରେ ରହୁଥିଲେ ବୋଲି ଉପଯୁକ୍ତ ଦସ୍ତାବିଜ୍ ଦେବାକୁ ପଡିବ। କାରଣ ୧୯୭୧ ମସିହା ମାର୍ଚ୍ଚ ୨୫ରେ ବାଂଲାଦେଶ ଲିବରେସନ୍ ୱାର୍ ଆରମ୍ଭ ହୋଇଥିଲା। ଏହି ଯୁଦ୍ଧ ଡିସେମ୍ବର ୧୬ଯାଏ ଚାଲିଥିଲା ଏବଂ ବିଧିବଦ୍ଧ ଭାବେ ବାଂଲାଦେଶ ଗଠିତ ହୋଇଥିଲା। କିନ୍ତୁ ମାର୍ଚ୍ଚ ୨୬ରୁ ହିଁ ଶେଖ୍ ମୁଜିବୁର ରେହମାନ୍ ବାଂଲାଦେଶ ଗଠନ ହେଲା ବୋଲି ଘୋଷଣା କରିଥିଲେ। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏନ୍‌ଆରସି ପକ୍ଷରୁ ଆସାମରେ ନାଗରିକତ୍ୱ ପାଇଁ ନିୟମ ପ୍ରଣୟନ କରାଯାଇଥିଲା। ପ୍ରଥମ ଏନ୍‌ଆରସି ଡ୍ରାଫ୍ଟ ୧୯୫୧ରେ ରିଲିଜ୍ କରାଯାଇଥିଲା। ସେତେବେଳେ ଆସାମର ଜନସଂଖ୍ୟା ୮୦ଲକ୍ଷ ରହିଥିଲା। ତେବେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ଏଏଏସ୍‌ୟୁ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ୨୦୦୫ରେ ଏନ୍‌ଆରସି ଡ୍ରାଫ୍ଟକୁ ଅପଡେଟ୍ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଅପଡେଟ୍ ସମୟରେ ବିଭିନ୍ନ ସ୍ଥାନରେ ହିଂସା ଘଟିବାରୁ ଏହାକୁ ବନ୍ଦ ରଖାଯାଇଥିଲା। ୨୦୦୯ରେ ଆସାମ ପବ୍ଲିକ୍ ୱାର୍କସ (ଏପିଡବ୍ଲ୍ୟୁ) ନାମକ ଏକ ଏନ୍‌ଜିଓ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମ୍‌କୋର୍ଟ ଏଥିରେ ହସ୍ତକ୍ଷେପ କରି ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପଡେଟ୍ ପ୍ରକ୍ରିୟା ଆରମ୍ଭ ହେବା ପରେ ପାଖାପାଖି ୩.୨୯ କୋଟି ଲୋକ ନାଗରିକତ୍ୱ ପାଇଁ ଆବେଦନ କରିଥିଲେ।




**ଏସ୍‌ସିବିରେ ଏକାଧିକ ମେସିନ୍ ଅଚଳ ହେବା ଘଟଣା**

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ :** ଏସ୍‌ସିବି ମେଡିକାଲ କଲେଜ୍ ଏଣ୍ଡ୍ ହସ୍‌ପିଟାଲ୍‌ରେ ଏକାଧିକ ମେସିନ୍ ଅଚଳ ପ୍ରସଙ୍ଗରେ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । କଟକ ବଡ଼ ଡାକ୍ତରଖାନାରେ ଥାଇରଏଡ୍, ହରମୋନ୍ ଏବଂ ସିଟି ସ୍କାନ୍ ମେସିନ୍ ଅଚଳ ହୋଇଥିବା ସମ୍ପର୍କିତ ଗଣାମାଧ୍ୟମରେ ଖବର ପ୍ରକାଶନକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରି ରେଜିଷ୍ଟ୍ରାର୍‌ଙ୍କୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା ଓ ବିଚାରପତି ସଙ୍ଗମ ସାହୁ ମାମଲାର ଶୁଣାଣି କରି ସ୍ୱାସ୍ଥ୍ୟ ସଚିବଙ୍କୁ ଜବାବ ତଲବ କରିଛନ୍ତି । ଆସନ୍ତା ମାର୍ଚ୍ଚ ୨ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଏହି ଦିନ ସ୍ୱାସ୍ଥ୍ୟ ସଚିବ କେଉଁ ମେଡିକାଲ୍‌ରେ କେଉଁ କେଉଁ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ରହିଛି ଓ କ'ଣ କ'ଣ ଅସୁବିଧା ରହିଛି ସେ ସମ୍ପର୍କରେ ତଥ୍ୟ ରଖିବାକୁ କୁହାଯାଇଛି । ସୂଚନା ଥାଉକି କଟକ ବଡ଼ ଡାକ୍ତରଖାନା ସମେତ ରାଜ୍ୟର ବିଭିନ୍ନ ମେଡିକାଲ୍ କଲେଜ୍‌ରେ ବିଭିନ୍ନ ପ୍ରକାରର ମେସିନ୍ ଅଚଳ ଶୀର୍ଷକ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଅଦାଲତ ଏହାକୁ ଗରୁରୁତର ସହ ଗ୍ରହଣ କରିଛନ୍ତି । ଏହି ମାମଲାରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ଡିଏମ୍‌ଇଟି, କଟକ ବଡ଼ ଡାକ୍ତରଖାନା ଅଧୀକ୍ଷକ, କଟକ ବଡ଼ ଡାକ୍ତରଖାନାର ଅଧିକ୍ଷ, ଏମ୍‌କେସିଜି ମେଡିକାଲ କଲେଜ୍ ଏଣ୍ଡ ହସ୍‌ପିଟାଲ୍‌ର ଅଧୀକ୍ଷକ, ଡିନ୍, ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସ୍ ବ୍ରହ୍ମପୁରର ନିର୍ଦ୍ଦେଶକ ଓ ଡିନ୍ , ପିଆର୍ ଏମ୍ ମେଡିକାଲ୍ କଲେଜ୍ ଏଣ୍ଡ୍ ହସ୍‌ପିଟାଲ୍‌ର ନିର୍ଦ୍ଦେଶକ ଓ ଡିନ୍, ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ୍‌ର ଅଧୀକ୍ଷକ ଓ ଡିନ୍, ଏଫ୍‌ଏମ୍ ମେଡିକାଲ କଲେଜ୍‌ର ଏଣ୍ଡ୍ ହସ୍‌ପିଟାଲ୍‌ର ଅଧିକ୍ଷ ଓ ଅଧୀକ୍ଷକ, ବିବି ମେଡିକାଲ୍ କଲେଜ୍ ଏଣ୍ଡ୍ ହସ୍‌ପିଟାଲ୍‌ର ଅଧିକ୍ଷ ଓ ଅଧୀକ୍ଷକ, ଆଚାର୍ଯ୍ୟ ହରିହର ପୋଷ୍ଟ୍ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସରର ଅଧିକ୍ଷ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ପୋଷ୍ଟ୍ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍ (ଶିଶୁ ଭବନ)ର ଅଧିକ୍ଷ ଓ ଅଧୀକ୍ଷକ ପ୍ରମୁଖଙ୍କୁ ଏହି ମାମଲାରେ ପକ୍ଷ ଭୁକ୍ତ କରାଯାଇଛି ।

# ମୁଣ୍ଡ ପିଛା ଆୟରେ ଜାତୀୟ ହାରଠୁ ପଛରେ ଓଡିଶା

**ଭୁବନେଶ୍ୱର:** ରାଜ୍ୟର ମୁଣ୍ଡ ପିଛା ଆୟ ଜାତୀୟ ହାର ତୁଳନାରେ କମ୍ ରହିଛି । ୨୦୧୯-୨୦ର ସର୍ବଶେଷ ରିପୋର୍ଟ ଅନୁଯାୟୀ ଜାତୀୟ ମୁଣ୍ଡ ପିଛା ଆୟ ୧,୩୫,୦୫୦ଟଙ୍କା ହୋଇଥିବା ବେଳେ ରାଜ୍ୟରେ ଏହି ହାର ୧,୦୧,୫୮୭ ଟଙ୍କା ରହିଛି । ଜାତୀୟ ହାରକୁ ରାଜ୍ୟ ମୁଣ୍ଡ ପିଛାହାର କେବେ ଟପିବ ସେସଂପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଆକଳନ ହୋଇନଥିବା ଜଣାପଡିଛି । ବିଜେପି ବିଧାୟକ ମୋହନ ଚରଣ ମାଝୀଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତରରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଦେଇଥିବା ସୂଚନା ଅନୁଯାୟୀ ୨୦୧୮-୧୯ରେ ଓଡିଶାର ଏହି ହାର ୯୫୧୫୪ ଥିଲା । ସେହି ବର୍ଷ ଗୋଆରେ ମୁଣ୍ଡ ପିଛା ହାର ସର୍ବାଧିକ ୪,୬୭,୯୯୮ ଟଙ୍କା ରହିଥିବା ବେଳେ ତାତଳକୁ ରହିଥିଲା ଦିଲ୍ଲୀ । ସେଠାରେ ଏହି ହାର ୩,୬୫,୫୨୯ ଥିବା ବେଳେ ତୃତୀୟରେ ସିକିମ ଥିଲା । ଯେଉଁଠାରେ ଏହି ହାର ୩,୫୭,୬୪୩ ଥିଲା । ସେହି ବର୍ଷ ମୁଣ୍ଡ ପିଛା ଆୟରେ ଓଡିଶା ୧୮ତମ ସ୍ଥାନରେ ରହିଥିଲା । ୨୦୧୯-୨୦ ବର୍ଷର ଅନ୍ୟ ରାଜ୍ୟର ତଥ୍ୟ ମିଳିପାରି ନଥିବା ମନ୍ତ୍ରୀଙ୍କ ରିପୋର୍ଟରୁ ଜଣାପଡିଛି । ମୁଣ୍ଡ ପିଛା ଆୟ କମ୍ କୁ ନେଇ ଶ୍ରୀ ମାଝୀ କ୍ଷୋଭ ପ୍ରକାଶ କରିଛନ୍ତି ।

# ୬୮ ବ୍ଲକରେ ୩୫%ରୁ କମ୍ ଜଳସେଚନ

**ଭୁବନେଶ୍ୱର :** ରାଜ୍ୟରେ ୩୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ରାଜ୍ୟର ୬୮ଟି ବ୍ଲକ ଏହି ଲକ୍ଷ୍ୟ ଛୁଇଁ ପାରିନାହିଁ । ରାଜ୍ୟରେ ୩୫ ପ୍ରତିଶତ ଜଳସେଚନ କରାଯିବା ପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର କୌଣସି ସ୍ୱତନ୍ତ୍ର ଅର୍ଥର ବ୍ୟବସ୍ଥା ନଥିବା ଜଣାପଡିଛି । ବିଧାୟକ ମୋହନ ଚରଣ ମାଝୀଙ୍କ ଏ ସଂକ୍ରାନ୍ତୀୟ ଏକ ପ୍ରଶ୍ନର ଉତରରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସୂଚନା ଅନୁଯାୟୀ ୨୦୧୯ ଡିସେମ୍ବର ଶେଷସୁଦ୍ଧା ରାଜ୍ୟରେ ୨୪୫ ବ୍ଲକରେ ୩୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ଅବଶିଷ୍ଟ ୬୮ଟି ବ୍ଲକରେ ଏହି ଲକ୍ଷ୍ୟ ପୁରଣ ପାଇଁ ପ୍ରୟାସ ଜାରି ରହିଥିବା ସେ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ୩୫ ପ୍ରତିଶତରୁ କମ ଜଳସେଚନ ହୋଇଥିବା ଜିଲା ଗୁଡିକ ମଧ୍ୟରୁ କନ୍ଧମାଳରେ ସର୍ବାଧିକ ୯ଟି ବ୍ଲକ ରହିଛି । ମୟୁରଭଞ୍ଜ ଜିଲାରେ ୮ଟି ଥିବା ବେଳେ କେଉଁଝରରେ ୭ଟି ବ୍ଲକ ରହିଛି । ସେହିପରି ସୁନ୍ଦରଗଡ ଜିଲାରେ ୬ଟି ବ୍ଲକ ୩୫ ପ୍ରତିଶତରୁ କମ୍ ଜଳସେଚିତ ଥିବାବେଳେ ନବରଙ୍ଗପୁର, କୋରାପୁଟ, ବଲାଙ୍ଗୀର ଜିଲାରେ ୫ଟି ଲେଖାଏଁ ବ୍ଲକରେ ଏହି ସମସ୍ୟା ରହିଛି । ଅନ୍ୟାନ୍ୟ ଜିଲାରେ ମଧ୍ୟ କିଛି ବ୍ଲକରେ ଜଳସେଚନ ସୁବିଧା ୩୫ ପ୍ରତିଶତ ନଥିବା ରିପୋର୍ଟରୁ ଜଣାପଡିଛି । ବିଶେଷ କରି ଅନୁସୂଚୀତ ଜନଜାତିବହୁଳ ଅଞ୍ଚଳରେ ୩୫ ପ୍ରତିଶତ ଜଳସେଚନ ହୋଇ ନଥିବାରୁ ଶ୍ରୀ ମାଝୀ ଉଦ୍‌ବେଗ ପ୍ରକାଶ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ମତ ଦେଇଛନ୍ତି ।

# ମେଧାବୀଙ୍କ ସଂଖ୍ୟା କମୁଛି

**ଭୁବନେଶ୍ୱର :** ରାଜ୍ୟର ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତି ଜରିଆରେ ଆର୍ଥିକ ସହାୟତା କରିବାକୁ ଯୋଜନା କରିଥିବା ବେଳେ ବର୍ଷକୁ ବର୍ଷ ଏହି ସଂଖ୍ୟା ହ୍ରାସ ପାଉଛି । ଆବେଦନ ବଢୁଥିବା ବେଳେ ବୃତି ପାଇବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନର ଉତରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଦେଇଥିବା ତଥ୍ୟରୁ ଜଣାପଡିଛି ଯେ ୨୦୧୪-୧୫ ବର୍ଷରେ ୨୨୬୫୨ ଆବେଦନକାରୀଙ୍କ ମଧ୍ୟରୁ ୧୩୯୧୪ ପାଇବାକୁ ମନୋନୀତ ହୋଇଥିବା ବେଳେ ୨୦୧୫-୧୬ରେ ୭୦୨୯୧ଟି ଆବେଦନ ମଧ୍ୟରୁ ୨୩୬୩୭ ଜଣଙ୍କୁ ମନୋନୀତ କରାଯାଇଥିଲା । ସେହିପରି ୨୦୧୬-୧୭ରେ ୬୭୭୩୭ ଆବେଦନରୁ ୧୯୩୨୬ ମନୋନୀତ ହୋଇଥିବା ବେଳେ ୨୦୧୭-୧୮ରେ ୧୮୬୯୨୯ ଅବେଦନରୁ ୨୧୦୪୯ ଓ ୨୦୧୮-୧୯ରେ ୧୮୨୦୪୬ ଅବେଦନ ମଧ୍ୟରୁ ମାତ୍ର ୧୭୫୪୬ ଜଣ ମନୋନୀତ ହୋଇଛନ୍ତି । ସବୁଠୁ କମ୍ ମେଧାବୃତି ପାଇଛନ୍ତି ମାଲକାନଗିରି ଜିଲାରେ । ଏହି ଜିଲାରେ ଗତ ୩ ବର୍ଷରେ ମାତ୍ର ୮୫ ଜଣ ମେଧାବୃତି ପାଇବାରେ ସକ୍ଷମ ହୋଇଛନ୍ତି । ମେଧାବୃତି ହ୍ରାସକୁ ନେଇ ଶ୍ରୀ ମାଝୀ ସରକାରଙ୍କୁ ସମାଲୋଚନା କରିବା ସହ ଅଗ୍ରାଧିକାର ଭିତିରେ ଅଧିକ ସଂଖ୍ୟକ ପିଲାଙ୍କୁ ଦେବାକୁ ପରାମର୍ଶ ଦେଇଛନ୍ତି ।

# ବିଦ୍ୟୁତ୍ ଆଘାତରେ ମଲେ ମିଳିବ ୪ ଲକ୍ଷ ଟଙ୍କା

**ଭୁବନେଶ୍ୱର :** ଏଣିକି ବିଦ୍ୟୁତ୍ ତାର ଯୋଗୁଁ ଜୀବନ ଗଲେ ବା କ୍ଷୟକ୍ଷତି ହେଲେ ଅଧିକ ପରିମାଣର କ୍ଷତିପୂରଣ ମିଳିବ ବୋଲି ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି ଯେ ବିଦ୍ୟୁତ ତାର ଲାଗି ଜୀବନ ଗଲେ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ମିଳିବ । ସେହିପରି ୬୦ ପ୍ରତିଶତ ଶରୀର ନଷ୍ଟ ହୋଇଥିଲେ ୨ ଲକ୍ଷ ଟଙ୍କା ,୪୦ ରୁ ୬୦ ପ୍ରତିଶତ ଶରୀର ନଷ୍ଟ ହୋଇଥିଲେ ୫୯ ହଜାର ୧୦୦ ଟଙ୍କା ମିଳିବ କ୍ଷତିପୂରଣ ମିଳିବ । ଏହା ବ୍ୟତୀତ ସପ୍ତାହରୁ ଅଧିକ ସମୟ ମେଡିକାଲରେ ଚିକିତ୍ସା ହେଲେ ୧୨ ହଜାର ଟଙ୍କା ଏବଂ ସପ୍ତାହରୁ କମ ସମୟ ଚିକିତ୍ସା ହେଲେ ୪ ହଜାର ୫୦୦ ସହାୟତା ଦିଆଯିବ । ସେହିପରି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗାଇ ଓ ମଇଁଷି ମଲେ ୩୦ ହଜାର ଟଙ୍କା ,ଛେଳି,ମେଣ୍ଢା ,ଘୁଷୁରି ମଲେ ୩ ହଜାର ଟଙ୍କା ଓ କୁକୁଡ଼ା ଫାର୍ମ ନଷ୍ଟ ହେଲେ ୫ ହଜାର କ୍ଷତିପୂରଣ ମିଳିବ । ରାଜ୍ୟ ସରକାର ଏ ନେଇ ବିଦ୍ୟୁତ ନିୟମକ ଆୟୋଗକୁ ସୁପାରିଶ କରିଛନ୍ତି ।୨୦୧୪ରୁ ୧୯ ବର୍ଷ ମଧ୍ୟରେ ୧୧୫୭ଟି ବିଦ୍ୟୁତ ଜନିତ ଦୁର୍ଘଟଣା ଘଟିଛି ଏବଂ ଦୁର୍ଘଟଣାରେ ୮୮୨ ମୃତ୍ୟୁବରଣ କରିଛନ୍ତି । ସେହିପରି ବିଦ୍ୟୁତ୍ ଆଘାତରେ ୪୩ ହାତୀ ମରିଛନ୍ତି ବୋଲି ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଜଣାଇଛନ୍ତି ।

# ବଢିଚାଲିଛି ଦୁଷ୍କର୍ମ, ସର୍ବାଗ୍ରେ ମୟୂରଭଞ୍ଜ

**ଭୁବନେଶ୍ୱର :** ନାରୀ ସୁରକ୍ଷା ଓ ଅପରାଧକୁ ନିୟନ୍ତ୍ରଣ କରିବା ଲାଗି ସରକାର ଅନେକ ପଦକ୍ଷେପ ନେଉଛନ୍ତି । ତଦନ୍ତକାରୀ ସଂସ୍ଥା ବା ପୁଲିସକୁ ଅଧିକ କ୍ରିୟାଶୀଳ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସରଞ୍ଜାମ ଯୋଗାଉଛନ୍ତି । ହେଲେ ରାଜ୍ୟରେ ନାରୀ ନିର୍ଯାତନା ଓ ଅପରାଧ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି । ବିଧାନସଭା ତଥ୍ୟ ଅନୁସାରେ, ରାଜ୍ୟରେ ଦୁଷ୍କର୍ମ ମାମଲା ବଢ଼ିଛି । ଯାହା ପୁଲିସ ଓ ପ୍ରଶାସନ ପାଇଁ ଚିନ୍ତାରେ ପକାଇଦେଇଛି । ତଥ୍ୟ ଅନୁସାରେ, ୨୦୧୮ରେ ରାଜ୍ୟରେ ୨୫୦୨ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା । ୨୦୧୯ରେ ଏହା ୧୭.୯ ପ୍ରତିଶତ ବଢ଼ି ୨୯୫୦ରେ ପହଞ୍ଚିଛି । ସେହିପରି ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାରେ ୨୨.୨ ପ୍ରତିଶତ ଦୁଷ୍କର୍ମ ମାମଲା ବଢ଼ିଛି । ୨୦୧୮ରେ ୧୨୨ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୦୧୯ରେ ୧୪୯କୁ ବୃଦ୍ଧି ପାଇଛି । ତେବେ



ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ଦୁଷ୍କର୍ମ ମାମଲା ରୁଜୁ କରାଯାଇଛି । ୨୦୧୯ରେ ମୟୂରଭଞ୍ଜରେ ୨୦୩ଟି ମାମଲା ରୁଜୁ ହୋଇଛି । ସେହିପରି ଯାଜପୁରରେ ୧୬୬ ଓ ଗଞ୍ଜାମରେ ୧୨୮ଟି ମାମଲା ରୁଜୁ କରାଯାଇଛି । ଅନ୍ୟ ଜିଲ୍ଲାଗୁଡ଼ିକରେ ମାତ୍ରାଧିକ କମ ସଂଖ୍ୟାରେ ମାମଲା ରୁଜୁ କରାଯାଇଛି । ସେହିପରି ମାନବ ଚାଲାଣ ମାମଲା ମଧ୍ୟ ବୃଦ୍ଧି ପାଇଛି । ୨୦୧୮ରେ ରାଜ୍ୟରେ ମାତ୍ର ୫୧ଟି ମାମଲା ରୁଜୁ କରାଯାଇଥିବା ବେଳେ ୨୦୧୯ରେ ୧୨୯.୪ ପ୍ରତିଶତ ବୃଦ୍ଧି ପାଇଛି । ଏଥିସହିତ ମହିଳାଙ୍କୁ ଦୁର୍ବ୍ୟବହାର ମାମଲା ମଧ୍ୟ ୨୪.୯ ପ୍ରତିଶତ ବଢ଼ିଛି । ସେହିପରି ଧର୍ତ୍ତବ୍ୟ ଅପରାଧ କ୍ଷେତ୍ରରେ ମଧ୍ୟ ୨୦୧୮ ଅପେକ୍ଷା ୧୯ରେ ୧୩.୧ ପ୍ରତିଶତ ବଢ଼ିଛି । ରାଜ୍ୟରେ ଅପରାଧ କମିବା ପରିବର୍ତ୍ତେ ବଢୁଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତାପ୍ରକଟ କରିଛନ୍ତି । ହେଲେ ସରକାର ତଥା ପୁଲିସ ପ୍ରଶାସନ ଏହାକୁ ନେଇ ବ୍ୟସ୍ତବିବ୍ରତ ନୁହେଁ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି । ବରିଷ୍ଠ ପୁଲିସ ଅଧିକାରୀଙ୍କ ମତ ଅନୁସାରେ, 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ପରେ ପୁଲିସ 'ଫ୍ରିଂ ରେଜିଷ୍ଟ୍ରେସନ' ବା ଚିନ୍ତାମୁକ୍ତ ହୋଇ ମାମଲା ରୁଜୁ କରୁଛି । ଯିଏ ଥାନାକୁ ଅଭିଯୋଗ ନେଇ ଆସୁଛି, ପୁଲିସ ତତ୍‌କ୍ଷଣାତ ମାମଲା ରୁଜୁ କରି ତଦନ୍ତ କରୁଛି । ପୂର୍ବରୁ ଥାନାରେ ମାମଲା ରୁଜୁ ହେଉନଥିବା ଅଭିଯୋଗ ଆସୁଥିଲା । ଏବେ କୌଣସି ସ୍ଥାନରୁ ଏଭଳି ଅଭିଯୋଗ ଆସୁନାହିଁ । ତେଣୁ ମାମଲା ବଢ଼ିବା ସ୍ୱାଭାବିକ, ଏଥିରେ ଚିନ୍ତାପ୍ରକଟ କରିବାର କୌଣସି କାରଣ ନାହିଁ । ସେହିପରି ଦୁଷ୍କର୍ମ ମାମଲା ବଢୁଛି । ଏହା ସତ୍ୟ, ମାତ୍ର ଏସବୁ ମାମଲାର ୯୫ ପ୍ରତିଶତ ପ୍ରେମଜନିତ ଓ ଇଚ୍ଛାଅନୁସାରେ ଶାରୀରିକ ସମ୍ପର୍କ ରଖାଯାଉଛି । ମାତ୍ର ୫ପ୍ରତିଶତ ଘଟଣା ସତରେ ଘଟେ । ତେବେ ଯୁବପିଢ଼ି ସଚେତନ ହେଲେ ଏଭଳି ଅପରାଧକୁ ରୋକା ଯାଇପାରିବ । ଅପରପକ୍ଷରେ ଏନ୍‌ସିଆର୍‌ପି ତଥ୍ୟ ଅନୁସାରେ, ୨୦୧୭ ତୁଳନାରେ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଇଥିବା ବେଳେ ଦୁଷ୍କର୍ମ ମାମଲା ହ୍ରାସ ପାଇଛି । ୨୦୧୮ରେ ଓଡ଼ିଶାରେ ୨୦ ହଜାର ୨୭୪ଟି ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି । ୨୦୧୭ରେ ୨୦ହଜାର ୯୮ ଜଣ ମହିଳା ନିର୍ଯାତନାର ଶିକାର ହୋଇଥିଲେ । ତେବେ ୨୦୧୭ ତୁଳନାରେ ୨୦୧୮ରେ ଦୁଷ୍କର୍ମ ଅହେତୁକ ଭାବେ ହ୍ରାସ ପାଇଛି । ୨୦୧୭ରେ ଓଡ଼ିଶାରେ ୨ହଜାର ୮୨ ଜଣ ମହିଳା ଦୁଷ୍କର୍ମ ଶିକାର ହୋଇଥିବା ବେଳେ ୨୦୧୮ରେ ଏହା ହ୍ରାସ ପାଇ ୯୮୩କୁ ଖସି ଆସିଛି ।

# ଜୁନିୟର କଲେଜରେ ୯୯ ହଜାର ସିଟ୍ ଫାଙ୍କା

**ଭୁବନେଶ୍ୱର :** ରାଜ୍ୟରେ କନିଷ୍ଠ ମହାବିଦ୍ୟାଳୟରେ ୯୯୦୮୮ ସିଟ୍ ଖାଲି ପଡିଥିବା ବେଳେ ଗଞ୍ଜାମ ଜିଲାରେ ସର୍ବାଧିକ ୧୨୦୦୯ଟି ଖାଲି ପଡିଛି । କଳାରେ ଅଳ୍ପ ସିଟ୍ ଖାଲି ପଡିଥିବା ବେଳେ ବିଜ୍ଞାନରେ ସର୍ବାଧିକ ୬୧୬୦୫ଟି ସିଟ୍ ଖାଲି ପଡିଛି । ବିଜେପି ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନର ଉତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ତଥ୍ୟରୁ ଜଣାପଡିଛି ଯେ ରାଜ୍ୟରେ ମୋଟ ୧୬୨୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ସେଥିରେ କଳାରେ ୨,୩୯,୬୫୮ଟି ଆସନ ରହିଥିବା ବେଳେ ୧୭,୫୦୨ଟି ଆସନ ଖାଲି ପଡିଛି । ବିଜ୍ଞାନରେ ଖାଲି ଅଧିକ ଆସନ ଖାଲି ପଡିଛି ।ଏହି ବିଷୟରେ ମୋଟ ୧,୪୫,୫୫୦ ଆସନ ଥିବା ବେଳେ ୮୩,୭୪୫ ପିଲା ଆଡମିଶନ ନେଇଛନ୍ତି । ଅବଶିଷ୍ଟ ୬୧,୬୦୫ ଆସନ ଖାଲି ପଡିଛି । ସେହିପରି ବାଣିଜ୍ୟରେ ମଧ୍ୟ ଖାଲିଥିବା ସିଟ୍ ପ୍ରତିଶତ ଅଧିକ । ଏହି ବିଷୟରେ ମୋଟ ୪୪୫୯୫ ଆସନ ମଧ୍ୟରୁ ୧୯,୭୮୧ ଆସନ ଖାଲି ପଡିଛି । ଜିଲା ଅନୁସାରେ ଗଞ୍ଜାମରେ ସର୍ବାଧିକ ଆସନ ଖାଲି ପଡିଥିବା ବେଳେ ତା'ତଳକୁ ରହିଛି ଖୋର୍ଦ୍ଧା । ସେହି ଜିଲାରେ ୯୧୪୦ ଆସନରେ ପିଲା ଆଡମିଶନ ନେଇନାହାନ୍ତି । ଦେବଗଡ ଜିଲାରେ ସବୁଠୁ କମ୍ ୩୦୧ଟି ଆସନ ଖାଲିଥିବା ଜଣାପଡିଛି । ଆସନ ଖାଲି ପଡିବା ସହ କିଛି ଅଧାପକ ପଦବୀ ମଧ୍ୟ ଖାଲି ପଡିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ୧୭ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୧୦ଟି ଅଧାପକ ପଦବୀ ଖାଲି ପଡିଥିବା ଜଣାପଡିଛି । ଅଧାପକ ଅଭାବ ଓ ଆସନ ଖାଲି ପଡିବାକୁ ନେଇ ବିଧାୟକ ଶ୍ରୀ ମାଝୀ ଉଦ୍‌ବେଗ ପ୍ରକାଶ କରିବା ସହ ଶିକ୍ଷାର ବିକାଶ ପାଇଁ ଏ ଦିଗରେ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି ।

**ପିଏମ୍‌ଏୱାଇ-ବିପିଜିଏୱାଇକୁ ନେଇ ଟଣାଓଟରା**

# ଲାଗିବ କେନ୍ଦ୍ର ଓ ରାଜ୍ୟର ଲୋଗୋ

**ଭୁବନେଶ୍ୱର :** ରାଜ୍ୟରେ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଘରେ ପିଏମଏୱାଇଜି ଲୋଗୋ ସହିତ ବିଜୁ ପକ୍କାଘର ଲୋଗୋକୁ ସ୍ଥାପନ କରିବାପାଇଁ କ୍ଷେତ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର ଯୋଜନାରେ ପରିଣତ କରିବାକୁ ରାଜ୍ୟ ସରକାର ପ୍ରୟାସ କରି ନାହାନ୍ତି । ପିଏମଏୱାଇଜି ଯୋଜନାରେ ରାଜ୍ୟ ଅଂଶଧନ ରହିଥିବାରୁ ବିଜୁ ପକ୍କାଘର ନାମକୁ ପିଏମଏୱାଇଜି ସହିତ ଉଲ୍ଲେଖ କରିବା ଯଥାର୍ଥ ଓ ଉଚିତ୍ ପଦକ୍ଷେପ ବୋଲି ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ବୁଧବାର ବିଧାନସଭାରେ ଜୟନାରାୟଣ ମିଶ୍ର , ମୋହନ ଚରଣ ମାଝୀ , ବିଷ୍ଣୁ ଚରଣ ସେଠୀ, ମୁକେଶ ମହାଲିଙ୍ଗ , ସନାତନ ବିଜୁଳି , ନାଉରୀ ନାଏକ





ଏବଂ ନବ ଚରଣ ମାଝୀ ଆଣିଥିବା ଏସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତରରେ ମନ୍ତ୍ରୀ ଏହା କହିଥିଲେ । ଅନ୍ୟପକ୍ଷରେ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ କାଟନ୍ତୁ , ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଦାବି କରିଥିଲେ । ମନ୍ତ୍ରୀଙ୍କ ଉତରରେ ଅସନ୍ତୋଷ ପ୍ରକାଶ କରି ବିଜେପି ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ । ମୋହନ ମାଝୀ କହିଥିଲେ ଯେ ରାଜ୍ୟରେ କେତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଓ ବିଜୁ ପକ୍କା ଘର ଯୋଜନାରେ କେତେ ଘର ହୋଇଛି ଓ ଏଥିପାଇଁ କେତେ ଖର୍ଚ୍ଚ ହୋଇଛି , କେତେ ଟାର୍ଗେଟ୍ ଥିଲା ଓ କେତେ ପୂରଣ ହୋଇଛି ତାର ପୂର୍ଣ୍ଣାଙ୍ଗ ତଥ୍ୟ ଗୃହରେ ରଖାଯାଉ । ଭୂମିହୀନ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ସେ ଦାବି କରିଥିଲେ । ହିତାଧିକାରୀଙ୍କ ତାଲିକାରେ ତ୍ରୁଟି ରହିଛି । ଏହାର ସମୟସୀମା ବୃଦ୍ଧି କରାଯାଇ ସଠିକ୍ ତାଲିକା ପ୍ରକାଶ କରାଯାଉ । ସେହିପରି ଫନି ପ୍ରଭାବିତ ଲୋକଙ୍କୁ ମଧ୍ୟ ଘର ଦିଆଯାଉ । ଭାସ୍କର ମଢେଇ କହିଥିଲେ ଯେ ପିଇଓମାନେ ଲୋକଙ୍କ ପାଖକୁ ନଯାଇ ବ୍ଲକ୍ ଅଫିସ୍ ରେ ବସି ତାଲିକା ପ୍ରସ୍ତୁତ କରୁଛନ୍ତି । ସନ୍ତୋଷ ସିଂହ ସାଲୁଜା କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପୂର୍ବରୁ ଇନ୍ଦିରାଆବାସ ଯୋଜନା ଥିଲା । ଏନଡିଏ ସରକାର ଏହାର ନାମ ପରିବର୍ତନ ସହ ଅନୁଦାନ ମଧ୍ୟ କମାଇଛନ୍ତି । ଅଶ୍ୱିନୀ ପାତ୍ର , ରମେଶ ଚନ୍ଦ୍ର ସାଏ, ପ୍ରଫୁଲ୍ଲ ସାମଲ , ଧ୍ରୁବ ଚରଣ ସାହୁ ପ୍ରମୁଖ ଧ୍ୟାନଆକର୍ଷଣକାରୀ ପ୍ରସ୍ତାବ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ ପଶ୍ଚିମବଙ୍ଗରେ ଏହି ଯୋଜନାରେ ମିଳୁଥିବା ଘରେ ବାଂଲା ଆବାସ ଯୋଜନା ଲେଖାଯାଉଛି ।

# ବାଆଁରାରେ ପ୍ରତିଷ୍ଠା ହେବ ଜଗତ୍‌ଗୁରୁ କୃପାଳୁ ବିଶ୍ୱ ବିଦ୍ୟାଳୟ

**ଭୁବନେଶ୍ୱର :** ଆଇନ ପ୍ରଣୟନ ପାଇଁ ଗୃହରେ ଆଗତ ହୋଇଥିବା ଜଗତଗୁରୁ କୃପାଳୁ ବିଶ୍ୱ ବିଦ୍ୟାଳୟ, ଓଡ଼ିଶା ବିଲ୍ - ୨୦୨୦ ପାରିତ ହୋଇଯାଇଛି । ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଏହି ବିଲ୍ ଗୃହରେ ଆଗତ କରିଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକରେ ଏହା ଉପରେ ଆଲୋଚନା କରାଯାଇଥିଲା । ଅନ୍ୟପକ୍ଷରେ ଏହି ବିଲ୍ ଉପରେ ଅଧିକ ତର୍ଜମା କରିବା ପାଇଁ ଯାଂଚ କମିଟିକୁ ପଠେଇବା ଲାଗି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସଂଶୋଧନ ପ୍ରସ୍ତାବ ଆଣିଥିବା ବେଳେ ମୁଖ୍ୟ ବିରୋଧି ବିଜେପି ଦଳର ସଦସ୍ୟ ମାନେ ଏହି ତର୍ଜମାପାଇଁ ଅଧିକ ସମୟ ବିଧାୟକ ମାନଙ୍କୁ ଦେବା ପାଇଁ ଦାବି କରିଥିଲେ । ଉଭୟଙ୍କର ଦାବି ସରକାର ଗ୍ରହଣ କରିନଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ବିଲ୍‌ରେ ବହୁ ଦୋଷ ତ୍ରୁଟି ରହିଛି । ସରକାର ତରବରିଆ ଭାବେ ବିଲ୍‌ଟିକୁ ପାରିତ କରିବାକୁ ଚାହୁଁଛନ୍ତି । ଏହି ବିଲ୍ ପାଶ୍ କରାଗଲେ କୋର୍ଟରେ ଖାରଜ ହୋଇଯିବ । ଇତି ମଧ୍ୟରେ ରାଜ୍ୟ ସରକାର ଅନେକ ଗୁଡ଼ିଏ ବିଲ୍ ତରବରିଆ ଭାବେ ପାଶ୍ କରାଇଥିଲେ । ପରବର୍ତୀ ଅବସ୍ଥାରେ ହାଇକୋର୍ଟ, ସୁପ୍ରିମ୍‌କୋର୍ଟରେ ଖାରଜ ହୋଇଯାଇଥିଲା । ଏହି ବିଲ୍ ସେହିଭଳି ନ ହେଉ । ତେଣୁ ଏହା ଉପରେ ଅଧିକ ଅନୁଧ୍ୟାନ କରିବା ପାଇଁ ଆଲୋଚନା ବା ପର୍ଯ୍ୟାଲୋଚନା କରିବା ପାଇଁ ଯାଂଚ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ । ବାଚସ୍ପତି ତାକୁ ଗ୍ରହଣ କରିନଥିଲେ । ଏଥିନେଇ ନରସିଂହ ମିଶ୍ର ଓ ବାଚସ୍ପତିଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା । ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୬ ଟା ୭ରୁ ୬ଟା ୨୨, ୧୫ ମି. ପାଇଁ ଗୃହକୁ ମୁଲତବୀ ରଖିଥିଲା ବେଳେ ଉପ ବାଚସ୍ପତି ରଜନୀକାନ୍ତ ସିଂ ୬ ଟା ୨୨ରୁ, ୬ଟା ୩୭, ୧୫ ମି. ଏବଂ ୬ଟା ୩୭ ରୁ ୬ଟା ୪୨, ୫ ମିନିଟ୍ ପାଇଁ ଗୃହକୁ ମୁଲତବୀ ରଖିଥିଲେ । ବିଲ୍‌ର ଉଦ୍ଦେଶ୍ୟ ଏବଂ ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ଡ. ସାହୁ କହିଥିଲେ ଯେ, ମାନବ ସମ୍ବଳର ବିକାଶ ବିନା ଅର୍ଥନୈତିକ ପ୍ରଗତି ଅସମ୍ଭବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାନବ ସମ୍ବଳ ବିକାଶ ନୀତିର ଏକ ଅଂଶ ସ୍ୱରୂପ ସମାଜର ଅବହେଳିତ ବର୍ଗର ଲୋକମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁଯୋଗ ସୃଷ୍ଟି କରି ରାଜ୍ୟକୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଓ ସେ ଦିଗରେ ଉଦ୍ୟମ ଜାରି ରହିଛି । ତା ଛଡ଼ା ଆନ୍ତର୍ଜତୀୟ ମାନର ଉଚ୍ଚ ଶିକ୍ଷାକୁ ପ୍ରୋତ୍ସାହିତ କରିବା ସକାଶେ ରାଜ୍ୟକୁ ଏକ ଉଚ୍ଚଶିକ୍ଷା ହବ୍‌ରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି । ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ, ଭାରତୀୟ ନ୍ୟାସ ଅଧିନିୟମ, ୧୮୮୨ ଅନୁଯାୟୀ ରେଜିଷ୍ଟ୍ରୀକୃତ ହୋଇଥିବା ଜଗତଗୁରୁ କୃପାଳୁ ଯୋଗ ନ୍ୟାସ, ଉଚ୍ଚ ମାନର ଶିକ୍ଷା ଯୋଗାଇ ଦେବା ନିମନ୍ତେ କଟକ ଜିଲ୍ଲାର ଡମପଡ଼ା ତହସିଲ ଅନ୍ତର୍ଗତ ବାଆଁରା ଗ୍ରାମଠାରେ ଜଗତଗୁରୁ କୃପାଳୁ ବିଶ୍ୱ ବିଦ୍ୟାଳୟ, ଓଡ଼ିଶା ନାମରେଏକ ସ୍ୱ-ଅର୍ଥ ବ୍ୟବସ୍ଥାରେ ପରିଚାଳିତ ଏକକ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ଜଗତଗୁରୁ କୃପାଳୁ ବିଶ୍ୱ ବିଦ୍ୟାଳ୍ର, ସମାଜର ମଙ୍ଗଳ ପାଇଁ ବୈଦକ ବିଜ୍ଞାନ, ଯୋଗ ବିଜ୍ଞାନ, ଧୀ-ଶକ୍ତି ପରିଚାଳନା, ତୁଳନାତ୍ମକ ଧାର୍ମିକ ଶିକ୍ଷା ଏବଂ ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶ ନିମନ୍ତେ ବୈକଳ୍ପିକ ଭେଷଜ ବିଦ୍ୟା କ୍ଷେତ୍ରରେ ଅଭିନବ ପରିବର୍ତନ କରି ବିକାଶମୂଳକ ଓ ସାମଗ୍ରିକ ଆଧାତ୍ମିକ ଶିକ୍ଷା ପ୍ରଦାନ କରିମବ । ପ୍ରସ୍ତାବିତ ଜଗତଗୁରୁ କୃପାଳୁ ବିଶ୍ୱ ବିଦ୍ୟାଳୟ, ପାରମ୍ପରିକ ଓ ଅଣ-ପାରମ୍ପରିକ ବିଷୟଗୁଡ଼ିକ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କର ବୌଦ୍ଧିକ ଓ ବ୍ୟକ୍ତିଗତ ଜୀବନରେ ଉନ୍ନତି ଆଣିବା ପାଇଁ ପ୍ରାକୃତିକ ଚିକିତ୍ସା ଓ ଯୋଗ ବିଜ୍ଞାନ, କଳା, ସମାଜ ବିଜ୍ଞାନ, ଶାରୀରିକ ଓ ଜୀବ ବିଜ୍ଞାନ, ମେନେଜମେଂଟ, ଭାରତୀୟ ସଂସ୍କୃତି ଓ ଚାରୁକଳା, ଯୋଗ, ଆଧାତ୍ମିକବାଦ, ଧି-ଶକ୍ତି ପରିଚାଳନା ପାଠ୍ୟକ୍ରମ ଜରିଆରେ ପ୍ରୟାସ ହେବ । ଏହି ବିଶ୍ୱ ବିଦ୍ୟାଳୟ ଅଧିନରେ ୮ଟି ବିଦ୍ୟାଳୟ ରହିବ । ସେଗୁଡ଼ିକ ହେଲା ଧାର୍ମିକ ଅଧ୍ୟୟନ ବିଦ୍ୟାଳୟ, ସ୍ୱାସ୍ଥ୍ୟ ବିଜ୍ଞାନ ବିଦ୍ୟାଳୟ, ଚାରୁକଳା ବିଦ୍ୟାଳୟ, ଭାଷା ବିଦ୍ୟାଳୟ, କଳା ବିଦ୍ୟାଳୟ, ବ୍ୟବସାୟ ଅଧ୍ୟୟନ ବିଦ୍ୟାଳୟ, ଇଂଜିନିୟର ବିଦ୍ୟାଳୟ ଓ ମୌଳିକ ବିଦ୍ୟାଳୟ । ମନ୍ତ୍ରୀଙ୍କ ଉତ୍ତରେ ପରେ ଏହି ବିଧେୟକ ପାରିତ ହୋଇଥିଲା । ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ - ବିଷ୍ଣୁ ସେଠୀ, ତାରା ପ୍ରସାଦ ବାହିନୀ ପତି, ଅତନୁ ସବ୍ୟସାଚୀ ନାୟକ, ପ୍ରଫୁଲ୍ଲ ସାମଲ, ମୋହନ ମାଝି ।

# ବିନା ଶ୍ରେଣୀ ଗୃହରେ ଚାଲିଛି ୯୦ ସ୍କୁଲ

**ଭୁବନେଶ୍ୱର :** ଶିକ୍ଷା ଉପରେ ସରକାର ଗୁରୁତ୍ୱାରୋପ କରୁଥିବା କୁହାଯାଉଥିବା ବେଳେ ମୌଳିକ ସୁବିଧା ବିନା ଚାଲିଛି ଶିକ୍ଷାଦାନ । ରାଜ୍ୟରେ ବିନା ଗୃହରେ ଚାଲିଛି ୯୦ଟି ବିଦ୍ୟାଳୟ । ୧୧୫ଟି ସ୍କୁଲର ନିଜସ୍ୱ ଗୃହ ନଥିବା ବେଳେ ୪୭୦ଟିରେ ଜଣେ ଲେଖାଏଁ ଶିକ୍ଷକ କରୁଛନ୍ତି ଶିକ୍ଷାଦାନ । ଏଭଳି ଖବର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦେଇଛନ୍ତି । ବିଜେପି ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନର ଉତରରେ ଶ୍ରୀ ଦାଶ ଦର୍ଶାଇଛନ୍ତି ଯେ ରାଜ୍ୟରେ ୩୨୦୭୨ଟି ପ୍ରାଥମିକ ସ୍କୁଲ ମଧ୍ୟରୁ ୯୦ଟିର ଘର ନାହିଁ । ସେହିପରି ୪୮,୧୮୯ ଏଲିମେଂଟାରୀ ସ୍କୁଲ ମଧ୍ୟରୁ ୧୧୫ଟିର ନିଜସ୍ୱ ଗୃହ ନଥିବା ବେଳେ ୩୧୫ଟି ସ୍କୁଲରେ ୧୦ରୁ କମ ଛାତ୍ରଛାତ୍ରୀ ପଢୁଛନ୍ତି । ତା'ଛଡା ୪୮୭୭ଟିରୁ ୧୦୪୮ଟି ହାଇସ୍କୁଲରେ କମ୍ପ୍ୟୁଟର ନାହିଁ । ୨୮ ସ୍କୁଲରେ ବିଦ୍ୟୁତ ସଂଯୋଗ ଥାଇ ମଧ୍ୟ କମ୍ପ୍ୟୁଟର କାର୍ଯ୍ୟକ୍ଷମ ନଥିବା ବେଳେ ୨୬୧୦ରେ ଲାଇବ୍ରେରୀ ନାହିଁ । ଭିତିଭୂମି ଅଭାବ ଶିକ୍ଷାଦାନ ଉପରେ ପକାଇବ ବୋଲି ଶ୍ରୀ ମାଝୀ ଆଶଙ୍କା ବ୍ୟକ୍ତ କରିବା ସହ ଏହା ଉପରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ବିଫଳତା ପାଇଁ ସଭିଏଁ ଦାୟୀ

ସମ୍ପାଦକୀୟ



ତାରକ ମହାନ୍ତି

ଉଚ୍ଚଶିକ୍ଷା ବିଭାଗର ନୂଆ ନୀତି ଅନୁସାରେ ଏଣିକି ଅଧ୍ୟାପକମାନେ ମନଇଚ୍ଛା ଛୁଟି ନେଇପାରିବେନି। ଏଥିସହ ରାଲି ଓ ଧାରଣାରେ ସାମିଲ ହେଲେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ଏହାର ବାସ୍ତବ କାରଣକୁ ଅନୁଧ୍ୟାନ କଲେ ଜଣାପଡେ ଯେ, ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୋ ସରକାର' ଓ ୫-ଟି'କୁ ମାତ୍ରାଧିକ ଗୁରୁତ୍ୱ ଦେଉଥିବାରୁ ଏହାର ପ୍ରଭାବ ଅମାନିଆ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଉପରେ ପଡିଛି। କେବଳ ଅଧ୍ୟାପକ ଓ ଅଧ୍ୟାପିକା ନୁହନ୍ତି ସରକାରୀ କଲେଜର କର୍ମଚାରୀମାନଙ୍କୁ ମଧ୍ୟ ଏହି ନିର୍ଦ୍ଦେଶ ମାନିବାକୁ ପଡିବ। ଉପରିସ୍ଥ ଅଧିକାରୀମାନଙ୍କ ନିକଟରେ ଆବେଦନ ନକରି ଓ ଅନୁମୋଦନ ଲାଭ ନକରିବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟରେ ଖିଲାପ କଲେ ଦଣ୍ଡ ଭୋଗିବା ସୁନିଶ୍ଚିତ। ଯଦିଓ ସରକାରଙ୍କ ଏଭଳି ଚିଠିକୁ ଶିକ୍ଷକ ସଂଗଠନ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିପାଇଁ ବିରୋଧାଭାଷ ମଧ୍ୟ ଆରମ୍ଭ ହୋଇଗଲାଣି। ତେବେ ସରକାର ଏଭଳି ନିଷ୍ପତ୍ତି ନେବାକୁ କାହିଁକି ଇଚ୍ଛା ପ୍ରକାଶ କଲେ ସେ କଥା ସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଅଧ୍ୟାପକ ଓ କର୍ମଚାରୀମାନେ ବୁଝିବା ଦରକାର। ଉଚ୍ଚଶିକ୍ଷା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ପ୍ରଦାନ କରାଯାଉଥିଲେ ମଧ୍ୟ ଶିକ୍ଷାଦାନ କ୍ଷେତ୍ରରେ ଯେଉଭଳି ଉନ୍ନତି ପରିଲକ୍ଷିତ ହେବା କଥା ତାହା ହୋଇପାରୁ ନଥିବାରୁ ଓ ଅଧିକ ସମୟ ବିଭିନ୍ନ ଦାବିକୁ ନେଇ ଅଧ୍ୟାପକମାନେ ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କ ବିରୋଧୀ ଆନ୍ଦୋଳନରେ ସାମିଲ ହେବା ଦ୍ୱାରା ଶିକ୍ଷାଦାନ କ୍ଷେତ୍ରରେ ଏହାର କୁପ୍ରଭାବ ପଡୁଛି। ଛାତ୍ରଛାତ୍ରୀମାନେ ଶିକ୍ଷାଲାଭରୁ ବଞ୍ଚିତ ହେବା ସହିତ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଏହା ପ୍ରତିବନ୍ଧକ ସୃଷ୍ଟି କରୁଛି। ଯେଉଁଥିପାଇଁ ମେଧାବୀ ଛାତ୍ର ସୃଷ୍ଟି ହେବା ବଦଳରେ କେବଳ ପାସ୍, ଫେଲ୍ ଆଧାରରେ ଛାତ୍ରଛାତ୍ରୀମାନଙ୍କ ଫଳ ନିର୍ଦ୍ଧାରଣ କରାଯାଇଛି। ସାମ୍ପ୍ରତିକ ସମୟରେ ଘରୋଇ କଲେଜ ଗୁଡିକରେ ଉନ୍ନତମାନର ଶିକ୍ଷାଦାନ କରାଯାଉଥିଲା ବେଳେ ସରକାରୀ କଲେଜରେ ଶିକ୍ଷାଦାନ ଅତ୍ୟନ୍ତ ନିମ୍ନମାନର ବୋଲି ଚର୍ଚ୍ଚା ହୋଇଥାଏ। ଏହାର କାରଣ ସରକାରୀ କଲେଜ ଗୁଡିକରେ କାର୍ଯ୍ୟ କରୁଥିବା ଅଧ୍ୟାପକମାନେ ଟ୍ୟୁସନଖୋର ମନୋବୃତ୍ତି ରଖି ନିଜ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବା ସହିତ ଅଧିକ ଅର୍ଥ ଉପାର୍ଜନ ନିଶାରେ ମୂଳ ଦାୟିତ୍ୱଟିକୁ ପାଶୋରି ଯାଉଛନ୍ତି। ଅଧିକାଂଶ ସମୟରେ ଦେଖାଯାଉଛି ଯେ, ନିଜେ ଚାକିରି କରୁଥିବା କଲେଜ ଅପେକ୍ଷା କୋଚିଂ ସେଣ୍ଟର ଗୁଡିକରେ ପାଠ ପଢ଼ାଇ ପକେଟ୍ ଗରମ କରିବା ହେଉଛି ଏମାନଙ୍କ ମୂଳ ଲକ୍ଷ୍ୟ। ଘରୋଇ କଲେଜରେ ଅଧ୍ୟାପକମାନଙ୍କୁ ଯେଉଁ ହାରରେ ଦରମା ଦିଆଯାଏ ତା'ଠାରୁ ଯଥେଷ୍ଟ ଅଧିକ ଦରମା ପାଉଥିଲେ ସୁଦ୍ଧା ସରକାରୀ କଲେଜର ଅଧ୍ୟାପକ/ଅଧ୍ୟାପିକମାନେ ଏଥିରେ ସନ୍ତୁଷ୍ଟ ହେଉନାହାନ୍ତି। ଯେଉଁଥିପାଇଁ ବାରମ୍ବାର ବେତନ ବୃଦ୍ଧି ଓ ଅନ୍ୟାନ୍ୟ ଦାବି ନେଇ କଲେଜର ବିନା ଅନୁମତିରେ ରାଜଧାନୀ ଆସି ବିଭିନ୍ନ ଆନ୍ଦୋଳନରେ ଭାଗ ନେଉଛନ୍ତି। ଯେଉଁଥିପାଇଁ କଲେଜର ଛାତ୍ରଛାତ୍ରୀମାନେ ଏହାର କୁପ୍ରଭାବ ଭୋଗୁଛନ୍ତି। ଅଭିଭାବକ ମାନଙ୍କର ଅସନ୍ତୋଷ ଦେଖା ଦେଉଥିଲେ ମଧ୍ୟ ଏହି ଆନ୍ଦୋଳନକାରୀ ଅଧ୍ୟାପକ/ଅଧ୍ୟାପିକାମାନେ ଏହାକୁ ଭୃକ୍ଷେପ ନକରି କେବଳ ନିଜର ସ୍ୱାର୍ଥ ହାସଲ ପାଇଁ ଏସବୁ ପନ୍ଥା ଅବଲମ୍ବନ କରି ଚାଲିଛନ୍ତି। ଯେଉଁଥିପାଇଁ ସରକାର ଓ ଉଚ୍ଚଶିକ୍ଷା ବିଭାଗ ବଦନାମ ହେବା ସହିତ ଛାତ୍ରଛାତ୍ରୀମାନଙ୍କର ଆକ୍ରୋଶର ଶିକାର ହେଉଛି।

ଏହା କେବଳ କଲେଜ ସ୍ତରର ଶିକ୍ଷା ବ୍ୟବସ୍ଥାରେ ପରିଲକ୍ଷିତ ହେଉନାହିଁ। ବିଦ୍ୟାଳୟ ସ୍ତରର ଶିକ୍ଷାରେ ମଧ୍ୟ ଏ ପ୍ରକାର ପ୍ରଭାବ ଅନୁଭୂତ ହୁଏ। ସରକାରୀ ବିଦ୍ୟାଳୟର ବହୁ ଶିକ୍ଷକ ନିଜ ସ୍କୁଲରେ ମେଧାବୀ ଛାତ୍ର ସୃଷ୍ଟି କରିବା ବଦଳରେ କୋଚିଂ ସେଣ୍ଟରକୁ ଆସି ଅଧିକ ଟଙ୍କା ନେଇ ମେଧାବୀ ଛାତ୍ର ସୃଷ୍ଟି କରିବାରେ ଲାଗି ପଡୁଛନ୍ତି। ଏହାର କାରଣ ମଧ୍ୟ ସମାନ। ଅର୍ଥଖୋର ମନୋବୃତ୍ତି ଓ ବସ୍ତୁବାଦର ଲୋଭ ଶିକ୍ଷକଙ୍କୁ ଏଭଳି ଅବସ୍ଥାରେ ପହଞ୍ଚାଇ ଦେଇଛି। ଯେଉଁଥିପାଇଁ ସେମାନେ ମଧ୍ୟ ଅଧିକ ଦରମା ଓ ସୁବିଧା ସୁଯୋଗ ହାସଲ ଲକ୍ଷ୍ୟରେ ସମୟେ ସମୟେ ରାଜରାସ୍ତାକୁ ଓହ୍ଲାଇବା ସହିତ ପରୀକ୍ଷା ବେଳେ ପିଲାଙ୍କୁ ଅଡୁଆରେ ପକାଇଥାନ୍ତି। ପୂର୍ବ କାଳର ଶିକ୍ଷା ବ୍ୟବସ୍ଥାକୁ ଅନୁଶୀଳନ କଲେ ଜଣାପଡେ ଯେ, ପୂର୍ବେ ଗୁରୁକୁଳରେ ପାଠ ପଢ଼ିବା ହେଉ କି ସେ ସମୟର ବିଦ୍ୟାଳୟମାନଙ୍କରେ ଗୁରୁ-ଶିଷ୍ୟର ଯେଉଁ ସୁସମ୍ପର୍କ ଓ ପରମ୍ପରା ରହିଥିଲା ତାହା ଲୋପ ପାଇ ସାରିଛି। ପୂର୍ବ ଭଳି ଆଉ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଆନ୍ତରିକ ସମ୍ପର୍କ ଅପେକ୍ଷା ଦାୟିତ୍ୱ ସାରି ଦେବାର ସମ୍ପର୍କ ବଢ଼ିଛି। ଯେଉଁଥିପାଇଁ କର୍ତ୍ତବ୍ୟ ପାଳନ ବ୍ୟତୀତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ପିଲାମାନଙ୍କ ସହ ଘନିଷ୍ଠ ହୋଇପାରୁନାହାନ୍ତି। ନିର୍ଦ୍ଧାରିତ ସମୟରେ ପାଠ୍ୟ ଖସଡା ଶେଷ ନହେବା ଏବଂ ବିଦ୍ୟାଳୟ ସ୍ତରରୁ ଅଧିକରୁ ଅଧିକ ଛାତ୍ରଛାତ୍ରୀ ସୃଷ୍ଟି କରିବା ଏମାନଙ୍କ ଲକ୍ଷ୍ୟର ବାହାରେ। ଏଭଳି ବି ଦେଖାଯାଇଛି ରାଜ୍ୟର ଅନେକ ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷା ଫଳ ଶୂନ୍। ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀଙ୍କ ମିଥ୍ୟା ଉପସ୍ଥାନ ଓ କୋହଳ ଶିକ୍ଷାଦାନ ହିଁ ଏଥିପାଇଁ ଦାୟୀ। କେବଳ ଦୁର୍ଗମ ଅଞ୍ଚଳରେ ଏଭଳି ଘଟୁଛି ବୋଲି କହିହେବନାହିଁ। ଅନେକ ସହରାଞ୍ଚଳ ସରକାରୀ ବିଦ୍ୟାଳୟରେ ମଧ୍ୟ ଭଲ ପାଠପଢ଼ା ହେଉନାହିଁ। ଯେଉଁଥିପାଇଁ ଅଭିଭାବକମାନେ ନିଜର ପିଲାମାନଙ୍କୁ ଘରୋଇ ସ୍କୁଲରେ ପାଠ ପଢ଼ାଇବାକୁ ଉଚିତ୍ ମଣୁଛନ୍ତି। ଏଥିରେ ସମାଜର ଦୁଇ ପ୍ରକାର କ୍ଷତି ହେଉଛି। ଗୋଟିଏ ହେଲା ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା ଯାଉଥିଲେ ବି ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି ଓ ଅପରପକ୍ଷେ ଯେଉଁ ଅଭିଭାବକମାନେ ନିଜ ପିଲାଙ୍କୁ ଭଲ ମଣିଷ କରିବାର ସ୍ୱପ୍ନ ଦେଖୁଛନ୍ତି ସେମାନେ ସାମର୍ଥ୍ୟ ନଥିଲେ ସୁଦ୍ଧା ଘରୋଇ ବିଦ୍ୟାଳୟ ଗୁଡିକରେ ପାଠ ପଢ଼ାଇବାକୁ ବାଧ୍ୟ ହେଉଛଉନ୍ତି। ଘରେଇ ବିଦ୍ୟାଳୟ ଗୁଡିକରେ ଫଳାଫଳ ଶତ ପ୍ରତିଶତ ହେଉଥିଲା ବେଳେ ସରକାରୀ ବିଦ୍ୟାଳୟରେ ଏହାର ଅନେକ ବ୍ୟତିକ୍ରମ। ତେଣୁ ଓଡ଼ିଶା ଶିକ୍ଷା ବ୍ୟବସ୍ଥାରେ ଦେଖା ଦେଇଥିବା ଏହି ବିପର୍ଯ୍ୟୟ ପାଇଁ କାହାକୁ ଦାୟୀ କରାଯିବ। ସାଧାରଣ ଲୋକ ସବୁବେଳେ ସରକାରଙ୍କୁ ଦୋଷ ଦେବା ସ୍ୱାଭାବିକ। ହେଲେ ସରକାର ଶିକ୍ଷା ବିକାଶ ପାଇଁ ନାନା ପ୍ରକାର ଯୋଜନା କରୁଛନ୍ତି। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ପଦସ୍ଥ ଅଧିକାରୀଗଣ ଅଛନ୍ତି ସେମାନଙ୍କ କର୍ତ୍ତବ୍ୟରେ ଢିଲା ପଣିଆ ଯୋଗୁ ଏଭଳି ଘଟୁଥିଲେ ବି ସେମାନଙ୍କୁ ଦୋଷାରୋପ କରାଯାଉନାହିଁ। ଯେଉଁଥିପାଇଁ ଅଧିକ ଦରମା ନେଇ ବଡ ଚାକିରି କରୁଥିବା ବାବୁମାନେ ସହଜରେ ଖସି ଯାଉଥିଲା ବେଳେ ସରକାରଙ୍କ କୋପ କେବଳ ଅଧ୍ୟାପକ ଓ ଶିକ୍ଷକମାନଙ୍କ ଉପରେ ଦେଖାଯାଉଛି। ପରିବର୍ତ୍ତିତ ପରିସ୍ଥିତିରେ ସରକାର ଶାସନକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ କେବଳ ଶିକ୍ଷା ବିଭାଗ ନୁହେଁ ସବୁ ବିଭାଗ ପ୍ରତି କଠୋର ନୀତି ଆପଣାଇବାକୁ ବାଧ୍ୟ ହେଉଛନ୍ତି। ତେଣୁ ଶିକ୍ଷା ବିଭାଗରେ ଚାକିରି କରୁଥିବା କର୍ମଚାରୀ ଓ ଅଧିକାରୀଗଣ ଏଥିରୁ କିଛି ଶିକ୍ଷାଲାଭ ନକଲେ ଭବିଷ୍ୟତରେ ଯେ ନୂଆ ନିୟମ ସଫଳ ହେବ ତାହା ସରକାର ଭାବିବା ଅନୁଚିତ୍।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଫାଶୀ ସଜା ଏବଂ ଅପିଲ୍‌ର ଅଧିକାର



ଯୁଧିଷ୍ଠିର ମହାରଣା

ସୁପ୍ରିମ କୋର୍ଟ ନିକଟରେ ଏକ ଐତିହାସିକ ନିଷ୍ପତ୍ତିରେ କହିଛନ୍ତି, ଦୟା ଯାଚିକା ଉପରେ ନିଷ୍ପତ୍ତି ନେବାରେ ବିଳମ୍ବ ଆଧାରରେ ଫାଶୀ ସଜା ଆଜୀବନ କାରାଦଣ୍ଡରେ ବଦଳାଇ ଦିଆଯାଇପାରେ । ଏମିତି ମାମଲାରେ ୧୫ଜଣ ଅଭିଯୁକ୍ତଙ୍କ ଫାଶୀ ଦଣ୍ଡ ଆଜୀବନ କାରାଦଣ୍ଡରେ ବଦଳାଇ ଦେଇଛନ୍ତି ସୁପ୍ରିମ୍‌କୋର୍ଟ । ନିମ୍ନ ଅଦାଲତରେ ଫାଶୀ ସଜା ହେବା ପରେ ଦୋଷୀକୁ କେଉଁ କେଉଁ ସ୍ଥାନରେ ନିବେଦନ କରିବାର ଅଧିକାର ରହିଛି ଏହି ପରିପ୍ରେକ୍ଷୀରେ ଆସନ୍ତୁ ଜାଣିବା ।

ହାଇକୋର୍ଟ କନ୍‌ଫର୍ମ କରେ ଫାଶୀଦଣ୍ଡ : ଆଇନ ବିଶେଷଜ୍ଞଙ୍କ ମତ ଅନୁଯାୟୀ ହତ୍ୟା, ଦେଶଦ୍ରୋହ ସମେତ ଅନ୍ୟ ଅତ୍ୟନ୍ତ ସଙ୍ଗୀନ ମାମଲା ମଧ୍ୟରୁ ରେୟାରେଷ୍ଟ ଅଫ୍ ରେୟାରକୁ ଫାଶୀ ସଜା ଦିଆଯାଏ । ନିମ୍ନ ଅଦାଲତ ଫାଶୀ ଦଣ୍ଡ ଶୁଣାଇବା ପରେ ଏହି ସଜା କନ୍‌ଫର୍ମ କରିବା ପାଇଁ ଉଚ୍ଚ ଅଦାଲତକୁ ପଠାଯାଏ । ହାଇକୋର୍ଟରେ ଏହି ଦଣ୍ଡ ବିରୋଧରେ ଆବେଦନ କରିବା ପାଇଁ ଦୋଷୀକୁ ଦୁଇମାସ ସମୟ ଦିଆଯାଏ । ଏ ମଧ୍ୟରେ ନିମ୍ନ ଅଦାଲତରୁ ଦଣ୍ଡ ସମ୍ପର୍କରେ ଶେଷ ନିଷ୍ପତ୍ତି ପାଇଁ ହାଇକୋର୍ଟ ପଠାଯାଏ । ହାଇକୋର୍ଟରେ ଫାଶୀ ଦଣ୍ଡ ସମ୍ପର୍କରେ ଶେଷ ନିଷ୍ପତ୍ତି ଏବଂ ଏହା ବିରୋଧରେ ଆବେଦନ ଉଭୟର ନିଷ୍ପତ୍ତି ନିଆଯାଏ । ଯଦି ହାଇକୋର୍ଟ ନିମ୍ନ ଅଦାଲତର ନିଷ୍ପତ୍ତିକୁ କାଏମ୍ ରଖନ୍ତି ତେବେ ସୁପ୍ରିମକୋର୍ଟରେ ଏହା ବିରୋଧରେ ଅପିଲ ଦାଖଲ କରିବାର ବ୍ୟବସ୍ଥା ରହିଛି ।

ସୁପ୍ରିମକୋର୍ଟ ପାଇଁ ତିନିମାସ ସମୟ : ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିବା ପାଇଁ ଦୋଷୀକୁ ତିନିମାସ ସମୟ ଦିଆଯାଏ । ଯଦି ସୁପ୍ରିମକୋର୍ଟ ଫାଶୀ ସଜା କାଏମ୍ ରଖନ୍ତି ତେବେ ଦୋଷୀ ରିଭ୍ୟୁ ପିଟିସନ ଦାଖଲ କରିପାରେ । ଯେଉଁ ବେଞ୍ଚ ନିଷ୍ପତ୍ତି ନେଇଛନ୍ତି ସେହି ବେଞ୍ଚରେ ରିଭ୍ୟୁ ପିଟିସନ ଦାଖଲ କରାଯାଏ । ରିଭ୍ୟୁ ପିଟିସନରେ ଦୋଷୀ ଦଣ୍ଡ ବଦଳାଇବା ପାଇଁ ତର୍କ ଉପସ୍ଥାପିତ କରିଥାଏ । ରିଭ୍ୟୁ ପିଟିସନ ଖାରଜ ହୋଇଗଲେ ଦୋଷୀ କ୍ୟୁରେଟିଭ୍ ପିଟିସନ ଦାଖଲ କରିପାରେ । କ୍ୟୁରେଟିଭ୍ ପିଟିସନ ଅଦାଲତଙ୍କ ନିଷ୍ପତ୍ତିର ଆଇନଗତ ତ୍ରୁଟି ଉପରେ ପ୍ରଶ୍ନ ଉଠାଇପାରେ । ଯଦି କୌଣସି ନିଷ୍ପତ୍ତିରେ ଆଇନ୍‌ଗତ ଦିଗ ଦେଖାଯାଇନଥାଏ, ତେବେ କ୍ୟୁରେଟିଭ୍ ପିଟିସନରେ ଏହା ଦର୍ଶାଯାଏ । କ୍ୟୁରେଟିଭ୍ ପିଟିସନ ଏବଂ ରିଭ୍ୟୁ ପିଟିସନ ସାଧାରଣତଃ ଇନ୍‌ଚାମ୍ବର କରାଯାଏ । କିନ୍ତୁ କେତେକ ମାମଲାରେ ଯଦି ଅଦାଲତ ମନେ କରନ୍ତି ଏହି ପିଟିସନର ଶୁଣାଣି ମୁକ୍ତ ଅଦାଲତରେ ହୋଇପାରେ, ତେବେ ଖୋଲା ଅଦାଲତରେ ଏହାର ଶୁଣାଣି ହୁଏ । ରିଭ୍ୟୁ ପିଟିସନ ପରେ କ୍ୟୁରେଟିଭ୍ ପିଟିସନ ଖାରଜ ହୋଇଗଲେ ଦୋଷୀ ଦୟା ଯାଚିକା ଦାଖଲ କରିପାରନ୍ତି । ସମ୍ବିଧାନ ଅନୁଚ୍ଛେଦ ୭୨ ଅନୁଯାୟୀ ରାଷ୍ଟ୍ରପତିଙ୍କ ପାଖରେ ଏବଂ ଅନୁଚ୍ଛେଦ ୧୬୧ ଅନୁଯାୟୀ ରାଜ୍ୟପାଳଙ୍କ ପାଖରେ ଦୟା ଯାଚିକା ଦାଖଲ କରାଯାଇପାରେ । ସେ ଚାହିଁଲେ ଦୋଷୀର ଫାଶୀ ସଜାକୁ ଆଜୀବନ କାରାଦଣ୍ଡରେ ବଦଳାଇ ପାରନ୍ତି କିମ୍ବା କ୍ଷମା ପ୍ରଦାନ କରିପାରନ୍ତି । ଏଥିପାଇଁ ରାଷ୍ଟ୍ରପତି ଗୃହ ମନ୍ତ୍ରଣାଳୟରୁ ରିପୋର୍ଟ ମାଗନ୍ତି ଏବଂ କେନ୍ଦ୍ର ସରକାରଙ୍କ ରାୟ ଆଧାରରେ ନିଷ୍ପତ୍ତି ନିଅନ୍ତି।

ସୁପ୍ରିମ୍‌କୋର୍ଟ ନିକଟରେ ଏକ ନିଷ୍ପତ୍ତିରେ କହିଛନ୍ତି, ଯଦି ଦୟା ଯାଚିକା ସଂପର୍କରେ ନିଷ୍ପତ୍ତି ନେବାରେ ବିଳମ୍ବ ହୁଏ ତେବେ ଏହା ଆଧାରରେ ଫାଶୀକୁ ଆଜୀବନ କାରାଦଣ୍ଡରେ ବଦଳାଇ ହେବ । ତେଣୁ କୌଣସି ଦୋଷୀଦୟା ଯାଚିକା ଉପରେ ନିଷ୍ପତ୍ତି ନେବାରେ ବିଳମ୍ବ ହୋଇଥିବା ଆଧାରରେ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିପାରନ୍ତି । ସୁପ୍ରିମ୍‌କୋର୍ଟରେ ଏହି ଆବେଦନ ଖାରଜ ହେବା ପରେ ଦୋଷୀକୁ ଫାଶୀ ଦେବା ପାଇଁ ଡେ଼ଥ୍ ୱାରେଣ୍ଟ ଜାରି କରାଯାଏ । ଫାଶୀଦଣ୍ଡ ପାଇଥିବା ଦୋଷୀର ଆବେଦନ କୌଣସି ଅଦାଲତରେ ଅଟକି ନଥିଲେ ଏବଂ ଏପରିକି ରାଷ୍ଟ୍ରପତିଙ୍କ ପାଖରେ ଆବେଦନ ଖାରଜ ହୋଇସାରିଥିଲେ ଜେଲ ଅଧିକ୍ଷକ ଏ ସମ୍ପର୍କରେ ସଂପୃକ୍ତ ନିମ୍ନ ଅଦାଲତକୁ ସୂଚୀତ କରନ୍ତି । ଜେଲ୍ ଅଧିକାରୀ ନିମ୍ନ ଅଦାଲତଙ୍କୁ ଦୋଷୀର ଆଇନଗତ୍ ସ୍ଥିତି ସମ୍ପର୍କରେ ସୂଚନା ଦେବା ସହ ଉକ୍ତ କଏଦୀ ସହ କ'ଣ କରାଯିବ ଏବଂ କେବେ ଫାଶୀ ଦିଆଯିବ ଇତ୍ୟାଦି ପଚାରନ୍ତି । ଏହାପରେ ସଂପୃକ୍ତ ସେସନ୍ସ କୋର୍ଟ ଉକ୍ତ ଦୋଷୀ ନାମରେ ଡେଥ୍ ୱାରେଣ୍ଟ ଜାରି କରନ୍ତି ଏବଂ ସେଥିରେ କଏଦୀକୁ ଫାଶୀ ଦେବାର ତାରିଖ ଏବଂ ସମୟ ସ୍ଥିର କରାଯାଇଥାଏ । ସେହି ତାରିଖ ଏବଂ ସମୟରେ ଫାଶୀ ଦଣ୍ଡ ଦିଆଯାଏ । ବିଶ୍ୱର ଅଧିକାଂଶ ଦେଶ ମୃତ୍ୟୁଦଣ୍ଡ ଉଚ୍ଛେଦ ଦିଗରେ ଆଗେଇଛନ୍ତି । ୧୯୯୦ ମସିହାରୁ ପ୍ରାୟ ପ୍ରତିବର୍ଷ ତିନୋଟି ଦେଶ ମୃତ୍ୟୁଦଣ୍ଡ ଉଚ୍ଛେଦ କରୁଛନ୍ତି । ଆଜି ପର୍ଯ୍ୟନ୍ତ ବିଶ୍ୱର ଦୁଇ ତୃତୀୟାଂଶ ଦେଶ ଫାଶୀ ଦଣ୍ଡ ଉଚ୍ଛେଦ କରିଛନ୍ତି ବା ପ୍ରଚଳନ ବନ୍ଦ କରିଛନ୍ତି । ଏ ମଧ୍ୟରେ ୧୪୦ଟି ଦେଶ ୨୦୧୭ ମସିହା ସୁଦ୍ଧା ଏହି ଦଣ୍ଡ ଉଚ୍ଛେଦ କରିଦେଇଥିଲେ । କିନ୍ତୁ ୨୧ଟି ଦେଶରେ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଛି ଏବଂ ରାୟରେ ଫାଶୀଦଣ୍ଡ ଶୁଣାଯାଇଛି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ କଟକ*
*ଦୂରଭାଷ : ୯୪୩୭୧୬୩୫୨୮*

# ମୃତ୍ୟୁକ୍ଷେତ୍ର : ଧର୍ମଘଟ ଓ ଟ୍ରାଫିକ୍ ଜାମ୍

ସୌମ୍ୟସାଇ ସିଦ୍ଧାର୍ଥ

ଏକ ଛାତିଥରା ଘଟଣାକ୍ରମରେ ଭୁବନେଶ୍ୱରର ପ୍ରମୁଖ ଗହଳି ଅଞ୍ଚଳ ନାଲକୋ ଛକରେ ଏକ ଆମ୍ବୁଲାନ୍ସ ଟ୍ରାଫିକ ଭିଡ଼ରେ ଫସି ତା ଭିତରେ ଥିବା ଜଣେ କୋମଳମତି ଶିଶୁର ଜୀବନ ଚାଲିଗଲା। ସରକାରଙ୍କ ଉନ୍ନତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାର ଏହା ଏକ ନଗ୍ନ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ। ପିଲାଟିର ଅମୂଲ୍ୟ ଜୀବନଦୀପଟି ଲିଭିଗଲା। ଭୁବନେଶ୍ୱର ଟ୍ରାଫିକ ପୋଲିସ ଯେତେବେଳେ ବିନା ହେଲମେଟଧାରୀ ଗାଡ଼ିଚାଳକ ଓ ରଙ୍ଗରୁଟ୍‌ବାଲାଙ୍କ ପାଇଁ ଅତ୍ୟନ୍ତ କଠୋର ହେଉଛି ସେହି ସମୟରେ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ଦାୟିତ୍ୱକୁ କିପରି ଅଣଦେଖା କରୁଛି ? କିଛିଦିନ ତଳେ ରଙ୍ଗରୁଟ୍‌ରେ ଆସୁଥିବା ଜଣେ ମହିଳାଙ୍କ ଆକୁତିଭରା ଟ୍ରାଫିକ ବାବୁଙ୍କୁ ଚାବି ଫେରାଇବାକୁ ନିବେଦନର ଭିଡ଼ିଓ ସୋସିଆଲ ସାଇଟରେ ଆଲୋଡ଼ନ ସୃଷ୍ଟି କରିଥିଲା। ନିଷିଦ୍ଧ ରାସ୍ତାରେ ଗାଡ଼ି ଚଲାଇ ଏହି ମହିଳା ଜଣଙ୍କ ଘରେ ତାଙ୍କ ପିଲାଟିକୁ ଛାଡ଼ି ଆସିଥିବାର ଦୁଃଖଦ କଷ୍ଟ ବି ସେ ପୋଲିସ ବାବୁଙ୍କୁ କହୁଥିଲେ ବି ତାଙ୍କ ଭିତରେ କିନ୍ତୁ ତିଳେମାତ୍ର ଦୟାମାୟା ନଥିଲା। ଏହିପରି ଘଟଣା ନିୟମିତ ଘଟୁଛି। ଟ୍ରାଫିକ ଜାମ ପରି ଧର୍ମଘଟ ମଧ୍ୟ ଆଜିର ସମୟରେ ଆମ ଜନଜୀବନର ବ୍ୟବସ୍ଥାକୁ ଦିନକୁ ଦିନ ଦୁର୍ବିସହ କରିଦେଉଛି। ଧର୍ମଘଟ ପ୍ରସଙ୍ଗ ଆଲୋଚନା କଲାବେଳେ ଦିଲ୍ଲୀ ସାଇନବାଗର ସିଏଏ ବିରୋଧୀ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିପାରିବେନି ବୋଲି ମାନ୍ୟବର ସୁପ୍ରିମକୋର୍ଟ କଡ଼ା ଅସନ୍ତୋଷରେ କହିଛନ୍ତି। ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ମାଆ ତାଙ୍କ ଚାରିମାସର ଶିଶୁକୁ ଧରି ଆନ୍ଦୋଳନରତ ଥିଲେ ଓ ପରେ ପିଲାଟିର ମୃତ୍ୟୁ ହୋଇଯାଇଥିଲା। ମାନ୍ୟବର କୋର୍ଟ ପ୍ରଶ୍ନ କରିଥିଲେ ଯେ ଚାରିମାସର ଶିଶୁ କ'ଣ ଆନ୍ଦୋଳନରେ ଅଂଶ ଗ୍ରହଣ କରିପାରିବ କି ? ସରକାରୀ କ୍ଷେତ୍ର, ବେସରକାରୀ ସଂଗଠନ ଓ ସରକାରଙ୍କ ବିଭିନ୍ନ ଉଦ୍ୟୋଗ ଠାରୁ ସବୁ କ୍ଷେତ୍ରରେ ନିଜ ଦାବି ଓ ମତ ଉପସ୍ଥାପନ ପାଇଁ ଧର୍ମଘଟର ଦୃଶ୍ୟ ଦେଖିବାକୁ ମିଳୁଛି । କେତେକ ପ୍ରସଙ୍ଗରେ ଧର୍ମଘଟର ଅବଧି ମାସ ମାସ ପର୍ଯ୍ୟନ୍ତ ଲମ୍ବିଯାଉଛି । ଧର୍ମଘଟ ସମୟରେ ରାଜପଥ ଅବରୋଧ ହୋଇ ମାଲ ପରିବହନ କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥାଏ । ଟନ ଟନ ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ସହ ଜାଳେଣି ଗ୍ୟାସ ଓ ପେଟ୍ରୋଲର ଟ୍ୟାଙ୍କର ଅଟକି ସ୍ଥାନୀୟ ଅଞ୍ଚଳରେ ଖାଉଟିଙ୍କ ଅସନ୍ତୋଷକୁ ତୀବ୍ର ରୂପ ନେଇଥାଏ ମଧ୍ୟ। ଧର୍ମଘଟରେ ଅଭାବନୀୟ ଘଟଣା ବେଳେ ବେଳେ ଦେଖିବାକୁ ମିଳିଥାଏ । ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେବା ସହ ଲୁଟପାଟ ମଧ୍ୟ ହୋଇଥାଏ । ସେହିପରି ବେସରକାରୀ କ୍ଷେତ୍ରରେ କ୍ଷତିର ତାଲିକା ଆହୁରି ଲମ୍ବିଥାଏ । ଧର୍ମଘଟ ପାଇଁ ଆମ୍ବୁଲାନ୍ସକୁ ବି ଠପ୍ କରିଦିଆଯାଏ । ମୁମୂର୍ଷୁ ରୋଗୀଟିର ଜୀବନଦୀପ ଲିଭିଯାଏ । ଟ୍ରେନ୍ ଅଟକି ରହେ ଯାହାଦ୍ୱାରା ନିଯୁକ୍ତି ପତ୍ର ପାଇଥିବା ପିଲାଟି ଚାକିରୀରେ ଯୋଗ ଦେବାରୁ ବଞ୍ଚିତ ହୋଇଥାଏ । ଏହିପରି ଅନେକ କ୍ଷତି ଧର୍ମଘଟର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦେଖିବାକୁ ମିଳିଥାଏ । ଆଉ ଧର୍ମଘଟ ବା ବନ୍ଦ ଡାକରାରେ ସାଧାରଣ ଖଟିଖିଆମାନେ କ୍ଷତିଗ୍ରସ୍ତ ହୋଇଥାନ୍ତି । ସେମାନଙ୍କ ଚୁଲି ଜଳିବା ବି ସମ୍ଭବ ହୋଇନଥାଏ । ପ୍ରଶ୍ନ ଉଠେ ଯେ ଧର୍ମଘଟ ବା ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ସଂଗଠିତ ହୋଇଥାଏ ବୋଲି ଦାବି କରାଯାଇଥାଏ ହେଲେ ବାସ୍ତବିକ ସ୍ଥିତି କିନ୍ତୁ ସଂପୂର୍ଣ୍ଣ ଭିନ୍ନ । ଆଉ ଧର୍ମଘଟରେ ଯଦି ସରକାରୀ କଳର ସମର୍ଥନ ଥାଏ ତାହାଲେ ତ ଅବସ୍ଥା ମୁସ୍‌କିଲ୍ । ଧର୍ମଘଟକୁ ତୀବ୍ର ବିରୋଧ କରାଯାଇ ଏ ନେଇ ନ୍ୟାୟାଳୟ ଏହା ଉପରେ ଅନେକ ସମୟରେ ରୋକ୍ ଲଗାଇଛନ୍ତି । ହେଲେ ଧର୍ମକୁ ଆଖିଠାର ମାରିଲା ପରି ନ୍ୟାୟାଳୟର ଗୁରୁତ୍ୱପୂର୍ଣ୍ଣ ରାୟକୁ ଅଳିଆ ଗଦାରେ ଏକ ପ୍ରକାର ଫୋପଡା ଯାଇ ଧର୍ମଘଟ ଚାଲୁଛି ।

ବିଭିନ୍ନ ସମୟରେ ଦେଶର ପ୍ରମୁଖ ଟ୍ରେଡ଼ ୟୁନିୟନ ପକ୍ଷରୁ ଭାରତବନ୍ଦ ଡାକରା ଦିଆଯାଉଛି । ଆମ ରାଜ୍ୟର କେତେକ ସ୍ଥାନରେ ବି ଏହାର ପ୍ରଭାବ ଅନୁଭୂତ ହୋଇଛି । କଟକ-ଭୁବନେଶ୍ୱର ଭଳି ମହାନଗରୀରେ ବସ୍, ଅଟୋ ଇତ୍ୟାଦି ଯାତ୍ରୀ ଯାନବାହନ ଚଳାଚଳ ବନ୍ଦ ରହିବା ଦ୍ୱାରା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ପେଟ୍ରୋଲପମ୍ପ ବନ୍ଦ ଥିବାରୁ ସେମାନେ ଅଧିକ ଅସୁବିଧା ଭୋଗୁଛନ୍ତି । ବ୍ୟାଙ୍କ ବନ୍ଦ ରହିଥିବାରୁ ଟଙ୍କାପଇସା କାରବାର କରାଯାଇପାରୁନାହିଁ । ଗୋଟିଏ କଥାରେ କହିଲେ ଦେଶର ପ୍ରମୁଖ ଅଞ୍ଚଳଗୁଡ଼ିକରେ ବନ୍ଦ ପ୍ରଭାବରୁ ଲୋକେ ଅସୁବିଧା ଭୋଗୁଛନ୍ତି । ତେବେ ବଡ଼ ପ୍ରଶ୍ନ ହେଉଛି ଏ ଦେଶବ୍ୟାପୀ ଧର୍ମଘଟ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକୁ ସରକାର କ'ଣ ଧ୍ୟାନ ଦେବେ ? ଯେଉଁ ସମସ୍ୟା ରହିଛି, ତାର ସମାଧାନ କରିପାରିବେ ? ଭାରତର ଅର୍ଥବ୍ୟବସ୍ଥା ଏବେ ଯେଉଁ ସ୍ଥିତିରେ ରହିଛି, ସେଥିରେ ଏଭଳି ଧର୍ମଘଟର କୁପ୍ରଭାବ ବହୁ ସମସ୍ୟାକୁ ଜନ୍ମଦେବ ସିନା ସମସ୍ୟା ନିବାରଣରେ ସାହାଯ୍ୟ କରିପାରିବ ନାହିଁ । ତେଣୁ ଯେଉଁମାନେ ଧର୍ମଘଟ କରୁଛନ୍ତି, ସେମାନେ ଏନେଇ ବହୁବାର ଚିନ୍ତା କରିବାର ଆବଶ୍ୟକତା ରହିଛି । ଏପରିସ୍ଥଳେ ଧର୍ମଘଟ ଅର୍ଥନୀତି ପାଇଁ ଦିନକୁ ଦିନ ଘାତକ ସାବ୍ୟସ୍ତ ହେଉଛି। ସବୁଠୁ ବଡ଼ ଚିନ୍ତାର ବିଷୟ ହେଉଛି ବିଭିନ୍ନ କ୍ଷେତ୍ରରେ ବିଦେଶୀ ପୁଞ୍ଜି ଲଗାଣ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ସେପରି ହେଲେ ଅର୍ଥବ୍ୟବସ୍ଥା ଉପରେ ତାର ସିଧାସଳଖ କୁପରିଣତି ଦେଖିବାକୁ ମିଳୁଛି। ଏନେଇ ସତର୍କ ହେବା ଜରୁରୀ । ଧର୍ମଘଟକାରୀମାନେ କେବଳ ସରକାରଙ୍କ ଧ୍ୟାନ ଆକର୍ଷଣ ପାଇଁ ଯେତିକି କରିବା କଥା କରନ୍ତୁ ନଚେତ୍ ଏହା ଆମ ସଭିଙ୍କ ପାଇଁ ଦୁଃସମ୍ବାଦ ନେଇ ହିଁ ଆସିବ ।

*ଆରସିଏମ୍ , ନାଲକୋ ନଗର,*
*ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*
*ଦୂରଭାଷ : ୯୦୯୦୦୫୧୫୪୩*

# ଅନ୍‌ଲାଇନ ଗେମ୍ ବିପଦ : ବଢୁଛି ଇଣ୍ଟରନେଟ୍ ଡିସ୍‌ଅର୍ଡ଼ର



ଶୁଭ୍ରଜିତ୍ ବିଶ୍ୱାଳ

ଆଜିକାଲି ପାଠପଢ଼ା ହେଉ ବା ଟ୍ୟୁସନ କୌଣସି ଏକ୍ସଟ୍ରା କ୍ଲାସ ବା ଜବ ଏଥିପାଇଁ ପିତାମାତାଙ୍କ ତାଗିଦା ରହୁଥିବାରୁ ପରିସ୍ଥିତିକୁ ମୁକାବିଲା ପାଇଁ ପିଲାମାନେ ସହଜେ ତ ଚିନ୍ତିତ ରହୁଛନ୍ତି ଆଉ ନିଜକୁ ସାନ୍ତ୍ୱନା ଦେବା ପାଇଁ ଏବଂ ନିଜ ମାନସିକତା ଠିକ୍ ରଖିବା ପାଇଁ ଆପଣାଉଛନ୍ତି ଇ-ଗେମ୍। ସହଯେ ତ ସହର ମାନଙ୍କରେ ଥିବା ଖେଳ ପଡ଼ିଆ ଅଧିକାଂଶ ଖେଳିବା ଅନୁପଯୁକ୍ତ ଏବଂ ଦିନ ଦିନ ଧରି ଭୋଜିଭାତ, ମେଳା ଉତ୍ସବ ଚାଲିଥିବାରୁ ପିଲାମାନେ ସୁଯୋଗ ବି ପାଉନାହାନ୍ତି। ଆଉ ସହଯେ ହାତପାହାନ୍ତାରେ ଭଳିକି ଭଳି ସ୍ମାର୍ଟ ଫୋନ, ଲାପଟପ୍ ଓ ଡେକ୍ସଟପ୍ ସାଙ୍ଗକୁ ବିଭିନ୍ନ କମ୍ପାନୀର ଆକର୍ଷଣୀୟ ଅନଲିମିଟେଡ ଇଣ୍ଟରନେଟ କନେକସନ ରହୁଥିବାରୁ ସେମାନଙ୍କ ଭିତରେ ଅନ୍‌ଲାଇନ ଗେମ୍ ବା ଇ-ଗେମ ପ୍ରଥମ ପସନ୍ଦ ପାଲଟୁଛି। ସେମାନେ ଟିକିଏ ସମୟ ପାଇଲା ମାତ୍ରେ ଏହି ଖେଳରେ ମାତି ଯାଉଛନ୍ତି। ସେମାନେ ଏତେ ମାତ୍ରାରେ ଅଭ୍ୟସ୍ତ ହୋଇଯାଉଛନ୍ତି ଯେ, ପାଠପଢ଼ା, ଖେଳାଖେଳି ଓ ଖାଇବା ପିଇବାରେ ଅବହେଳା କରୁଛନ୍ତି। ସେମାନଙ୍କର ମାତ୍ରାଧିକ ଆସକ୍ତି ରହୁଥିବାରୁ ଘରେ ଅଭିଭାବକମାନେ ଚିନ୍ତିତ ହେବା ସ୍ୱାଭାବିକ। ସମଗ୍ର ଦେଶରେ ଅନ୍‌ଲାଇନ ଗେମ୍‌ର ବେଶ ଲୋକପ୍ରିୟତା ରହିଛି। ଏହି ଗେମ୍ ଗୁଡ଼ିକ ଭିତରେ ପପ୍‌ଜି, କଲ୍ ଅଫ ଡ୍ୟୁଟି ଆଦି ବେଶ ଲୋକପ୍ରିୟ ହୋଇପାରିଛି। କେବଳ ସହରାଞ୍ଚଳ ନୁହେଁ ଗାଁ ଗଣ୍ଡାମାନଙ୍କରେ ଅନଲାଇନ ଗେମ୍‌ର ମାୟା ଜାଲରେ ଛାତ୍ର ଓ ଯୁବପିଢ଼ୀ ବାୟା ହେଲେଣି। ସେମାନେ ଏଥିରେ ଅଭ୍ୟସ୍ତ ଓ ଆସକ୍ତ ହୋଇଯାଉଥିବାରୁ ସେମାନଙ୍କ ଭିତରେ ଚିଡ଼ଚିଡ଼ାପଣ, କଥା ନମାନିବା ଓ ଅଳସୁଆମି ଭଳି ଅନେକ ବଦ୍‌ଗୁଣ ଦେଖିବାକୁ ମିଳୁଛି। କେତେକ ସମୟରେ ସେମାନେ ଜୀବନ ହାରି ଦେବାକୁ ପଛାଉ ନାହାନ୍ତି। ସେମାନଙ୍କର ଏହି ଖେଳ ତ ଖେଳ ନୁହେଁ ଏକ ଯୁଦ୍ଧ କ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ।

ଅନ୍‌ଲାଇନ ଗେମ୍ ପ୍ରତି ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଅନେକ ଗେମ୍ ପ୍ରସ୍ତୁତକାରୀ ସଂସ୍ଥା ଅନେକ ଅନ୍‌ଲାଇନ ଗେମ ସବୁ ବଜାରକୁ ଛାଡୁଛନ୍ତି। ଉକ୍ତ ଗେମ୍ ଗୁଡ଼ିକ କେବଳ ସହର ନୁହେଁ ବରଂ ଗାଁ ଗଣ୍ଡା ସବୁ ଅଞ୍ଚଳର ଯୁବକଙ୍କୁ କବଳିତ କରିବାରେ ଲାଗିଛି । ଫଳରେ ଯୁବପିଢ଼ି ଏବଂ ଛାତ୍ରଛାତ୍ରୀମାନେ ନିଜ ମୁଖ୍ୟ ଲକ୍ଷ୍ୟରୁ ଦୂରେଇ ଯାଇ ଏହି ଅନ୍‌ଲାଇନ ଗେମ୍‌କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ସାଧାରଣତଃ ଅନ୍‌ଲାଇନ ଗେମ୍ ଫଳରେ ଜଣେ ପ୍ରତ୍ୟେକ ଦିନ ହାରାହାରି ୪ଘଣ୍ଟା ସମୟ ଦେଉଥିବା ଜଣାପଡ଼ିଛି। ଇଣ୍ଟରନେଟ୍ ମାଧ୍ୟମରେ ଖେଳା ଯାଉଥିବା ଉକ୍ତ ଗେମ୍ ରାତି ସମୟରେ ଅଧିକ ଫାଷ୍ଟ ଚାଲୁଥିବାରୁ ଅଧିକାଂଶ ବ୍ୟବହାରକାରୀ ରାତି ଅନିଦ୍ରା ହେଉଥିବା ମଧ୍ୟ ଦେଖାଯାଉଛି। ମୋଟ ସମୟର ମାତ୍ରାଧିକ ସମୟ ଅନ୍‌ଲାଇନ ଗେମ୍ ଖେଳୁଥିବାରୁ ପରିବାର ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ପବ୍-ଜି (ପ୍ଲେୟସ ଅନ୍‌ନୋନ୍ ବେଟଲ ଗ୍ରାଉଣ୍ଡ) ୨୦ ଡିସେମ୍ବର ୨୦୧୭ରେ ୱିଣ୍ଡୋଜ୍ ସଫ୍ଟୱେର ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ହୋଇଥିବା ବେଳେ ୨୦୧୮ ମସିହା ବେଳକୁ ଆଣ୍ଡ୍ରଏଡ଼୍ ସଫ୍ଟୱେର ଏବଂ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ଆପ୍ଲିକେସନ ଷ୍ଟୋରରେ ଉପଲବ୍ଧ ହୋଇଥିଲା। ଦୁଇବର୍ଷ ମଧ୍ୟରେ ଏହା ସମଗ୍ର ଦେଶରେ ୫୦ ମିଲିୟନ ବ୍ୟକ୍ତି ଛାତ୍ରଛାତ୍ରୀ ଏବଂ ଯୁବପିଢ଼ି ବ୍ୟବହାର କରୁଛନ୍ତି। ଏହି ଗେମ୍ ମାଧ୍ୟମରେ ଏକା ସହିତ ୧୦୦ଜଣ ଉକ୍ତ ଖେଳ ସହିତ ଯୋଡ଼ି ହୋଇ ପାରିବେ। ଏଥିରେ ଏକା, ୨କିମ୍ବା ୪ ଜଣିଆ ଟିମ୍ ଭାବେ ଖେଳିବାକୁ ପଡ଼ିଥାଏ। ଉକ୍ତ ଗେମ୍‌ରେ ଖେଳାଳିମାନଙ୍କୁ ଏକ ଅଜଣା ସ୍ଥାନରେ ସେମାନଙ୍କୁ ଉଡ଼ାଜାହାଜ ଏବଂ ପାରଚ୍ୟୁଟ ଯୋଗେ ଯୁଦ୍ଧ କ୍ଷେତ୍ରକୁ ଛଡ଼ାଯାଏ। ଯେଉଁଠାରୁ ସେମାନଙ୍କୁ ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବାକୁ ପଡ଼ିଥାଏ। ଏହା ପରେ ପରେ ସେମାନଙ୍କୁ ପରସ୍ପର ସହିତ ଯୁଦ୍ଧ କରିବାକୁ ପଡ଼ିଥାଏ। ଯେଉଁ ଟିମ୍ କିମ୍ବା ବ୍ୟକ୍ତିବିଶେଷ ଶେଷ ଯାଏ ବଞ୍ଚି ରହିଥାଏ ସେ ବିଜେତା ଘୋଷିତ ହୋଇଥାଏ। ସାମାଜିକ ମନୋବିଜ୍ଞାନର ଶବ୍ଦ ଲେସିଙ୍ଗରୁ ଆସିଛି ଲୋଫର ଶବ୍ଦ। ଉଦ୍ଦେଶ୍ୟହୀନ ଭାବରେ ଏଣେତେଣେ ବୁଲୁଥିବା ଲୋକଙ୍କ ପାଇଁ ଏହି ଶବ୍ଦ ବ୍ୟବହାର କରାଯାଏ। ଇଣ୍ଟରନେଟ୍‌ରେ ମଧ୍ୟ ଏହି ପ୍ରକାର କାମ କରୁଥିବା ଲୋକଙ୍କୁ ଲୋଫର କୁହାଯାଏ। କୌଣସି ଉଦ୍ଦେଶ୍ୟ ବିନା ଇଣ୍ଟରନେଟରେ ସର୍ଫିଙ୍ଗ କରୁଥିବା ଲୋକମାନଙ୍କୁ ଇଣ୍ଟରନେଟର ଭାଷାରେ ଲୋଫର କୁହାଯାଏ। ଏପରି କରିବା ଦ୍ୱାରା ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପଡ଼େ। ଆମର ମସ୍ତିଷ୍କର ସଂରଚନା ପୁରାତନ ଯୁଗରେ ହୋଇଥିଲା, ତେଣୁ ଟେକ୍ନୋଲୋଜି ସହ ଘଣ୍ଟା ଘଣ୍ଟା ରହିବା ଦ୍ୱାରା ଏହା ଅସ୍ୱସ୍ତି ଅନୁଭବ କରେ। ଏହି କାରଣରୁ ମସ୍ତିଷ୍କ ନିଜର ସ୍ୱାଭାବିକ କାର୍ଯ୍ୟ ଯେମିତି କି ସୂଚନା ପ୍ରକ୍ରିୟାକରଣ, ସୂଚନା ବିଭାଜନ ଏବଂ ସ୍ମୃତି ସଂରକ୍ଷଣ ଆଦିରେ ପଛେଇ ଯାଏ। ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀରେ ଯଦି କୌଣସି କାର୍ଯ୍ୟକଳାପ ଉଦ୍ଦେଶ୍ୟବିହୀନ ହୁଏ ତେବେ ମସ୍ତିଷ୍କ ଏହାକୁ ସହଜରେ ଗ୍ରହଣ କରିପାରେ ନାହିଁ। ସେହି ସୂଚନାକୁ ପ୍ରକ୍ରିୟା କରିବାରେ ଏହାର ଅନେକ ଶକ୍ତି କ୍ଷୟ ହୁଏ। ମସ୍ତିଷ୍କ ଥକିଯିବା କାରଣରୁ ପଢ଼ିବା, ଲେଖିବା, ସାମାଜିକ ବ୍ୟବହାର ଏବଂ ଠିକ୍‌ଭୁଲ ବାଛିବା ଆଦିରେ ତ୍ରୁଟି ହୋଇଥାଏ। ବିଶେଷଜ୍ଞଙ୍କ ମତ ଅନୁଯାୟୀ ଗେମ୍ ପ୍ରତି ଏହି ପ୍ରକାର ଆସକ୍ତିକୁ ଗେମିଂ ବା ଇଣ୍ଟରନେଟ ଡିସ୍‌ଅର୍ଡ଼ର କୁହାଯାଏ। ଏହା ଫଳରେ ବ୍ୟବହାରକାରୀଙ୍କ ମଧ୍ୟରେ ଶାରୀରିକ ଏବଂ ମାନସିକ ଅସନ୍ତୁଳନ ସ୍ଥିତି ସୃଷ୍ଟି ହୋଇଥାଏ। ଏହି ମାନସିକ ଓ ଶାରୀରିକ ବ୍ୟାଧିକୁ ଏକ ପ୍ରକାର ରୋଗ ବୋଲି ମତ ପ୍ରକାଶ ପାଉଛି। ଏହାଦ୍ୱାରା ଜଣେ ବ୍ୟକ୍ତିର କାର୍ଯ୍ୟଦକ୍ଷତା କମ ହେବା ସହ ସ୍ୱାଭାବିକ ବ୍ୟବହାର ଓ ଦକ୍ଷତା ମଧ୍ୟ ବିଶେଷଭାବେ ପ୍ରଭାବିତ ହୋଇଥାଏ। କିଛି ଡାକ୍ତରଙ୍କ ମତ ଅନୁଯାୟୀ ଏହା କ୍ରମଶଃ ମନୁଷ୍ୟ ଜିନ୍‌ରେ ମଧ୍ୟ ଆଧିପତ୍ୟ ବିସ୍ତାରା କରିବାର ଆଶଙ୍କା ରହୁଛି। ସାଧାରଣତଃ ଗେମ ଖେଳିବା ଏକ ସମସ୍ୟା ନୁହେଁ ବରଂ ଏହାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଥିବା ଆସକ୍ତି ହିଁ ବାସ୍ତବ ସମସ୍ୟା।

'ଧ୍ୱନୀ' ଉଦିତ୍ ନଗର, ରାଉରକେଲା
ଦୂରଭାଷ : ୯୮୬୧୨୧୧୫୫୧



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ଅକ୍ରୋଧ :-**

ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ 'ବୈରାଗ୍ୟ ଡିଂଡିମ' ନାମକ ପୁସ୍ତକରେ ଏକ ଶ୍ଳୋକ ରହିଛି -

କାମ କ୍ରୋଧ ମୋହଶ୍ଚ ଦେହେ ତିଷ୍ଠନ୍ତି ତସ୍କରା :
ଜ୍ଞାନ ରତ୍ନା ପହାରାୟ ତସ୍ମାତ୍ ଜାଗ୍ରତ-ଜାଗ୍ରତ ।।

ଅର୍ଥାତ୍ ତୁମ ଭିତରେ ଛୁପି ରହିଥିବା ଜ୍ଞାନ ରତ୍ନକୁ ଚୋରି କରିବା ପାଇଁ ତିନୋଟି ଚୋର ତୁମ ଶରୀରରେ ମଧ୍ୟ ଛୁପି ରହିଛନ୍ତି। ତାହା ହେଲା କାମ, କ୍ରୋଧ, ମୋହ। ତେଣୁ ଜାଗ୍ରତ ରୁହ! ଜାଗ୍ରତ ରହୁ!

ଗୀତାରେ ମଧ୍ୟ କୁହାଯାଇଛି -

ତ୍ରିବିଧଂ ନରକସ୍ୟୋଦଂ ଦ୍ୱାରଂ ନାଶନମାତ୍ମନଃ।
କାମଃ କ୍ରୋଧ ସ୍ତଥା ଲୋକ ସ୍ତସ୍ମାଦେତତ୍ରୟଂ ତ୍ୟଜେତ୍।।

ଅର୍ଥାତ୍ କାମ, କ୍ରୋଧ, ଲୋଭ ନରକର ଦ୍ୱାର ଅଟେ। ତେଣୁ ଏହାକୁ ତ୍ୟାଗ କରିବା ଉଚିତ। ଶ୍ରୀ ଗୁରୁଦେବ ଶିବ-ଆନନ୍ଦ ନାମକ ପୁସ୍ତକରେ କ୍ରୋଧ ଉପରେ ଲେଖି ଏକ ଛୋଟ ଘଟଣା ପ୍ରତିପାଦନ କରିଛନ୍ତି। କଥାଟି ହେଲା ଗୋଟିଏ ନୌକା ଯାତ୍ରୀମାନଙ୍କୁ ନେଇ ଗଙ୍ଗାନଦୀର ଗୋଟିଏ ଘାଟରୁ ଅନ୍ୟ ଘାଟକୁ ଯିବାକୁ ବାହାରିଛି ଏହି ମଧ୍ୟରେ ଗୋଟିଏ ବ୍ୟକ୍ତି ଦୌଡି ଦୌଡି ଆସି କୁଦାମାରି ନୌକା ଉପରେ ଚଢ଼ିଗଲା। ଫଳରେ ଜଣେ ବ୍ୟକ୍ତିକୁ ଖୁବ୍ ଜୋରରେ ଧକ୍କା ଲାଗିଗଲା। ବ୍ୟକ୍ତିଟି କ୍ରୋଧ ପରବଶ ହୋଇ କହିଲା - ସାଲା! ଦେଖାଯାଉନାହିଁ କି ? ଏହା ଶୁଣି ଧକ୍କା ମାରି ଚଢ଼ିଥିବା ବ୍ୟକ୍ତିଟି ଗାଳି ଦେଇଥିବା ଲୋକଟିକୁ ପୁଣିଥରେ ଧକ୍କା ମାରି ଗଙ୍ଗାନଦୀକୁ ଠେଲି ଦେଲା। ଶ୍ରୀ ଗୁରୁଦେବ ଲେଖିଛନ୍ତି ଯେ, ଠେଲା ମାରିଥିବା ବ୍ୟକ୍ତିଟି ବହୁ ବଳବାନ ନଥିଲା ହେଲେ କିଛି ଶବ୍ଦ ଯାହା ତାର କାନରେ ପଡିଥିଲା ତାହା ତାକୁ ଏତେ କ୍ରୋଧାନ୍ୱିତ କରିଥିଲା ଯେ ସେ ତାର ବୁଦ୍ଧି ହରାଇ ଦେଇଥିଲା। କିଛି ଶବ୍ଦ ଯାହା କାନରେ ବାଜି ପବନରେ ମିଳାଇ ଯାଇଥିଲା ତା' ପାଇଁ ଏତେ କ୍ରୋଧ କରିବା କ'ଣ ଆବଶ୍ୟକ ଥିଲା। ଅନ୍ୟପଯେ ଯଦି ଧକ୍କା ଦେଇଥିବା ବ୍ୟକ୍ତିଟି ଯଦି ପଚାରି ଦେଇଥାନ୍ତା ଭାଇ! ଜୋରରେ ଆଘାତ ଲାଗିଗଲାନି ତ? ତେବେ ସମଗ୍ର ଦୃଶ୍ୟ ପୁରା ଓଲଟା ହୋଇଯାଇଥାନ୍ତା।

ଥରେ ଗୋଟିଏ ମା' ନିଜ ଛୁଆକୁ ସ୍ତନ୍ୟପାନ କରାଉଥିଲା। ମା'କୁ ଲାଗିଲା ପିଲାଟି ଧୀରେ ଧୀରେ ବେହୋସ ହେବାକୁ ଯାଉଛି। ତୁରନ୍ତ ନିକଟରେ ଥିବା ଡାକ୍ତରଖାନାକୁ ଯାଇ ପିଲାଟିକୁ ଡାକ୍ତରଙ୍କୁ ଦେଖାଇଲେ। ଡାକ୍ତର କହିଲେ ପିଲାଟିକୁ ବିଷ ଦିଆଯାଇଛି। ମା' ବହୁତ ଚିନ୍ତା କରି ମଧ୍ୟ ଜାଣି ପାରିଲା ନାହିଁ କିଏ ଏଭଳି କାମ କରିଥାଇପାରେ। ବହୁ ପଚରା ପଚରି ପରେ ଶେଷରେ ତଥ୍ୟ ବାହାରିଲା ଯେ, ମା'ଟି ପିଲାକୁ କ୍ଷୀର ପିଆଇବା ବେଳେ ଅତ୍ୟଧିକ କ୍ରୋଧ ଆବେଶରେ ଥିଲା। ଏହି କ୍ରୋଧ ଆବେଶ କାରଣରୁ କ୍ଷୀର ବିଷ ହୋଇଯାଇଥିଲା।

ଥରେ ସ୍ୱାମିଜୀ ସତସଙ୍ଗ କରିବା ପାଇଁ ଏକ ଜେଲକୁ ଯାଇଥିଲେ। ସେଠାରେ ଗୋଟିଏ ଛୋଟ ପିଲାଟିଏ କଏଦି ଭାବରେ ଦେଖା ହୋଇଥିଲା। ସ୍ୱାମିଜୀ ପଚାରିଲେ - ତୁ ଏଠାକୁ କେମିତି ଆସିଲୁ? ସେ କହିଥିଲା ହତ୍ୟା କରିବା ମାମଲାରେ ଆସିଛି। ତୁ କାହାର ହତ୍ୟା କାହିଁକି କଲୁ ପଚାରିବାରୁ ପିଲାଯି କହିଲା, ଘରେ ମା' ଖାଇବାକୁ ତିଆରି କରୁଥିଲା ଆଉ ମୁଁ ପାଖରେ ବସିଥିଲି।

(କ୍ରମଶଃ)



# ଫେସ୍‌ବୁକ ଫ୍ରେଣ୍ଡ

ମୂଳହିନ୍ଦୀ- ପ୍ରଦୀପ ବିହାରୀ



**କ**ଲିଂ ବେଲ୍ ବାଜିଉଠିଲା। ଆଶ୍ଚର୍ଯ୍ୟ ହେଲା ସନ୍ତୋଷ। କିଏ ହେଇଥିବ? ମାତ୍ର କିଛିଦିନ ପୂର୍ବରୁ ସେ ଏ ଫ୍ଲାଟ୍‌ରେ ଭଡା ରହୁଛି। ତେଣୁ ଗାର୍ଡ ଛଡା ତାକୁ ଏ ଆପାର୍ଟମେଂଟ୍‌ରେ ଆଉ କେହି ଚିହ୍ନିନାହାନ୍ତି। ପାଖାପାଖି ପନ୍ଦରଦିନଯାଏଁ ପତ୍ନୀ ଏଇଠି ରହି ରୁମ୍‌କୁ ସଜାଡିବାରେ ବ୍ୟସ୍ତ ରହୁଥିଲେ। କାହା ସହ ଚିହ୍ନାଜଣା ଥିବା କଥା କହିନଥିଲେ! ତେବେ କିଏ ହୋଇଥିବେ ସକାଳୁ ସକାଳୁ?

କଲିଂବେଲ୍ ବାଜିଉଠିଲା ପୁଣି। ସନ୍ତୋଷ କବାଟ ଖୋଲିଲା। ଜଣେ ମହିଳା ଛିଡା ହୋଇଥିଲେ।

ଆଜ୍ଞା.. !

ନମସ୍କାର। ମୁଁ ପାଂଚଶ' ଦୁଇରେ ରହୁଛି। ଆଜି ଦିନପ୍ରାୟ ଏଗାରଟାରେ ଆମଘରେ ପ୍ରଭୁ ଶ୍ରୀ ସତ୍ୟନାରାୟଣଙ୍କ ପୂଜା ଅନୁଷ୍ଠିତ ହେବ। ଦୟାକରି ଆସିବାକୁ ଅନୁରୋଧ। ମହିଳା ଜଣକ କହିଲେ।

କିନ୍ତୁ ସେତେବେଳେ ମୁଁ ଅଫିସ୍‌ରେ ଥିବି।

କିଛି କଥା ନାହିଁ, ଅଫିସ୍‌ରୁ ଫେରିବା ପରେ ଆସନ୍ତୁ। ମ୍ୟାଡାମ୍ ନାହାନ୍ତି କି?

ନା। ମାସକ ପରେ ଫେରିବେ।

ଆମେ ଆପଣଙ୍କୁ ଅପେକ୍ଷା କରିଥିବୁ କହି ମହିଳା ଜଣକ ଲିଫ୍ଟ ଆଡକୁ ଚାଲିଲେ।

ସନ୍ତୋଷ ଆଶ୍ଚର୍ଯ୍ୟଚକିତ ହୋଇପଡିଥିଲା। ସେ ତାକୁ ନିମନ୍ତ୍ରଣ କରିବାକୁ କାହିଁ ଆସିଥିଲେ? ପତ୍ନୀଙ୍କ ସହ ପରିଚୟ ହୋଇଥିବ ବୋଧେ! ଏମିତି ବି ହୋଇଥିବ ଏ ବାହାନାରେ ଆପାର୍ଟମେଂଟ୍‌ରେ ନିଜର ଏକ ସମାଜ ବନେଇବାକୁ ଚାହୁଁଥିବେ ସେ!

ଅପରାହ୍ନରେ ସେ ପାଂଚଶ' ଦୁଇକୁ ଗଲା। ଗହଳି ଲାଗିରହିଥିଲା ସେଠି। ଦରଜାରେ ଜଣେ ଭଦ୍ରବ୍ୟକ୍ତି ତାକୁ ସ୍ୱାଗତ କଲେ- ଆପଣ ଚାରିଶ' ଦୁଇରୁ ନା?

ଆଜ୍ଞା। ମ୍ୟାଡାମ୍ ଡାକିଥିଲେ।

ଭଦ୍ରବ୍ୟକ୍ତି ଜଣକ କହିଲେ- ଭିତରକୁ ଆସନ୍ତୁ। ମୁଁ ମଧୁର ସ୍ୱାମୀ। ସେ ଭିତରେ ଅତିଥିମାନଙ୍କ ସହ ବ୍ୟସ୍ତ ଅଛି। ଏଇ ସାଙ୍ଗେସାଙ୍ଗେ ଡାକିଦେଉଛି।

ଏତେ ଆତ୍ମୀୟତା ସତ୍ତ୍ୱେ ବି ସନ୍ତୋଷ ନିଜକୁ ଜଣେ ଅପରିଚିତ ଭଳି ଅନୁଭବ କରୁଥିଲା।

ଭଦ୍ରବ୍ୟକ୍ତିଜଣକ କହିଲେ- ଆମେ ଏ ଫ୍ଲାଟ୍ କିଣିଛୁ। ଏବେ ଏଇଠି ରହିବୁ। ଏ ଆୟୋଜନ ମାଧ୍ୟମରେ ସଂପର୍କ ବଢିବ। ପୁଣି ଆପଣ ମଧୁର ଫେସବୁକ୍ ବନ୍ଧୁ। ତା' ପୋଷ୍ଟିଂରେ ଖୁବ୍ ଲାଇକ୍-କମେଂଟ୍ କରନ୍ତି। ଦିନେ ମଧୁ ଆପଣ ଦୁହିଁଙ୍କୁ ଦେଖି ଚିହ୍ନିନେଇଥିଲା। ତା' ପରେ ଆପଣଙ୍କ ମ୍ୟାଡାମ୍‌ଙ୍କ ସହ କଥା ହୋଇଥିଲା।

ଏ ବାବଦରେ ପତ୍ନୀ ସନ୍ତୋଷକୁ କିଛି ବି ଜଣାଇନଥିଲେ। ଦ୍ୱିତୀୟ କଥାଟି ହେଲା- ନିମନ୍ତ୍ରଣ କଲାବେଳେ ମଧୁର କହିଦେବା ଉଚିତ୍ ଥିଲା କି ସେ ଦୁହେଁ ଫେସବୁକ୍ ବନ୍ଧୁ ବୋଲି।

ଗୋଟେ ଚେୟାର୍ ଆଡକୁ ବସିବାର ଇଙ୍ଗିତ ଦେଇ ଭଦ୍ରବ୍ୟକ୍ତି ଜଣକ କହିଲେ- ଦୟାକରି ବସନ୍ତୁ। ଆପଣ ଆସିଛନ୍ତି ବୋଲି ଖବରଟା ମଧୁକୁ ଦେଇଦେଉଛି। ଚେୟାର୍‌ରେ ବସୁବସୁ ସନ୍ତୋଷ ମୋବାଇଲ୍ ବାହାର କଲା ଓ ଫେସବୁକ୍ ପ୍ରୋଫାଇଲ୍‌ରୁ ନିଜର ଲାଇକ୍-କମେଂଟ୍‌ସବୁକୁ ଖୋଜିବାରେ ଲାଗିଲା।

ମାଈ ଘରଚଟିଆ

ଫ୍ୟାନ୍‌ପାଖେ ଖପ୍ ଖାପ୍ ଡେଇଁ କିଚିର୍ ମିଚିର୍ ରାବୁଥିବା ଘରଚଟିଆକୁ ଦେଖି ହଠାତ୍ ମୋର ଦଶବର୍ଷର ପୁଅ ପଚାରିଲା- ପାପା, ଏ ସେହି ଘରଚଟିଆ ନା ଯାହାର ମାଂସ ଆମେସବୁ ଖାଉ?

ମୁଁ କହିଲି - ନା। ଇଏ ଅଣ୍ଡିରା ଘରଚଟିଆ। ଆମେମାନେ ମାଈ ଘରଚଟିଆର ମାଂସ ଖାଉ। ସେ ତା'ର ସ୍ତ୍ରୀ।


ମୋ ପୁଅ ନିରିବିଗଲା। କିଛି ସମୟ ପରେ ଗମ୍ଭୀର ସ୍ୱରରେ କହିଲା- ମାନେ ଯା'ଙ୍କ ଜାତିରେ ବି ମହିଳାମାନେ ହିଁ କଟାଯା'ନ୍ତି!!

ଅନୁସୃଜନ- ଡ. ମୌସୁମୀ ପରିଡା
ମାର୍ଫତ/ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର
କ୍ୱା. ନଂ- ୩ଆର/୪, ଜଗତସିଂହପୁର

# ଜୀବନ ଯାତ୍ରା



ଡକ୍ଟର ମନୋରଞ୍ଜନ ବିଷୋୟୀ



**ସ**ମୟର ରେଳ ଉପରେ ବସି
ମୁଁ ଚାଲେ ଆଗକୁ ଆଗକୁ
କାଳେ କେଉଁ ଷ୍ଟେସନରେ
ଖୋଜି ପାଇବି
ମୋ ମନରେ ଥିବା
ସବୁ ପ୍ରଶ୍ନର ଉତ୍ତରକୁ।
ଚକ୍ଷୁ ମୋର ରେଳ ଡବା ପରି
ଲମ୍ବି ଯାଉଥାଏ
ଲକ୍ଷ୍ୟସ୍ଥଳେ ପହଞ୍ଚିବାକୁ।
ଷ୍ଟେସନ ଆସିଲେ ଦେଖେ
ଅପେକ୍ଷାର ଚଟାଣରେ ବସି
ଘୁମାନ୍ତି ସବୁ।
କେତେଜଣ ଅଣ୍ଡାଳୁଥାନ୍ତି
ଫର୍ଦ୍ଦ ପରେ ଫର୍ଦ୍ଦ
ବହି ପୃଷ୍ଠାକୁ।
ଆଉ କେତେ
ବ୍ୟସ୍ତ ବିବ୍ରତ ହୋଇ
ବାରମ୍ବାର ଦେଖୁଥାନ୍ତି
ନିଜ ଘଣ୍ଟାକୁ।
କେହି କେହି
ଆପଣାର ମଣିଷକୁ
ବିଦାୟ ଦେଲା ବେଳେ
କହୁଥାନ୍ତି ଶୀଘ୍ର ପେରି ଆସିବାକୁ।
ଏସବୁ ଭିତରେ
ଭିକାରୀ ମାନଙ୍କ ହାତ
ଲମ୍ବି ଯାଉଥାଏ
ଏ ଯାତ୍ରୀଠାରୁ
ସେ ଯାତ୍ରୀ ପାଖକୁ।
ଆଉ ମଦୁଆ ମାତାଲଙ୍କ
ଅଶ୍ଳୀଳ ଚାହାଁଣୀ
ଘୁରି ବୁଲୁଥାଏ
ସବୁ ଯାତ୍ରୀ ଉପରକୁ।
କେତେକ ବେକାରୀ ଟୋକା
ଶୁଷ୍କି ମାରି
ବାହାରି ପଡିଥାନ୍ତି
ଯୌବନକୁ ଖୋଜିବାକୁ।
ଏସବୁ ଭିତରେ
ଶୁଣିପାରେ ମୁଁ
ଯୁଗ ଯନ୍ତ୍ରଣାର
ଘନଘୋର ନାଦକୁ।
ଆଉ ଖୋଜିବା ହିଁ ଜୀବନ
ବୁଝି ଆସିଲା ବେଳକୁ
ଗାଡି ପ୍ଲାଟଫର୍ମ ଛାଡ଼ି
ଗଡି ଯାଇଥାଏ ବହୁତ ଆଗକୁ।
ତେଣୁତ ସମୟ ପୂର୍ବରୁ
କିଛି କେବେ ମିଳିନଥାଏ କାହାକୁ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ଦୂରଭାଷ : ୮୮୯୫୧୪୧୭୨୭*

# ବର୍ଷାର ନାୟକ

ଲିପ୍‌ସା ପଟେଲ



**ଆ**ଜିପର୍ଯ୍ୟନ୍ତ ସେ କୌଣସି ପ୍ରେମ ଉପନ୍ୟାସ କି ପ୍ରେମ କବିତା ପଢ଼ିନି। ପ୍ରେମକୁ ନେଇ କେବେହେଲେ ଯୁକ୍ତି କରିନି ଅବା ପ୍ରେମର ସଂଜ୍ଞା ଖୋଜିନି; ତଥାପି ସେ ପାଲଟି ଯାଇଛି ବର୍ଷାର ନାୟକ। ବର୍ଷା ମଧ ଜାଣିନି ଯେ, ସେ ତା' ଜୀବନ ନାୟକ। ନିର୍ଦ୍ଧୂମ ବର୍ଷାରେ ସେ ଜାଣିଶୁଣି ବାହାରି ଆସେ ଘରୁ। ତା' ଘର ବାରଣ୍ଡାରୁ ମଧ ଦେଖାଯାଏ ବର୍ଷା। ଘର ବାଲ୍‌କୋନି, ଯେଉଁଠି ସେ ବେତ ଝୁଲାରେ ଝୁଲିଝୁଲି କୌଣସି ବହି ପଢୁଥାଏ ଅବା ହାତ ବଢ଼େଇ ବର୍ଷା ପାଣି ଖେଳୁଥାଏ। ତଥାପି ସେ ଚାଲିଯାଏ ତା' ସାମ୍ନାରେ ବର୍ଷାରେ ଓଦା ସରସର ହୋଇ ଛକ ଯାଏଁ ଅବା କାଗଜଡଙ୍ଗା ଭସାଇବା ପାଇଁ ସାହି ପିଲାଙ୍କ ସହ ରାସ୍ତାର କେଣସି ଖାଲଖମା ଖୋଜିବା ପାଇଁ ବର୍ଷା ତା'କୁ ଦେଖେ ନା ଦେଖେନି ସବୁବେଳେ ତା' ପାଇଁ ଏକ ପ୍ରଶ୍ନବାଚୀ ହୋଇ ରହିଯାଏ। ତଥାପି ସେ ଏମିତି ବର୍ଷାରେ ଭିଜୁଥାଏ ଭଲପାଏ ସାଜିବାକୁ ବର୍ଷାର ନାୟକ।

କଲେଜ ଫେରନ୍ତା ରାସ୍ତାରେ ଢ଼ୋ-ଢ଼ୋ ବର୍ଷା। ସେ ସେମିତି ବର୍ଷାରେ ଭିଜିଭିଜି ଆସୁଥିଲା। ହଠାତ୍ କୌଣସି ଏକ ଦୋକାନ ବାରଣ୍ଡାରୁ କିଏ ଡାକିଲା। ପଛକୁ ଫେରି ଚାହେଁ ତ ନିଜେ ବର୍ଷା ଛିଡ଼ା ହୋଇଛି ତା' ସାମ୍ନାରେ। ତା'କୁ ବଢ଼ାଇଦେଲା ତା' ଫୁଲପକା ଛିଟ ରୁମାଲ। ସେ ମଧ ଆଗ୍ରହର ସହିତ ପୃଥିବୀର ସର୍ବଶ୍ରେଷ୍ଠ ଉପହାର ପ୍ରାୟ ନେଇଗଲା ସେଇ ରୁମାଲ।

ଘରକୁ ଫେରି ଖୁବ୍ ହସିଲା ସେ। ଏଇ ଝିଅପିଲାଙ୍କ ରୁମାଲରେ କ'ଣ ମୁଣ୍ଡ ଡାଙ୍କି ହେବ ଯେ ବର୍ଷା ତା'କୁ ଦେଇ ଦେଲା ଏଇ ରୁମାଲ? ବୋଧହୁଏ ସେ ପ୍ରତିଥର ତା'କୁ ଏମିତି ବର୍ଷାରେ ଭିଜିବାର ଦେଖିଛି, ତେଣୁ ବଢ଼ାଇଦେଲା ତା' ରୁମାଲ। ଆଉ କେବେ ସେ ଫେରାଇ ନଥିଲା ବର୍ଷାକୁ ସେଇ ରୁମାଲ। ଅତି ଯତ୍ନରେ ସାଇତି ରଖିଥିଲା ବର୍ଷାର ରୁମାଲକୁ ବର୍ଷାର ସନ୍ତକ ଭାବି।

ଏବେ ଆଉ ବର୍ଷା ନାହିଁ, ସେ ତ କଲେଜ ପରେ ପରେ ହିଁ ବାଦଲର ଧର୍ମପତ୍ନୀ ସାଜି ଚାଲିଯାଇଥିଲା ଦୂର ସହରକୁ। ତଥାପି ସେ ଭିଜେ ବର୍ଷାରେ। ସେଦିନ ପୁଣି ଢ଼ୋ-ଢ଼ୋ ବର୍ଷାରେ କିଏ ଜଣେ ତା' ସାମ୍ନାରେ ଛିଡା ହୋଇଛି। ଆରେ! ଇଏ ତ ତା'ର ନାୟିକା ବର୍ଷା!

-ପଚାରିଲା, ସବୁଥର କାହିଁକି ଭିଜୁଥାଅ ତୁମେ ଏମିତି ବର୍ଷାରେ? ଏ ବର୍ଷ କ'ର ତୁମର ଅତିପ୍ରିୟ?

- (ହସିଲା ସେ) ଉତ୍ତର ଦେଲା, ବର୍ଷାରେ ଭିଜିବା ତା'କୁ ଆଦୌ ଭଲ ଲାଗେନି।

-ତଥାପି କାହିଁକି ଭିଜୁଛ ଯେ?

-ସେଦିନ ଭିଜୁଥିଲି ବର୍ଷାର ସ୍ପର୍ଶକୁ ଅନୁଭବ କରିବା ପାଇଁ ଆଉ ଆଜି ଭିଜୁଛି ତା' ସ୍ମୃତିକୁ ମନତଳେ ସବୁଦିନ ଏମିତି ଉଜାଗର ରଖିବା ପାଇଁ।

ବର୍ଷା ଆଖିରେ ଭରିଗଲା ଲୁହ।

-ତେବେ ତୁମେ ମୋତେ ଭଲ ପାଉଥିଲ? କହିଲନି ତ ଥରେ?

-ବର୍ଷା ଆସିଲେ ରବିକୁ ଲୁଚିଯିବାକୁ ହୁଏ। ବାଦଲ ଥିଲେ ତ ବର୍ଷା ଥିବ!

ଭିଜି ଚାଲିଥିଲା ରବି ... ବର୍ଷାରେ, ବର୍ଷାର ସ୍ମୃତି ସହ ସାଜି ବର୍ଷାର ନାୟକ।

*ଇରିଗେସନ କଲୋନୀ, ଭବାନୀପାଟଣା*

# ଏକ ଅନ୍ତର୍ଦ୍ୱନ୍ଦ



ସଞ୍ଜୀବ କୁମାର ଦାସ



**ଶୋ**ଇଲେ ବି ନିଦ ହୁଏନା
କଡ ଲେଉଟାଇଲେ ସ୍ମୃତିର ଫରୁଆ ଆପେ ଆପେ ଖୋଲିଯାଏ।
ହିସାବ ନିକାଶର ଫର୍ଦ୍ଦ କହିଦିଏ କାହାକୁ ଦେଇଛ କେତେ!
କର୍ମମୟ ଜୀବନର ଆୟର ଅର୍ଦ୍ଧେକରୁ ଅଧିକ ଭାଇବନ୍ଧୁ କୁଟୁମ୍ବଙ୍କୁ
ଦେବା ପରେ ରହିଯାଏ ଯାହା,
ଛୋଟିଆ ସଂସାରର ଗୁଜରାଣ ପାଇଁ ହୁଏତ ଯଥେଷ୍ଟ, ବେଶୀ ନୁହେଁ।
ତଥାପି, ତଥାପି, ଆହୁରି, ଆହୁରିର ଗୁଞ୍ଜରଣ ଥାଏ ଜ୍ଞାତିକୁଟୁମ୍ବଙ୍କଠୁ,
ଯାହାକୁ ମେଣ୍ଟେଇବାକୁ ସମ୍ବଳର ଅଭାବ ହୁଏ।
ମନ କିଛି ମାନେ, ମାନେନା ବି କିଛି।
କର୍ତ୍ତବ୍ୟର ଅବହେଳା ହୋଇଗଲା କି?
ଏସବୁ ଭିତରେ ହଜିଗଲା ବେଳେ
କେତେବେଳେ ଆର କଡଟି ଲେଉଟି ଆସିଥାଏ।
ବାହୁଲ୍ୟ ମଧ୍ୟରେ ସ୍ୱଳ୍ପନା!
ଏ କେମିତି କଥା?
ଧର୍ମପତ୍ନୀ ଆଶ୍ଚର୍ଯ୍ୟ ହୁଅନ୍ତି
ମୋର ଯେତେସେବୁ ପଦପଦବୀରେ
ଆୟର ହିସାବ ତାଙ୍କଠିତ ଥାଏ।
ସମସ୍ତଙ୍କୁ ଦେଇଥାନ୍ତି, ନ ପାଇବା ଆଶାରେ।
ମାତ୍ର, ନିଜର ଏ ଚୋଟ ସଂସାରକୁ ଆଗକୁ ନେବାକୁ ଦରକାର
ହେଉଥିବା ସାମାନ୍ୟ ସମ୍ବଳର ଅଭାବ କାହିଁକି?
ମୁଁ ଉତ୍ତର ଖୋଜୁଥିବା ବେଳେ କେଉଁ କଡ
କେଉଁ ପଟକୁ ଢଳିଛି, ଜାଣି ପାରେନା।

*ସିଡିଏ, କଟକ-୭୫୩୦୧୪*
*ଦୂରଭାଷ : ୬୩୭୧୬୧୯୦୦୫*


# ଝିଅଟିଏ ଝରା ଫୁଲଟିଏ

ପଙ୍କଜିନୀ ଭୋଇ




**ସ**ଞ୍ଜର ଶେଷ ପ୍ରହରରେ
ମଉଳି ପଡିଥିବା,
ଝରାଫୁଲ ଟିଏ ମୁଁ ॥
ମୁହଁରେ ହସର ରଙ୍ଗ ଟିକେ ବୋଳି
ସମସ୍ତଙ୍କ ମନକୁ କିଣି ନେଲା ଭଳି
ଖୁସିର ସୁବାସଟେ ଧରି
ହସୁଥାଏ ସଦା ସଭିଙ୍କୁ ହସେଇବା ପାଇଁ ॥
ସୂର୍ଯ୍ୟାନଳ ରୂପୀ ସମସ୍ୟାର
ସାମ୍ନା କରୁ କରୁ
ଜଳୁଥାଏ ହୃଦୟ ମୋ କ୍ଲେଶର କିରଣରେ
ସହିଯାଏ ସିନା ଛାତିରେ ଚାପିଏ
କୋହକୁ ଲୁଚେଇ,
ମୁହଁରେ ଶୁଖିଲା ସ୍ମିତ ହସ ଖେଳେଇ ॥
ବଗିଚାର ମାଳି ପରି
ଯତନ କରନ୍ତି ମାଁ ବାପା ସିନା
ଛିଣ୍ଡାଇ ଦିଅନ୍ତି ତାଙ୍କୁ ଇଚ୍ଛା ହେଲେ
ଆଉ କାହା ହାତକୁ
ସଜେଇବା ପାଇଁ ଆଉ କାହା ଘରକୁ
ସେଇ ଫୁଲରେ ॥
ହଁ ମୁଁ ସେ ଫୁଲଟିଏ
ଫୁଟେ ତ କେବଳ
ଅନ୍ୟ ଓଠରେ ହସ ଦେବା ପାଇଁ
ଆଉ ସଞ୍ଜ ଆସିଲେ
ଆପେ ଯାଏ ମଉଳି
ଝରାଫୁଲଟିଏ ହେଇ;
ହଁ ମୁଁ ତ ଝିଅଟିଏ ଝରା ଫୁଲଟିଏ।

*ଲାଞ୍ଜି ,କେଗାଁ,କଳାହାଣ୍ଡି*



# ପ୍ରେମ: ଶାଶ୍ୱତ



ସୁଧାଂଶୁ ଶେଖର ଦ୍ୱିବେଦୀ




**କ**ବିତା, କାହାଣୀ, ଉପନ୍ୟାସ ହେଉ
ଅବା ସଙ୍ଗୀତର ସ୍ୱର
କାନଭାସ ଭର୍ତ୍ତି ତୈଳଚିତ୍ର ହେଉ
ଅବା ମାଟିରେ ଗଢ଼ା ମୂର୍ତ୍ତି
ସବୁଠି ଦରକାର ପ୍ରେମ,
ପ୍ରେମ ବିନା ସବୁ ଅନ୍ଧାର।
କାରଣ ଶାଶ୍ୱତ ପ୍ରେମରେ ସୃଷ୍ଟିର ଜନ୍ମ।
ତାହେଲେ ...
ଭାଇ ଭାଇ ମଧ୍ୟରେ
ପ୍ରେମର ଅଭାବ ପାଇଁ
ମହାଭାରତ ହେଲା?
ନିଜ ନିଜ ଭିତରେ ଅଂହକାର ପାଇଁ
ଦ୍ୱାରିକା ସମୁଦ୍ରରେ ମିଶିଲା?
ଦେଶ ଦେଶ ମଧ୍ୟରେ
ଶାନ୍ତି ପ୍ରେମ ସୌହାର୍ଦ୍ଦ୍ୟ ବିନା
ହିରୋସୀମା ନାଗାସାକୀ
ଧୂଳିସାତ ହେଲା?
ଯଦି ଏଭଳି ଇତିହାସ ଶାଶ୍ୱତ
ଜୀବନ ବି ଶାଶ୍ୱତ
ମୃତ୍ୟୁ ବି ଶାଶ୍ୱତ
ଅତଏବ ପ୍ରେମ ବି ଶାଶ୍ୱତ।

*ବିସି-୭୪, ସେକ୍ଟର-୧*
*ସଲଟଲେକ, କୋଲକାତା-୬୪*
*ଦୂରଭାଷ : ୯୬୮୧୩୭୩୫୧୨*

# ବରଂ ଲୁହ ଭଲ



ଦିଲୀପ୍ କୁମାର ତ୍ରିପାଠୀ



ବୁଝିଲୁ
ତୋତେ କହିଥିଲି
ସୁଖରେ ଅଛୁବୋଲି ବାହାଦୁରି କରନା,
କି ଏତେ ବେଶୀ ଫଟେଇ ହଅନା
ଆଲୋ!
ଆକାଶ ପରି ଏଡେ ବଡ ହୃଦୟ
କ'ଣ କେବେ କାହାର ଥେଲା ନା' ହବ
ଅଳପ ଅଳପ ହସ କାଢ଼ି ଚଳି ଥେଲେ
କ'ଣ ହେଇ ନ'ଥାନ୍ତା!

କିନ୍ତୁ, ତୁ ତ' ଦାନ୍ତ ନେଫେଡି ହସିଲୁ
ସୁନ୍ଦୁରିଆ ବରଟେ ପାଇଚୁ ବୋଲି
ଏତେ ବହପ କଣ ଭଲ!

ସବୁବେଳେ ବଢୁଥିବା ହାତଟେ କ'ଣ
ସାହାଯ୍ୟ କରେ,
ବେଳେବେଳେ ସହସା ପ୍ରହାର ବି କରିପାରେ
ହେଲେ, ତୋତେ କିଏ
ବୁଝେଇବ ଲୋ ମା'!

ଯାନି ଯଉତୁକ ହେଇନେ ସରିଯିବ
ବାପଘର ମୁହଁ ମୋଡିଦେବା
କି ନୂଆ କଥା ଯେ!

ବିତ୍ତ, ପିତ୍ତ କି ହାଡ ଭଙ୍ଗା ଶୀତ
ସବୁ ପରା କ୍ଷଣସ୍ଥାୟୀ
ତା'ହେଲେ କିଆଁ ଏତେ ଦର୍ପ!
କିଆଁ ଏତେ ଦୁଃଖ!

ବାପ, ଗୋସ ବାପ ଅମଳର
କଥାଟା ମନେ ରଖିଥାଲୋ 'ଅଳି'
ସୁଖ ମେଞ୍ଚେ ମିଳିଲା ବୋଲି
ଟାଙ୍କ ଯେକି ଟେକି ଉର୍ଦ୍ଧ୍ୱମୁହାଁ
ହେଇ ନାଚୁ ନାଚୁ ଥୋମଣି
ଫଟେଇବା ଅପେକ୍ଷା
ବରଂ ସାତ ସିଆଁ ଲୁଗା ତଳେ
ଶୀତଳ ହଉଥିବା ଲୁହ ଭଲ
ଲୋ 'ଅଳି'!


*ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ*
*ଢ଼େଙ୍କାନାଳ*
*ଦୂରଭଣେ : ୯୭୭୮୧୦୬୧୦୫*








କୌଶିକ କୁମାର ମହାପାତ୍ର
ଷ୍ଟାଣ୍ଡାର୍ଡ-୨
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର





ସୌଷ୍ଠିକ କୁମାର ମହାପାତ୍ର
ଷ୍ଟାଣ୍ଡାର୍ଡ-ଏଲ୍‌କେଜି
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର






# ରାଜ୍ୟ ବଜେଟ୍-୨୦୨୦-୨୧ : କେଉଁ ବିଭାଗକୁ କେତେ

**ଭୁବନେଶ୍ୱର :** ସ୍ୱରାଷ୍ଟ୍ର ବିଭାଗର ପ୍ରଶାସନିକ ଖର୍ଚ୍ଚ ୪,୮୫୧.୪୮ କୋଟି ଓ କାର୍ଯ୍ୟକ୍ରମ ଖର୍ଚ୍ଚ ୬୫୫.୯୦ କୋଟି ଥିବାବେଳେ ସର୍ବମୋଟ ୫,୫୦୭.୩୮ ବ୍ୟୟବରାଦ କରାଯାଇଛି। ସେହିପରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଶାସନିକ ଖର୍ଚ୍ଚ ୨୧୨.୪୫ ଓ କାର୍ଯ୍ୟକ୍ରମ ଖର୍ଚ୍ଚ ୨୧୦.୧୫କୋଟି ଏବଂ ସର୍ବମୋଟ ୪୨୨.୬୦ ବ୍ୟୟବରାଦ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧,୦୦୯.୬୪ ପ୍ରଶାସନିକ ଖର୍ଚ୍ଚ ଏବଂ ୩୨୫.୭୦ କାର୍ଯ୍ୟକ୍ରମ ଖର୍ଚ୍ଚ ସର୍ବମୋଟ ୧,୩୩୫.୩୪ କୋଟି ଟଙ୍କା, ଆଇନ ବିଭାଗର ୪୪୧.୪୬ ପ୍ରଶାସନିକ ଖର୍ଚ୍ଚ ୨୪.୯୦ କାର୍ଯ୍ୟକ୍ରମ ଖର୍ଚ୍ଚ ଏବଂ ୪୬୬.୧୬ ସର୍ବମୋଟ ବ୍ୟୟବରାଦ ହୋଇଛି। ଅର୍ଥ ବିଭାଗର ୩୫,୦୭୪.୮୦ ପ୍ରଶାସନିକ ଖର୍ଚ୍ଚ, ୬୭.୦୦ କାର୍ଯ୍ୟକ୍ରମ ଖର୍ଚ୍ଚ, ସର୍ବମୋଟ ୩୫,୧୪୧.୮୦ ବ୍ୟୟବରାଦ, ବାଣିଜ୍ୟ ବିଭାଗର ୭୧.୬୫ ପ୍ରଶାସନିକ ଖର୍ଚ୍ଚ ୧୯.୬୩ କାର୍ଯ୍ୟକ୍ରମ ଖର୍ଚ୍ଚ ଏବଂ ସର୍ବମୋଟ ୯୧.୨୮ ବ୍ୟୟବରାଦ ହୋଇଛି। ନିର୍ମାଣ ବିଭାଗ ୧,୫୭୯.୨୪ ପ୍ରଶାସନିକ ଖର୍ଚ୍ଚ ୪,୪୨୦.୯୨ କାର୍ଯ୍ୟକ୍ରମ ଖର୍ଚ୍ଚ ସର୍ବମୋଟ ୬,୦୦୦.୧୬ କୋଟି ବ୍ୟୟବରାଦ, ଓଡ଼ିଶା ବିଧାନସଭା ପାଇଁ ପ୍ରଶାସନିକ ଖର୍ଚ୍ଚ ୧୨୧.୦୩ ଥିବାବେଳେ ସର୍ବମୋଟ ୧୨୧.୦୩ କୋଟି ବ୍ୟୟବରାଦ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ପ୍ରଶାସନିକ ଖର୍ଚ୍ଚ ୮୦.୦୧କୋଟି, ୧,୮୧୬.୭୭ କାର୍ଯ୍ୟକ୍ରମ ଖର୍ଚ୍ଚ, ସର୍ବମୋଟ ୧,୮୯୬.୭୮ କୋଟି ବ୍ୟୟବରାଦ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରଶାସନିକ ୧୦,୮୬୨.୦୫ କୋଟି, କାର୍ଯ୍ୟକ୍ରମ ଖର୍ଚ୍ଚ ୬,୫୯୬.୩୭ କୋଟି ଥିବାବେଳେ ୧୭,୪୫୮.୪୨ କୋଟି ସର୍ବମୋଟ ବ୍ୟୟବରାଦ କରାଯାଇଛି। ସେହିପରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଇଁ ସର୍ବମୋଟ ୩.୮୦୮.୩୬ କୋଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୭,୬୯୯.୮୪ କୋଟି, ଗୃହ ନିର୍ମାଣ ଓ ପୌର ଉନ୍ନୟନ ୬୧,୯୭୯.୬୫ କୋଟି, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପାଇଁ ୨୦୬.୧୭ କୋଟି, କ୍ରୀଡ଼ା ଓ ଯୁବସେବା ବିଭାଗ ପାଇଁ ୩୦୧.୦୪ କୋଟି, ଯୋଜନା ଓ ସଂଯୋଜନା ବିଭାଗ ପାଇଁ ୧,୧୮୧.୨୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ୧୭,୬୦୫.୮୫ କୋଟି, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗ ପାଇଁ ୨.୧୮ କୋଟି, ଶିକ୍ଷ ବିଭାଗ ପାଇଁ ୫୫୦ କୋଟି, ଜଳସମ୍ପଦ ବିଭାଗ ପାଇଁ ୯,୩୭୪.୪୬ କୋଟି, ପରିବହନ ବିଭାଗ ପାଇଁ ୮୪୪.୫୬ କୋଟି, ଜଙ୍ଗଲ ଓ ପରିବେଶ ବିଭାଗ ପାଇଁ ୧,୧୩୪.୫୭ କୋଟି, କୃଷି ଓ କୃଷକ ସଶକ୍ତି କରଣ ବିଭାଗ ୬,୮୧୭.୧୩ କୋଟି, ଇସ୍ପାତ ଓ ଖଣି ବିଭାଗ ପାଇଁ ୧୮୨.୨୨ କୋଟି, ସୂଚନା ଓ ଲୋକସମ୍ପର୍କ ବିଭାଗ ପାଇଁ ୧୧୦.୬୨ କୋଟି, ଅବକାରୀ ବିଭାଗ ପାଇଁ ୧୬୨.୮୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଜ୍ଞାନ ଓ ବୈଷୟିକ ବିଭାଗ ପାଇଁ ୧୦୦.୦ କୋଟି, ଗ୍ରାମ ଉନ୍ନୟନ ବିଭାଗ ୫,୫୪୯.୪୨ କୋଟି, ଶକ୍ତି ବିଭାଗ ପାଇଁ ୧,୮୬୦.୭୩ କୋଟି, ସଂସଦୀୟ ବ୍ୟାପାର ବିଭାଗ ପାଇଁ ୬୬.୮୨ କୋଟି, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପାଇଁ ୧୯୯.୬୨ କୋଟି, ପର୍ଯ୍ୟଟନ ବିଭାଗ ପାଇଁ ୪୦୦.୬୯ କୋଟି, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପାଇଁ ୧,୨୧୧.୦୨ କୋଟି, ସମବାୟ ବିଭାଗ ପାଇଁ ୧,୭୦୦.୩୯ କୋଟି, ସରକାରୀ ଉଦ୍ୟୋଗ ବିଭାଗ ପାଇଁ ୮.୬୭ କୋଟି, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ପାଇଁ ୪,୦୭୪.୬୪ କୋଟି, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପାଇଁ ୨୩୬.୨୮ କୋଟି, ଉଚ୍ଚଶିକ୍ଷା ବିଭାଗ ପାଇଁ ୨,୪୦୬.୫୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପାଇଁ ୮୨୫.୦୧ କୋଟି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପାଇଁ ୨୫୦ କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପାଇଁ ୩,୦୨୪.୪୬ କୋଟି, ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ପାଇଁ ୩,୩୨୨.୪୩ କୋଟି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ ୧୬୧.୮୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

# ଇଣ୍ଡୋନେସିଆରେ ହେବ ବିଜୁ ଗ୍ୟାଲେରୀ

**ଭୁବନେଶ୍ୱର :** ଇଣ୍ଡୋନେସିଆରେ ଏକ ବିଜୁ ଗ୍ୟାଲେରୀ କରାଯିବା ସହିତ ବିଜୁଙ୍କ ଜୀବନିକୁ ନେଇ କ୍ଷୁଦ୍ର ପୁସ୍ତକ ପ୍ରକାଶ କରାଯିବ ବୋଲି ଓଡିଶାକୁ ଇଣ୍ଡୋନେସିଆରୁ ତିନି ଦିନିଆ ଗସ୍ତରେ ଆସିଥିବା ପଦ୍ମଶ୍ରୀ ଅଗୁଷ ଇନ୍ଦ୍ର ଉଦାୟନ ପ୍ରକାଶ କରିଛନ୍ତି। ଦୀର୍ଘ ୨୦ ବର୍ଷ ଧରି ଗାନ୍ଧିଜୀଙ୍କ ବାର୍ତ୍ତାକୁ ଇଣ୍ଡୋନେସିଆରେ ସଠିକ୍ ଭାବରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ସଫଳତାକୁ ଦେଖି ତାଙ୍କୁ ଭାରତ ସରକାର ପଦ୍ମ ସମ୍ମାନରେ ଭୂଷିତ କରିଛନ୍ତି। ଓଡିଶାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ସମୟରେ ପଦ୍ମଶ୍ରୀ ଅଗୁଷ ଇନ୍ଦ୍ର ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସୀ ପରିସରରେ ଥିବା ବିଜୁ ଗ୍ୟାଲେରୀ ଦେଖିବାକୁ ପହଞ୍ଚିଥିଲେ। ଏହାକୁ ବୁଲି ଦେଖିବା ପରେ ସେ ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ ଯେ, ବିଜୁଙ୍କ ପ୍ରେରଣାରେ ଆଗାମୀ ପିଢିଙ୍କୁ ଆଗେଇ ନେବା ଉଦ୍ଦେଶ୍ୟରେ ଏକ ଗ୍ୟାଲେରୀ ଇଣ୍ଡୋନେସିଆରେ କରିବା ପାଇଁ ମୁଁ ଆମ ଦେଶର ରାଷ୍ଟ୍ରପତିଙ୍କୁ ଅନୁରୋଧ କରିବି। ଏହା ସହିତ ଏକ କ୍ଷୁଦ୍ର ପୁସ୍ତକ ବିଜୁଙ୍କ ଜୀବନିକୁ ନେଇ ପ୍ରକାଶିତ ହେବ। ସେଥିରେ ସଂକ୍ଷିପ୍ତ ଭାବରେ ବିଜୁଙ୍କ ଜୀବନି ଓ ସାହସିକତା କୁ ପ୍ରକାଶିତ କରାଯିବ । ଯାହାକୁ ପଢି ନୂତନ ପିଢୀ ଖୁସି ଅନୁଭବ କରିବେ ଏବଂ ବିଜୁ ଙ୍କ ସାହସିକତା ଭଳି ନିଜ ଜୀବନକୁ ଗଠନ କରିବାରେ ଏହି ପୁସ୍ତକ ସହାୟକ ହେବ। ବିଜୁ ଗ୍ୟାଲେରୀ ବୁଲିବା ସମୟରେ ପଦ୍ମଶ୍ରୀ ଅଗୁଷ ସେଦିନର ରାଷ୍ଟ୍ରନାୟକ ସୁକର୍ଣ୍ଣଙ୍କ ସହିତ ବିଜୁଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ, ଲେଡି ସୁକର୍ଣ୍ଣଙ୍କ ସହିତ ଜ୍ଞାନ ପଟ୍ଟନାୟକ କୋଳରେ ଗୀତା ମେହେଟା ଏବଂ ସୁକର୍ଣ୍ଣଙ୍କ ପୁତ୍ରୀ ମେଘାବତୀଙ୍କ ଫଟୋ କୁ ଦେଖି ଆତ୍ମବିଭୋର ହୋଇ ଯାଇଥିଲେ। ପଦ୍ମଶ୍ରୀ ଅଗଷ୍ଟୁ ଇନ୍ଦ୍ର ଗାନ୍ଧୀଙ୍କୁ ନେଇ ଯେଉଁ ସ୍ଥାନରେ ପ୍ରଚାର ପ୍ରସାର ପାଇଁ ଆଶ୍ରମ କରିଛନ୍ତି ତାରି ନିକଟରେ ବିଜୁ ଗ୍ୟାଲେରୀ ହେବ ବୋଲି ସେ ସୂଚନା ମଧ୍ୟ ଦେଇଥିଲେ।

# ସରକାରୀ ଦପ୍ତରରେ ଦୁର୍ନୀତି କମିଛି

**ଭୁବନେଶ୍ୱର :** ବିଭିନ୍ନ ସରକାରୀ ଦପ୍ତରରେ ହେଉଥିବା ଦୁର୍ନୀତି ଘଟଣାରେ ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଯଦିବା ୨୦୧୬ ତୁଳନାରେ ୨୦୧୭ରେ ରାଜ୍ୟର ସରକାରୀ ଦପ୍ତରଗୁଡ଼ିକରେ ଦୁର୍ନୀତି କମିଛି। କିନ୍ତୁ ଏବେ ବି ସମଗ୍ର ଭାରତବର୍ଷରେ ଦୁର୍ନୀତିରେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା। ସଦ୍ୟ ପ୍ରକାଶିତ ଜାତୀୟ ଅପରାଧିକ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ରିପୋର୍ଟ ଅନୁସାରେ ରାଜ୍ୟରେ ଥିବା ସରକାରୀ ଦପ୍ତରଗୁଡ଼ିକରେ ୨୦୧୬ରେ ୫୬୯ଟି ଦୁର୍ନୀତି ସମ୍ବନ୍ଧୀୟ ମାମଲା ପଞ୍ଜୀକରଣ କରାଯାଇଥିଲା। ତେବେ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ୨୦୧୭ରେ ଏହି ଅପରାଧିକ ମାମଲା ହ୍ରାସ ପାଇ ୪୯୪ରେ ପହଞ୍ଚିଛି। ତଥାପି ବି ମହାରାଷ୍ଟ୍ର ପରେ ଓଡ଼ିଶା ଏହି ଦୁର୍ନୀତି ମାମଲାରେ ଦ୍ୱିତୀୟ ସ୍ଥାନରେ ରହିଛି। ସୂଚନାଯୋଗ୍ୟ, ୨୦୧୬ରେ ମଧ୍ୟ ସରକାରୀ ଦପ୍ତରରେ ହେଉଥିବା ଦୁର୍ନୀତି ଭିତ୍ତିକ ମାମଲାରେ ଓଡ଼ିଶା ମହାରାଷ୍ଟ୍ର ପରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ରିପୋର୍ଟ ଅନୁଯାୟୀ, ୨୦୧୭ରେ ପ୍ରଥମ ଶ୍ରେଣୀ ସରକାରୀ କର୍ମଚାରୀଙ୍କ ବିରୋଧରେ ୬୧ଟି ଦୁର୍ନୀତି ମାମଲା ରୁଜୁ ହୋଇଥିବା ବେଳେ, ଦ୍ୱିତୀୟ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ୬୧ଟି ଏବଂ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ୩୮୩ଟି ଦୁର୍ନୀତି ମାମଲା ପଞ୍ଜୀକରଣ ହୋଇଛି। ମାମଲାଗୁଡ଼ିକ ମଧ୍ୟରେ ଅନୁପାତବିହୀନ ସମ୍ପତ୍ତି (ଡିସ୍‌ପ୍ରପରସୋନେଟ୍ ଆସେଟ୍ସ) ସମ୍ବନ୍ଧୀୟ ଦୁର୍ନୀତି ମାମଲା ଅଧିକ ମାତ୍ରାରେ ପଞ୍ଜୀକରଣ ହୋଇଛି। ତେବେ ଏହି ସମ୍ବନ୍ଧିତ ପଞ୍ଜୀକରଣ ହୋଇଥିବା ମାମଲାକୁ ନେଇ ରାଜ୍ୟରେ ଦୁର୍ନୀତି ସ୍ତର କଳନା କରିବ ଉଚିତ୍ ନୁହେଁ। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଦୁର୍ନୀତି ବିରୋଧରେ ଲୋକମାନେ ଅଧିକ ସଚେତନ। ତେଣୁ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାରେ ଅଧିକ ମାମଲା ପଞ୍ଜୀକରଣ ହେଉଥିବା ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଦୁର୍ନୀତି ନିବାରଣ ଶାଖା ସତର୍କତା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

# ପାରାଦୀପ ଆଦିବାସୀ ମହୋତ୍ସବରେ ଝୁମିଲେ ଦର୍ଶକ





**ପାରାଦୀପ :** ପାରାଦୀପର ଅଗ୍ରଣୀ ଅନୁଷ୍ଠାନ ଖେରୱାଲ ଡାମେଲ ଓ ପାରାଦୀପ ସାକ୍ଷରତା ସମିତି ମିଳିତ ଆନୁକୁଲ୍ୟରୁ ରବିବାର ଦିନ ସ୍ଥାନୀୟ ଗଲ୍‌ଫ କୋର୍ସଠାରେ ଆଦିବାସୀ ମେଳା ଆୟୋଜିତ ହୋଇଥିଲା। ଏହି ଅବସରରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ରିଙ୍କେଶ ରଏ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ଶୁଭଲକ୍ଷ୍ମୀ ରଏ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲା ବେଳେ ସିଏମ୍‌ଇ ସରୋଜ କୁମାର ଦାସ , ଡେପୁଟି ସିଏମ୍‌ଇ ଦୀପକ କୁମାର ରଥ , ଲେଡିଜ୍ କ୍ଲବ୍ କୋଷାଧ୍ୟକ୍ଷା ପ୍ରିତି ଆରତୀ ପରିଜା, ପାରାଦ୍ୱୀପ ସାକ୍ଷରତା ସମିତିର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଓ ସଭ୍ୟା ସ୍ମିତା ରଥ ପ୍ରମୁଖ ଉପସ୍ଥିତ ଥିଲେ । ଢୋଲ ମାଦଳର ତାଳେ ତାଳେ ପାରାଦ୍ୱୀପର ବିଭିନ୍ନ ଅଞ୍ଚଳରୁ ଆସିଥିବା ଆଦିବାସୀ ସଂପ୍ରଦାୟର ପୁରୁଷ ଓ ମହିଳାମାନେ ଝୁମିଥିଲେ । ଏହି କାର୍ଯ୍ୟକ୍ରମରେ ସାକ୍ଷରତା ସମିତି ପକ୍ଷରୁ ଏସ୍‌ଏଜିର ୧୦ଟି ଷ୍ଟଲ ଓ ସାମର୍ଥ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ବନ୍ଦର ଉପାଧ୍ୟକ୍ଷ ଆଶିଷ୍ କୁମାର ବୋଷ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗିତା ମାନଙ୍କୁ ପୁରସ୍କୃତ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦରର ସିନିୟର ଉପସଚିବ ଟିକେ ହାଜରା ଚୌଧୁରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପାରାଦ୍ୱୀପ ସାକ୍ଷରତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ପରିଚାଳନା କରିଥିଲେ।

# ୨୯ରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ପରିଷଦ ବୈଠକ

**ଖୋରଧା :** ନୀଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ପରିଷଦ ବୈଠକ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କନଭେନସନ୍ ହଲରେ ୨୯.୦୨.୨୦୨୦ତାରିଖ ଦିବା ୧୦.୩୦ମିନିଟ୍‌ରେ ଅନୁଷ୍ଠିତ ହେବ। ଏହି ବୈଠରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ସମ୍ପର୍କରେ ଆଲୋଚନା ହେବ। ଏଣୁ ନୀଖିଳ ଓଡ଼ିଶା ଆଇନଜୀବୀ ସଂଘ କାର୍ଯ୍ୟକାରୀ ପରିଷଦର ସମସ୍ତ ସଭ୍ୟ ସଭ୍ୟା ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ଖୋର୍ଦ୍ଧାର ବରିଷ୍ଠ ଆଇନଜୀବି ତଥା ନୀଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସଭାପତି ବିଚିତ୍ର କୁମାର ବଡ଼ଜେନା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଗୋଚର ଜମିରେ ଖଣି ମାଫିଆଙ୍କ ଜୋର ଜବରଦସ୍ତ ଗୃହ ନିର୍ମାଣ

## ଉଚ୍ଛେଦ ପାଇଁ ସାଧାରଣରେ ଦାବି



**ଖୋରଧା :** ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧିନସ୍ଥ ଧଉଳିମୁହଁ ଗ୍ରାମରେ ଖଣି ମାଫିଆଙ୍କ କବଜାରେ ଥିବା ସଂରକ୍ଷିତ ଗୋଚର ଜମି ଉପରେ ସେହି ଗ୍ରାମର ଜୈନିକ ବ୍ୟକ୍ତି ଜୋର ଜବରଦସ୍ତ ଭାବରେ ଗୃହ ନିର୍ମାଣ କରୁଛନ୍ତି ଏହାକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଖୋର୍ଦ୍ଧା ବିଧାୟକଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରି ଜିଲ୍ଲାପାଳଙ୍କ ଜରିଆରେ ଉକ୍ତ ବେଆଇନ ଗୃହ ନିର୍ମାଣ ଉପରେ ରୋକ ଲଗାଇଲେ ଉକ୍ତ ଗୋଚର ଜମି ଗୋ ସୁରକ୍ଷା ଦିଗରେ ସହାୟକ ହେବ ବୋଲି ନିବେଦନ କରିଛନ୍ତି। ଗତ ବର୍ଷ ଏସଟିଏଫ ଟିମର ଚଢାଉ ଫଳରେ ଖଣି ମାଫିଆମାନେ ଛତ୍ର ଭଙ୍ଗ ଦେଇଥିବା ବେଳେ ପୁନଶ୍ଚ ରାତିଦିନ ଚୋରା ମାଙ୍କଡ଼ା ପଥର ଖଣି ଖନନ ଆରମ୍ଭ କରିଦେଇଛନ୍ତି। ଗ୍ରାମର ସଂରକ୍ଷିତ ମଶାଣି, ଗୋଚର ଅନାବାଦୀ ଜମି ଗୁଡ଼ିକ ଖଣି ମାଫିଆମାନେ ଖୋଳି ନଷ୍ଟ କରିଦେଇଥିବା ବେଳେ ବାକି ଗୋଚର ଜମି ଗୁଡ଼ିକ ଉପରେ ଜୋର ଜବରଦସ୍ତ ବାଡ଼ବନ୍ଦି କରି ନିଜ ଦଖଲରେ ରଖିଛନ୍ତି। ଗୋଚର ଜମି ଅଭାବରୁ ଗାଇ ଗୋରୁ ଗୁଡ଼ିକ ଖାଇବାକୁ ନ ପାଇ ସ୍ଥାନୀୟ ରେଳ ଲାଇନ୍ କଡ଼କୁ ଚାଲି ଯାଉଥିବା ବେଳେ ରେଳ ଲାଇନରେ କଟି ମୃତ୍ୟୁ ବରଣ କରୁଛନ୍ତି। ଖଣି ମାଫିଆମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେହି ଅଞ୍ଚଳର ଲୋକେ ସାହାସ କରୁ ନାହାଁନ୍ତି। ଏହି ଘଟଣାର ବହୁବାର ପ୍ରତିବାଦ କରି ଗ୍ରାମବାସୀମାନେ ଥାନା ଫାଣ୍ଡି ବୁଲି ଶେଷରେ ହତାଶ ହୋଇ କର୍ମକୁ ଆଦରି ଚୁପ ହୋଇ ରହିବା ସହିତ ଖଣି ମାଫିଆମାନଙ୍କର ଆକ୍ରୋସର ଶିକାର ହେଉଛନ୍ତି। ଏଣୁ ଏହି ଘଟଣାଟିର ଖୋର୍ଦ୍ଧା ଜିଲ୍ଲାପାଳ ଅନୁସନ୍ଧାନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦାବି କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାସ୍ତା ଖୋଳୁଛି ...

ଏହାକୁ ନେଇ ଅସନ୍ତୋଷ ମଧ୍ୟ ଦେଖାଦେଇଛି। ଏହାର କାରଣ ଭାବେ ବିଚାର କଲେ ଜଣାପଡେ ଯେ, ତଳେ , ଉପରେ ଦୁଇଟି ପରିବାର ରହୁଥିଲା ବେଳେ ଗୋଟିଏ ପାଇପ୍ ଦ୍ୱାରା ଆସିବାକୁ ଥିବା ଜଳର ପରିମାଣ ଉଭୟ ପରିବାରର ଚାହିଦା ମେଣ୍ଟାଇବାକୁ ସକ୍ଷମ ହେବ ତ ? ସ୍ଥାନୀୟ ଉପଖଣ୍ଡ ଯନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ସଠିକ୍ ତଥ୍ୟ ରଖିପାରୁ ନାହାନ୍ତି। ମିଟର ଲାଗିଲେ ହଜାର ଲିଟର ପିଛା ଉପଭୋକ୍ତାଙ୍କୁ କେତେ ଟଙ୍କା ବିଲ୍ ପୈଠ କରିବାକୁ ପଡିବ ତାହା ମଧ୍ୟ କୌଣସି ସୂଚନା ମିଳୁନାହିଁ।

ଅନ୍ୟପକ୍ଷରେ ଏହି କଲୋନୀରେ ଜବରଦଖଲକାରୀଙ୍କ ସଂଖ୍ୟା ଅଧିକ। ଯେଉଁମାନେ ରାସ୍ତା ମଝିରେ ବାଡ ଓ ପାଚେରୀ ନିର୍ମାଣ କରିଛନ୍ତି। ଏ ସମ୍ପର୍କରେ ଭୁବନେଶ୍ୱର ଉନ୍ନୟନ ନିଗର ଓ ଭୁବନେଶ୍ୱର ମହାନଗର ନିଗମ ବେଶ୍ ଅବଗତ ଥିଲେ ବି ଜବରଦଖଲକାରୀଙ୍କୁ ହଟାଇବା ବଦଳରେ ଏମାନେ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଆଶା କରାଯାଉଥିଲା ଯେ, ୱାଟ୍‌କୋ ପାଣି ମିଟର ଲଗାଇଲା ବେଳେ ଜବରଦଖଲ ଉଚ୍ଛେଦ କରାଯିବ ଏବଂ ବିଡିଏ ପ୍ରଦତ୍ତ ପ୍ରକୃତ ଗୃହ ନିର୍ମାଣ ସ୍ଥାନରେ ପାଣି ମିଟର ଲାଗିବ। ଏହା ମଧ୍ୟ ଭୁଲ୍ ପ୍ରମାଣିତ ହୋଇଛି। କାରଣ ୱାଟ୍‌କୋ ମଧ୍ୟ ସମାନ ଭାବେ ଜବରଦଖଲକାରୀଙ୍କ ବାଡ ଓ ପାଚେରୀ ତଳେ ପାଇପ୍ ନେଇ ଜଳ ଯୋଗାଇ ଦେଇ ରାସ୍ତା ମଝିରେ ରଖିଦେଉଛି ମିଟର। ଯାହାକି ଭବିଷ୍ୟତ ପାଇଁ ଅନେକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଏତଦ୍‌ବ୍ୟତୀତ ପାଣି ମିଟର ଲାଗିଗଲା ପରେ ଜବରଦଖଲକାରୀମାନେ ଭାବୁଛନ୍ତି ଯେହେତୁ ସେମାନଙ୍କ ପାଣି ମିଟର ରାସ୍ତା ମଝିରେ ରହିଛି ତେଣୁ ଉଚ୍ଛେଦ ଆଉ ହେବନାହିଁ। ଆହୁରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଯେ, ଦୀର୍ଘବର୍ଷ ହେବ ଏହି କଲୋନୀର ସେକ୍ଟର-୨ ଅଞ୍ଚଳରେ ବିଏମ୍‌ସି ରାସ୍ତା କାମ ଆଦୌ କରିନାହିଁ। ଯାହା ଟିକିଏ ଗୋଡି ଉଠା ରାସ୍ତା ରହିଛି ତାହାକୁ ଖୋଳି ଦେଉଛି ୱାଟ୍‌କୋ। ବର୍ତ୍ତମାନ ଉପଭୋକ୍ତାମାନେ ପ୍ରଶ୍ନ କରିବା ଆରମ୍ଭ କଲେଣି ଯେ, ରାସ୍ତା ଗଭୀର ଖନନ ପରେ ଏହାର ମରାମତି ଓ କଂକ୍ରିଟ୍ କାର୍ଯ୍ୟ ନିଜକୁ କରିବାକୁ ପଡିବ ବା ୱାଟ୍‌କୋ କରିବ। ଏପରି ଅନେକ ଅମୀମାଂସିତ ସମସ୍ୟାର ସମାଧାନ ନକରି ୱାଟ୍‌କୋର ମନମୁଖୀ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବିରୋଧ କରାଯାଉଛି।

### ଏମ୍ସରେ ହିନ୍ଦୀ ...

ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। ଯଦିଓ ହିନ୍ଦୀ ଜାତୀୟ ଭାଷା ତଥାପି ଭାଷାଭିତ୍ତିକ ରାଜ୍ୟ ଓଡ଼ିଶାରେ ଏହାକୁ ବାଧ୍ୟତାମୂଳକ କରାଯିବା କେତେଦୂର ଯୁକ୍ତିଯୁକ୍ତ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସବୁ କାମ ହିନ୍ଦୀରେ କରିବା ପାଇଁ ନିର୍ଦ୍ଦେଶ ଦେବାକୁ କଡା ଭବେ ବିରୋଧ କରିଛନ୍ତି ବିଜେଡି ଓ କଂଗ୍ରେସ। ବିଜେଡି ଲୋକସଭା ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଛନ୍ତି, ଓଡ଼ିଶା ହେଉଛି ପ୍ରଥମ ଭାଷା ଭିତ୍ତିକ ରାଜ୍ୟ। ଆମ ମାତୃଭାଷାକୁ ଅଣଦେଖା କରିବାକୁ ଆମେ ବରଦାସ୍ତ କରିବୁନି। ନିର୍ଦ୍ଦେଶନାମା ପରିବର୍ତ୍ତନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିକଟରେ ଦାବି କରିବୁ। ସେହିପରି କେନ୍ଦ୍ର ସରକାରଙ୍କ ଏଭଳି ଭାଷା ପ୍ରୀତିକୁ କଂଗ୍ରେସ ମଧ୍ୟ ବିରୋଧ କରିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏମ୍ସ ନିର୍ଦ୍ଦେଶନାମା ଓଡ଼ିଆ ଭାଷା ପ୍ରତି ଅପମାନ। ଆମ ରାଜ୍ୟରେ ହିନ୍ଦୀ ପ୍ରଚଳନ ନେଇ କୌଣସି ସ୍ଥାନ ନାହିଁ। କଂଗ୍ରେସ ଏହାକୁ କଦାପି ଗ୍ରହଣ କରିବନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ହିନ୍ଦୀପ୍ରୀତି ଛାଡି ଓଡ଼ିଆ ଭାଷାକୁ ପ୍ରୋତ୍ସାହନ ଦିଅନ୍ତୁ।

### ଗ୍ରେ ତାଲିକାରେ ...

ପ୍ରାରିସ ଠାରେ ବସିଥିବା ଏଫ୍‌ଏଟିଏଫ୍ ବୈଠକରେ ପାକିସ୍ତାନ ପ୍ରସଙ୍ଗ ଉଠିଥିଲା। ପାକିସ୍ତାନ ସମ୍ପୂର୍ଣ୍ଣ ଭାବେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କ୍ଷେତ୍ରରେ ସଫଳତା ପାଇ ନଥିବା ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ପାକିସ୍ତାନକୁ ପୂର୍ବଭଳି ଗ୍ରେ ଲିଷ୍ଟରେ ରଖିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ପାକିସ୍ତାନକୁ ଏଫ୍‌ଏଟିଏଫ୍ କଡା ଚେତାବନୀ ଦେଇଛି। ଟେରର ଫଣ୍ଡିଂକୁ ପାକିସ୍ତାନ ସରକାର ଆସନ୍ତା ୪ମାସ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରନ୍ତୁ। ନଚେତ ସଂଗଠନ ବାଧ୍ୟ ହୋଇ ଇସଲାମାବାଦକୁ କଳା ତାଲିକା ଭୁକ୍ତ କରିବ ବୋଲି ବୈଠକରେ କୁହାଯାଇଛି। ସୂଚନାଥାଉ କି, ୨୦୧୮ ଜୁନ୍ ମାସରେ ପାକିସ୍ତାନର ଅସଲ ଚେହେରା ଧରାପଡିବା ପରେ ଇସଲାମାବାଦକୁ ଗ୍ରେ ଲିଷ୍ଟରେ ରଖାଯାଇଥିଲା। ଏଥିସହ ଏଥିରୁ ମୁକୁଳିବା ପାଇଁ ଇସଲାମାବାଦକୁ ୧୫ମାସର ସମୟ ଓ ୨୭ ସୂତ୍ରୀ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ପାକିସ୍ତାନ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବିତ କରିବାରୁ ଏଫଏଟିଏଫ୍ କ୍ଷୁବ୍ଧ ହୋଇଥିଲା। ଏଥିସହ କଳା ତାଲିକାଭୁକ୍ତ କରିବାକୁ ଧମକ ମଧ୍ୟ ଦେଇଥିଲା। ପାକିସ୍ତାନକୁ ଦିଆଯାଇଥିବା ୨୭ ସୂତ୍ରୀ ନିର୍ଦ୍ଦେଶନାମା ମଧ୍ୟରୁ ପାକିସ୍ତନ ମାତ୍ର ୧୩ଟି କାର୍ଯ୍ୟକାରୀ କରିଥିବା ୩୯ ସଦସ୍ୟ ବିଶିଷ୍ଟ ଏଫ୍‌ଏଟିଏଫ୍ ଜାଣିବାକୁ ପାଇଥିଲେ। ଏଥିରେ ଥିବା ତୁର୍କୀକୁ ଛାଡି ଦେଲେ ବାକି ୩୮ଟି ରାଷ୍ଟ୍ର ପାକିସ୍ତାନର କାର୍ଯ୍ୟାନୁଷ୍ଠାନରେ ସନ୍ତୁଷ୍ଟ ନଥିବା ମତ ଦେଇଥିଲେ। ପାକିସ୍ତାନ କାହିଁକି ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ କରୁନାହିଁ, ସେନେଇ ମଧ୍ୟ ଚିନ୍ତାପ୍ରକଟ କରିଥିଲେ। ଏହାପରେ ପାକିସ୍ତାନକୁ ଆଉ ୪ମାସ ସମୟ ଓ ୮ ସୂତ୍ରୀ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଅର୍ଥାତ୍ ଜୁନ୍ ମାସ ଯାଏ ପାକିସ୍ତାନ ଗ୍ରେ ଲିଷ୍ଟରୁ ମୁକୁଳି ପାରିବନାହିଁ। ଏଥିରୁ ମୁକୁଳିବାକୁ ହେଲେ ୪ମାସ ମଧ୍ୟରେ ପାକିସ୍ତାନ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କରୁଥିବା ୧୨୬୭ ଫାଇନାନସିଆଲ ଇନଷ୍ଟିଚ୍ୟୁସନ ଓ ୧୩୭୩ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ। ଇସଲାମାବାଦକୁ ଆତଙ୍କବାଦୀ ଓ ସଂଗଠନକୁ ପାଣ୍ଠି ସଂଗ୍ରହ କରିବା କାର୍ଯ୍ୟକୁ ରୋକିବାକୁ ପଡିବ। ଏହାବାଦ ଆତଙ୍କବାଦ କାର୍ଯ୍ୟକଳାପ ସହ ସମ୍ପର୍କ ରଖିଥିବା ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ସମ୍ପତ୍ତି ଜବତ କରିବାକୁ କୁହାଯାଇଛି। ପାକିସ୍ତାନ କେବଳ ଲୋକ ଦେଖାଣିଆ ଭାବେ ନୁହେଁ, ବେଶ ଗୁରୁତ୍ୱର ସହ ଏସବୁ କାର୍ଯ୍ୟ କରିବା ଦରକାର ବୋଲ ଏଫ୍‌ଏଟିଏଫ୍ ନିର୍ଦ୍ଦେଶ ଦେଇଛି। ପାକିସ୍ତାନ ପୂର୍ବଭଳି ଗ୍ରେ ଲିଷ୍ଟରେ ରହିଥିବାରୁ ଆର୍ଥିକ ସ୍ତରରେ କାଙ୍ଗାଳ ହୋଇଯାଇଥିବ ଇମ୍ରାନ୍ ଖାନ୍ ସରକାରଙ୍କ ଅଡୁଆ ବଢ଼ିଛି। କାରଣ ଆଇଏମ୍‌ଏଫ୍ ଓ ବିଶ୍ୱ ବ୍ୟାଙ୍କ ପାକିସ୍ତାନକୁ ଆର୍ଥିକ ସହାୟତା ଦେବା ପୂର୍ବରୁ ଅନେକ ବିଷୟରେ ତର୍ଜମା କରିବେ। ସେମାନେ ସନ୍ତୋଷ ଲାଭ କଲେ ଯାଇ ପାକିସ୍ତାନକୁ ଅର୍ଥ ସହାୟତା ମିଳିପାରିବ।

### ବିଜେଡିରେ ...

ରାୟଗଡ଼ା ପାଇଁ ସୁଧୀର ଦାସ, ସୁବର୍ଣ୍ଣପୁର ପାଇଁ ସରୋଜ କମ୍ପ ଏବଂ ସୁନ୍ଦରଗଡ଼ ପାଇଁ ବିନୟ ଟପ୍ପୋ ନିର୍ବାଚିତ ହୋଇଛନ୍ତି। ସେହିପରି ବିଜେଡିର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପାଇଁ ଅନନ୍ତ ନାରାୟଣ ଜେନା, କଟକ ପାଇଁ ଦେବାଶିଷ ସାମନ୍ତରାୟ, ଗଞ୍ଜାମ ପାଇଁ ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଖୋର୍ଦ୍ଧା ପାଇଁ ବିଭୂତି ଭୂଷଣ ବଳବନ୍ତରାୟ, ମୟୂରଭଞ୍ଜ ସଦର ପାଇଁ ସୁଦାମ ମାରାଣ୍ଡି, ପୁରୀ ପାଇଁ ମହେଶ୍ୱର ମହାନ୍ତି, ରାଉରକେଲା ପାଇଁ ସାରଦା ପ୍ରସାଦ ନାୟକ ଏବଂ ସମ୍ବଲପୁର ପାଇଁ ସିଦ୍ଧାର୍ଥ ଦାସଙ୍କ ନାଁକୁ ଘୋଷଣା କରାଯାଇଛି। ଅନୁରୂପ ଭାବେ ବଲାଙ୍ଗିର ପାଇଁ ମନ୍ତ୍ରୀ ଟୁକୁନି ସାହୁ, ଅନୁଗୁଳ ପାଇଁ ମହେନ୍ଦ୍ର ବସ୍ତିଆ, ବାଲେଶ୍ୱର ପାଇଁ ରବୀନ୍ଦ୍ର କୁମାର ଜେନା, ବରଗଡ଼ ପାଇଁ ବିଜୟ ରଞ୍ଜନ ସିଂ ବରିହା, ଭଦ୍ରକ ପାଇଁ ଜଗନ୍ନାଥ ସ୍ୱାଇଁ, ବୌଦ୍ଧ ପାଇଁ ମହିଧର ରଣା, ଦେବଗଡ଼ ପାଇଁ ରୋମା ରଞ୍ଜନ ବିଶ୍ୱାଳ, ଢେଙ୍କାନାଳ ପାଇଁ ପ୍ରଫୁଲ୍ଲ ମଲ୍ଲିକ, ଗଜପତି ପାଇଁ ପ୍ରଦୀପ ନାୟକ, ଜଗତସିଂହପୁର ପାଇଁ ପ୍ରଶାନ୍ତ ମୁଦୁଲି, ଯାଜପୁର ପାଇଁ ସରୋଜ ମହାପାତ୍ର, ଝାରସୁଗୁଡ଼ା ପାଇଁ କିଶୋର ମହାନ୍ତି, କଳାହାଣ୍ଡି ପାଇଁ ପୁଷ୍ପେନ୍ଦ୍ର ସିଂଦେଓ, କେନ୍ଦ୍ରାପଡ଼ା ପାଇଁ ଉତ୍କଳ କେଶରୀ ପରିଡ଼ା ଏବଂ କନ୍ଧମାଳ ପାଇଁ ସରୋଜ କୁମାର କର୍ଣ୍ଣଙ୍କୁ ଦାୟିତ୍ୱ ଦିଆଯାଇଥିବା ଦଳ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ କରା ଯାଇଛି ।

### ଓଡ଼ିଶାରେ ...

ସର୍ବନିମ୍ନ ରୋଜଗାର ଯୋଗାଇଦେବାରେ ମଧ୍ୟ ସରକାର ବିଫଳ।୨୦ ବର୍ଷ ଶାସନରେ ବହୁ ଯୋଜନା କରିଛନ୍ତି ମାତ୍ର ତାର ସୁଫଳ ପାଇପାରୁନାହାନ୍ତି ରାଜ୍ୟବାସୀ। ଓଡିଶାରେ ଦାରିଦ୍ର୍ୟ କରୋନା ଭାଇରସ୍ ଭଳି ବ୍ୟାପିଛି। ମନ୍ତ୍ରୀ ଯାହା ତଥ୍ୟ ଦେଇଛନ୍ତି ତାହା ନୈରାଶ୍ୟଜନକ। ଦାଦନ ବଢି ଚାଲିଛି। ଓଡିଶାରେ ମୁଣ୍ଡପିଛା ଆୟ କମ୍ ରହିଛି। ଦାରିଦ୍ର୍ୟ ଦୂରିକରଣ ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଉ ବୋଲି ବିରୋଧୀ ଦଳ ସଭ୍ୟମାନେ ପରାମର୍ଶ ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ ଭୁଲ୍ ତଥ୍ୟ ଦେଇ ନାହିଁ। ନୀତି ଆୟୋଗ ତଥ୍ୟ ଆଧାରରେ ସୂଚନା ଦେଇଛି। ରାଜ୍ୟ ସରକାରଙ୍କ ଯୋଜନା ଯୋଗୁଁ ଲୋକ ଉପକୃତ ହେଉଛନ୍ତି ଏବଂ ଦାରିଦ୍ର୍ୟ କମିଛି। ନୀତି ଆୟୋଗର ତଥ୍ୟ ଅନୁଯାୟୀ ୨୦୦୪-୦୫ ବର୍ଷରେ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସମୁଦାୟ ଜନସଂଖ୍ୟା ୨୨୧.୬୦ % ଥିବା ବେଳେ ତାହା ୨୦୧୧-୧୨ ରେ ୧୩୮.୫୩ ଲକ୍ଷକୁ ହ୍ରାସ ପାଇଛି। ଉକ୍ତ ସମୟ ମଧ୍ୟରେ ୮୩.୦୭ ଲକ୍ଷ ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଗଠନ ହେବ ...

ନୀତିନିୟମ ନିର୍ଦ୍ଧାରଣ କରିବ। କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇବାର ତିନି ମାସ ମଧ୍ୟରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକ ରାଜ୍ୟ ବୋର୍ଡ ଏବଂ ରାଜ୍ୟ କର୍ତ୍ତୃପକ୍ଷ ଗଠନ କରିବେ। କ୍ଲିନିକ ଏବଂ ବ୍ୟାଙ୍କ (କୃତ୍ରିମ ଗର୍ଭଧାରଣ କେନ୍ଦ୍ର) ଗୁଡ଼ିକ ପାଇଁ ଜାତୀୟ ବୋର୍ଡ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ନୀତି ଏବଂ ଯୋଜନାଗୁଡ଼ିକୁ ରାଜ୍ୟରେ କାର୍ଯ୍ୟକାରୀ କରିବାର ଦାୟିତ୍ୱ ରାଜ୍ୟ ବୋର୍ଡ ନିକଟରେ ରହିବ। ଏକ କେନ୍ଦ୍ରୀୟ ଡାଟାବେସ ପରିଚାଳନା କରିବା ଏବଂ ଜାତୀୟ ବୋର୍ଡର କାର୍ଯ୍ୟରେ ସହାୟତା ଲାଗି ଏକ ଜାତୀୟ ପଞ୍ଜିକରଣ କର୍ତ୍ତୃପକ୍ଷ ଗଠନ କରିବା ଲାଗି ବିଲରେ ମଧ୍ୟ ବ୍ୟବସ୍ଥା ରହିଛି। ଲିଙ୍ଗ ନିରୂପଣ, ମାନବ ଭ୍ରୂଣ ଓ ଜନନକୋଷ ବିକ୍ରୟ, ଏପରି ବେଆଇନ କାର୍ଯ୍ୟକଳାପ ପାଇଁ ସଂସ୍ଥା/ର୍ୟାକେଟ/ସଂଗଠନ ଚଳାଉଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ବିଲରେ ପ୍ରସ୍ତାବ ରହିଛି। ଏହି ଆଇନର ପ୍ରମୁଖ ଲାଭ ହେଉଛି ଏହା ଦେଶରେ ସହାୟକ ଗର୍ଭଧାରଣ ପ୍ରଯୁକ୍ତି ସେବାକୁ ନିୟନ୍ତ୍ରଣ କରିବାରେ ସଫଳ ହେବ। ଫଳରେ ସନ୍ତାନହୀନ ଦମ୍ପତି ଏଆରଟିଏସ କ୍ଷେତ୍ରରେ ଅଧିକ ବିଶ୍ୱସନୀୟ ଓ ସୁନିଶ୍ଚିତ ସେବା ପାଇପାରିବେ।

# ହନୁମାନ ଚାଳିଶା



ଡାକ୍ତର ବିରଞ୍ଚି ନାରାୟଣ ମଲ୍ଲିକ



ତୁଳସୀ ଦାସ ଥିଲେ ପ୍ରଭୁ ଶ୍ରୀରାମ ଓ ମହାବୀର ହନୁମାନଙ୍କ ବଡ଼ ଭକ୍ତ । ତାଙ୍କ ଭକ୍ତିର ନିଦର୍ଶନ ହେଉଛି ତାଙ୍କ ରଚିତ 'ରାମ ଚରିତ ମାନସ' । ଏହା ତୁଳସୀ ରାମାୟଣ ନାମରେ ଅତ୍ୟନ୍ତ ଲୋକପ୍ରିୟ । ପ୍ରତି ଘରେ ଘରେ ଏହା ପାରାୟଣ କରାଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବନି । ଏହା ବ୍ୟତୀତ ସେ ଅନେକ କାବ୍ୟ, କବିତା, ସ୍ତୋତ୍ର ମଧ୍ୟ ରଚନା କରିଛନ୍ତି । ସେ ମଧ୍ୟରେ ହନୁମାନ ଚାଳିଶା ଅନ୍ୟତମ । ଏହି ହନୁମାନ ଚାଳିଶା କିପରି ରଚନା ହେଲା, ସେ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଚମତ୍କାର କିମ୍ବଦନ୍ତୀ ରହିଛି । ଏକଦା ତୁଳସୀ ଦାସ ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳା ଭୂମି ଗୋକୁଳକୁ ତୀର୍ଥ ଦର୍ଶନରେ ଯାଇଥାନ୍ତି । ସେଠାରେ ସେ ପ୍ରଭୁଙ୍କୁ ପ୍ରାର୍ଥନା କଲେ । ହେ ପ୍ରଭୁ, ଆପଣ ଶ୍ରୀରାମ ରୂପରେ ଦର୍ଶନ ଦେଇ ଆଶୀର୍ବାଦ କରନ୍ତୁ । ଏହା କହି ସେ ଧ୍ୟାନରେ ମଗ୍ନ ହେଲେ । କୁହାଯାଏ ଯେ ପ୍ରଭୁ ତାଙ୍କୁ ଶ୍ରୀରାମ ରୂପରେ ଦର୍ଶନ ଦେଇ ଧନ୍ୟ କଲେ । ଏହାଦ୍ୱାରା ସେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଶ୍ରୀକୃଷ୍ଣ ଓ ଶ୍ରୀରାମ ଏକ, ଅଦ୍ୱିତୀୟ ଓ ଅଭିନ୍ନ ମହାଶକ୍ତି ଅଟନ୍ତି । ଏହି ଘଟଣା ଲୋକ ମୁଖରେ ଚତୁର୍ଦ୍ଦିଗରେ ବ୍ୟାପୀ ଗଲା । ଶେଷରେ ଦିଲ୍ଲୀ ବାଦଶାହା ଆକବରଙ୍କ କାନରେ ପଡ଼ିଲା । ଆକବର ତୁଳସୀ ଦାସଙ୍କୁ ଦରବାରକୁ ଡାକି ଆଣିଲେ ଏବଂ କହିଲେ, 'ଆପଣ ରାମଙ୍କୁ ଦର୍ଶନ କରି ପାରୁଛନ୍ତି ବୋଲି ଆମ୍ଭେ ଶୁଣୁଛୁ । ତେବେ ମୋର ଏହା ଆଦେଶ, ଥରେ ଆମକୁ ଦର୍ଶନ କରାଇ ଦିଅନ୍ତୁ ।' ତୁଳସୀ ଦାସ ଧୀର, ନମ୍ର ଭାବରେ ଜଣାଇଲେ, 'ବାଦ୍‌ଶାହା, ଏହା ସମ୍ପୂର୍ଣ୍ଣ ଭକ୍ତି ଓ ବିଶ୍ୱାସର ବିଷୟ । ରାମ କେବଳ ଜାଣନ୍ତି ସେ କାହାକୁ କେମିତି ଦର୍ଶନ ଦେବେ । ଏଥିପାଇଁ କେହି ଆଦେଶ ଦେଇପାରିବ ନାହିଁ କିମ୍ବା ଇଚ୍ଛା କଲାମାତ୍ରେ ତାହା ସମ୍ଭବ ହେବ ନାହିଁ ।' ତୁଳସୀ ଦାସଙ୍କ କହିବାର ମର୍ମାର୍ଥ ନବୁଝି ଆକବର ରାଗିଲେ । ତୁଳସୀ ଦାସଙ୍କୁ ଜେଲରେ ବନ୍ଦୀ କରିଦେଲେ । ଭକ୍ତ ତୁଳସୀ ଦାସଙ୍କ ପାଇଁ ଘର, ମନ୍ଦିର ଓ ବନ୍ଦୀଶାଳା କିଛି ତଫାତ୍ ନୁହେଁ । ବନ୍ଦୀଶାଳାରେ ରହି ଶ୍ରୀରାମଙ୍କୁ ଧ୍ୟାନ କରି ସେଥିରେ ଲୀନ ହୋଇଗଲେ । ରାମଙ୍କୁ ଧ୍ୟାନ କରିବାରୁ, ସେହି ଧ୍ୟାନ ମାଧ୍ୟମକୁ ହନୁମାନଜୀ ଆବିର୍ଭୂତ ହେଲେ । ପ୍ରଚଣ୍ଡ ଦୈବୀଶକ୍ତିରେ ପ୍ରେରଣା ବଳରେ ସେ ହନୁମାନଙ୍କ କୃପା ଭିକ୍ଷା କରିବାକୁ ଯାଇ ହନୁମାନ ଚାଳିଶା ସ୍ୱତଃ ରଚନା କଲେ । ଏହା ଏକ ସ୍ତୋତ୍ର-ସମୁଦାୟ ଚାଳିଶିଟି ପଦରେ ନିବନ୍ଧ । ଏହା ସମ୍ପୂର୍ଣ୍ଣ ହେଲାମାତ୍ରେ, ହଜାର ହଜାର ସଂଖ୍ୟାରେ ମାଙ୍କଡ଼ ଦିଲ୍ଲୀ ସହରରେ ପହଞ୍ଚିଯାଇ ସତ୍ୟାଗ୍ରହ କଲେ । ଜନଜୀବନ ଅସ୍ତବ୍ୟସ୍ତ ଓ ଅସ୍ଥିର ହୋଇଗଲା । ବାଦଶାହା ଆକବର ସୈନ୍ୟ ବଳ ପ୍ରୟୋଗ କରି ମାଙ୍କଡ଼ମାନଙ୍କୁ ଆୟତ୍ତ କରିପାରିଲେ ନାହିଁ । ଶେଷରେ ମନ୍ତ୍ରୀ ଓ ସମ୍ଭ୍ରାନ୍ତମାନେ ବାଦଶାହାଙ୍କୁ ପରାମର୍ଶ ଦେଲେ । ଏହାସବୁ ହନୁମାନଜୀଙ୍କ କୋପର ପରିଣାମ । ନିରୀହ ନିର୍ଦ୍ଦୋଷ ତୁଳସୀ ଦାସଙ୍କୁ ଶୀଘ୍ର ମୁକ୍ତ କରି ଦିଅନ୍ତୁ ବୋଲି ଅନୁରୋଧ କଲେ । ଶେଷରେ ସେୟା ହେଲା । ତୁଳସୀ ଦାସ ଯେମିତି ମୁକ୍ତି ହୋଇଛନ୍ତି, ତାର ପର ମୁହୂର୍ତ୍ତରେ ମାଙ୍କଡ଼ମାନେ କେଉଁଆଡ଼େ ଚାଲିଗଲେ । ଏହା ହନୁମାନ ଚାଳିଶାର ମହାତ୍ମ୍ୟ । ଅନ୍ୟାୟ ବିରୁଦ୍ଧରେ ଅହିଂସା ଆନ୍ଦୋଳନକୁ ଭଗବାନ ମଧ୍ୟ ସମର୍ଥନ କରନ୍ତି ।

ଶ୍ରୀରାମଙ୍କ ପରମ ଭକ୍ତ ହେଉଛନ୍ତି ହନୁମାନ । ହନୁମାନଙ୍କୁ ପୂଜା କଲେ ଶ୍ରୀରାମ ଠାକୁର ଶୀଘ୍ର ସନ୍ତୁଷ୍ଟ ହୋଇଥାନ୍ତି । ଶାସ୍ତ୍ର ଅନୁସାରେ ମାତା ସୀତାଙ୍କ ବରଦାନ ପ୍ରଭାବରେ ହନୁମାନ ଅମର । ଯେଉଁଠାରେ ଭକ୍ତି ଏବଂ ଶ୍ରଦ୍ଧାର ସହିତ ରାମଚରିତ ମାନସ, ସୁନ୍ଦରକାଣ୍ଡ ଅଥବା ରାମାୟଣ ପାଠ କରାଯାଏ ସେଠାରେ ସ୍ୱୟଂ ହନୁମାନ ପ୍ରକଟ ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ । ତେବେ ହନୁମାନ ଚାଳିଶାରେ ୪୦ ଗୋଟି ଦୋହା ରହିଛି । ଏହା ପଛରେ କ'ଣ କାରଣ ଅଛି ଜାଣନ୍ତି କି ? ଯଦି ଜାଣିନାହାନ୍ତି ଆସନ୍ତୁ ଜାଣିବା । କେବଳ ହନୁମାନ ଚାଳିଶାରେ ନୁହେଁ ସମସ୍ତ ଦେବାଦେବୀଙ୍କ ପ୍ରମୁଖ ସ୍ତୁତିଗୁଡ଼ିକରେ ମଧ୍ୟ ଚାଳିଶିଟି ଦୋହା ରହିଥାଏ । ବିଦ୍ୱାନମାନଙ୍କ ଅନୁସାରେ ଚାଳିଶା ଅର୍ଥାତ ଚାଳିଶି ସଂଖ୍ୟା । ତେଣୁକରି ତାକୁ ଚାଳିଶା କୁହାଯାଏ । ଯେପରି ଭାବେ ହନୁମାନଙ୍କ ଚାଳିଶାରେ ଚାଳିଶିଟି ଦୋହା ରହିଛି, ସେହିପରି ଦୁର୍ଗା ଏବଂ ଶିବ ଚାଳିଶାରେ ମଧ୍ୟ ରହିଛି । ଏହାର ଧାର୍ମିକ ଦୃଷ୍ଟିକୋଣ ମଧ୍ୟ ରହିଛି । ଏହି ୪୦ ସ୍ତୁତିରେ ଦେବାଦେବୀଙ୍କ ଚରିତ୍ର, ଶକ୍ତି, କାର୍ଯ୍ୟ ଏବଂ ମହିମା ଆଦି ବର୍ଣ୍ଣନା କରାଯାଇଥାଏ । ପୁଣି ମଣିଷ ଜୀବନ ୨୪ଟି ତତ୍ତ୍ୱରେ ନିର୍ମିତ । ଆଉ ଜୀବନକାଳରେ ୧୬ଟି ସଂସ୍କାର ନିର୍ଦ୍ଧାରଣ କରାଯାଇଛି । ଏହି ଦ୍ୱୟକୁ ଯୋଗ କଲେ ବି ୪୦ ହୁଏ । ଏହି ୨୪ ତତ୍ତ୍ୱରେ ୫ ଜ୍ଞାନେନ୍ଦ୍ରିୟ, ୫ କର୍ମେନ୍ଦ୍ରିୟ, ୫ ମହାଭୂତ, ୫ ତନ୍ମାତ୍ରା, ୪ ଅନ୍ତଃକରଣ ସାମିଲ ରହିଛି । ଷୋହଳ ସଂସ୍କାର ହେଉଛି ଗର୍ଭାଧାନ, ପୁଂସବନ, ସିମନ୍ତୋନ୍ନୟନ, ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ, ବିଦ୍ୟାରମ୍ଭ, କର୍ଣ୍ଣଭେଦ, ପାଣିଗ୍ରହଣ ଓ ଅନ୍ତେଷ୍ଟି ଆଦି ସଂସ୍କାର । ଭଗବାନଙ୍କ ଏହି ଚାଳିଶା ବା ସ୍ତୁତିରେ ଆମର ସମ୍ପୃକ୍ତ ତତ୍ତ୍ୱ ଏବଂ ସଂସ୍କାରର ବି ବ୍ୟାଖ୍ୟା କରାଯାଏ । ଏହା ପାଠ କରିବା ଦ୍ୱାରା ଜୀବନରେ ହୋଇଥିବା ଦୋଷତ୍ରୁଟିର ବି କ୍ଷମାଯାଚନା ହୋଇଯାଏ । ଏଣୁ ଚାଳିଶା ଏବଂ ଚୌପାଇରେ ଷୋହଳ ସଂସ୍କାର ଏବଂ ୨୪ ତତ୍ତ୍ୱର ମଧ୍ୟ ସମାବେଶ ହୋଇଥାଏ । ଯାହା ପାଇଁ ଜୀବନର ଉତ୍ପତ୍ତି ହୋଇଛି ।

*ସର୍ଜରୀ ବିଶେଷଜ୍ଞ, କଟକ*
*ଦୂରଭାଷ : ୯୪୩୭୨୭୭୭୪୮*

ଆରତୀ କୀଜୈ ହନୁମାନ ଲଲା କୀ । ଦୁଷ୍ଟଦଲନ ରଘୁନାଥ କଲା କୀ ॥ ଘୋ.॥
ଜାକେ ବଲ ସେ ଗିରିଵର କାଁପୈ । ରୋଗ ଦୋଷ ଜାକେ ନିକଟ ନ ଝାଁପୈ ॥ ୧ ॥
ଅଂଜନି ପୁତ୍ର ମହା ବଲଦାଈ । ସଂତନ କେ ପ୍ରଭୁ ସଦା ସହାଈ ॥ ୨ ॥
ଦେ ବୀରା ରଘୁନାଥ ପଠାୟେ । ଲଂକା ଜାରି ସୀୟା ସୁଧି ଲାୟେ ॥ ୩ ॥
ଲଂକା ସୋ କୋଟ ସମୁଦ୍ର ସୀ ଖାଈ । ଜାତ ପଵନସୁତ ବାର ନ ଲାଈ ॥ ୪ ॥
ଲଂକା ଜାରି ଅସୁର ସଂହାରେ । ସିୟାରାମଜୀ କେ କାଜ ସଁଵାରେ ॥ ୫ ॥
ଲକ୍ଷ୍ମଣ ମୂର୍ଚ୍ଛିତ ପଡ଼େ ସକାରେ । ଆନି ସଜୀଵନ ପ୍ରାନ ଉବାରେ ॥ ୬ ॥
ପୈଠି ପତାଲ ତୋରି ଜମ-କାରେ । ଅହିରାଵନ କୀ ଭୁଜା ଉଖାରେ ॥ ୭ ॥
ବାୟେଁ ଭୁଜା ଅସୁର ଦଲ ମାରେ । ଦହିନେ ଭୁଜା ସଂତଜନ ତାରେ ॥ ୮ ॥
ସୁର ନର ମୁନି ଆରତୀ ଉତାରେ । ଜୈଁ ଜୈଁ ଜୈଁ ହନୁମାନ ଉଚ୍ଚାରେ ॥ ୯ ॥
କଂଚନ ଥାର କପୂର ଲୌ ଛାଈ । ଆରତି କରତ ଅଂଜନା ମାଈ ॥ ୧୦ ॥
ଜୋ ହନୁମାନ(ଜୀ)କୀ ଆରତି ଗାଵୈ । ବସି ବୈକୁଂଠ ପରମପଦ ପାଵୈ ॥ ୧୧ ॥

# 'କାଳିଆ' ଯୋଜନା ପାଇଁ ୩୧୯୫ କୋଟି

**ଭୁବନେଶ୍ୱର :** ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କୃଷି ବଜେଟ୍ ନିମନ୍ତେ ୧୯୪୦୮କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଚାଷୀମାନଙ୍କ ଠାରୁ ଠିକ ସମୟରେ ଧାନ ସଂଗ୍ରହ ପାଇଁ ବଜେଟ ବର୍ହିଭୂତ ସମ୍ବଳରୁ ପ୍ରାୟ ୧୨ହଜାର କୋଟି ଟଙ୍କା ବ୍ୟୟ କରାଯିବ । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କୃଷି ବଜେଟ୍ ଉପସ୍ଥାପନ କରି ଏହା କହିଛନ୍ତି । ୨୦୦୦-୦୧ରୁ ୨୦୧୬-୧୭ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାର କୃଷିଭିତିକ ଜିଡିପି ପ୍ରାୟ ଦୁଇଗୁଣିତ ହୋଇଛି । ଏହି ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ଓଡ଼ିଶାରେ ୪.୫ ପ୍ରତିଶତ ଥିବାବେଳେ ସମଗ୍ର ଭାରତ ବର୍ଷରେ ଏହି ହାର ୩.୧ ପ୍ରତିଶତ ରହିଛି । ସେ କହିଛନ୍ତି ଯେ କାଳିଆ ଯୋଜନାରେ ବର୍ତମାନ ସୁଦ୍ଧା ୪୩ଲକ୍ଷ କୃଷକଙ୍କୁ ସହାୟତା ଯୋଗାଇ ଦିଆଯାଇଛି ଓ ୫୧୧୫ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଇଛି । ଏହି ଯୋଜନାରେ ଚଳିତ ବଜେଟ୍‌ରେ ୩୧୯୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେ କହିଛନ୍ତି ଯେ ପରମ୍ପରାଗତ କୃଷି ବିକାଶ ଯୋଜନାରେ ୨୦୮୦୦ ହେକ୍ଟର ଜମିରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ୪୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଚାଷୀଙ୍କୁ ଆଗୁଆ ବିହନ ଯୋଗାଇ ଦେବା ପାଇଁ ୧୦୦କୋଟି ଟଙ୍କା ଓ ସାର ଯୋଗାଇବା ପାଇଁ ଆଉ ୧୦୦ କୋଟି ଟଙ୍କାର ରିଭଲବିଙ୍ଗ ଫଣ୍ଡର ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି ଯେ ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠାନରେ ପୁଞ୍ଜିବିନିଯୋଗ ପାଇଁ ୧୦୦ କୋଟି ଟଙ୍କାର ସବସିଡି ପ୍ରସ୍ତାବ ରହିଛି ଓ କୃଷି ଯନ୍ତ୍ରପାତି ଓ ଡିଜେଲ ପମ୍ପସେଟର ଲୋକପ୍ରିୟତା ବଢ଼ାଇବା ପାଇଁ ଆଉ ୨୨୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସେ କହିଛନ୍ତି ଯେ, କୃଷି ଗବେଷଣା, ଶିକ୍ଷା ଭିତିଭୂମିର ବିକାଶ ପାଇଁ ୧୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ୨୦୧୯-୨୦ ବର୍ଷ ବ୍ୟୟବରାଦର ୫ ଗୁଣ ଅଧିକ । ସେ କହିଛନ୍ତି ଯେ, ଜିଲ୍ଲାସ୍ତରରେ କୃଷି ବୈଷୟିକ ପରିଚାଳନା ସଂସ୍ଥା ମାଧ୍ୟମରେ କୃଷି ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରିବା ପାଇଁ ୧୫୦ କୋଟି ଟଙ୍କା ଓ ଜାତୀୟ କୃଷି ମିଶନରେ ୧୨୩କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ଅତିରିକ୍ତ ୧ଲକ୍ଷ ୮୪ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଜଳସଂରକ୍ଷଣ, ଜଳ ବ୍ୟବହାର ଦକ୍ଷତା, ଜଳସେଚନ, ନଳ ଦ୍ୱାରା ପାନୀୟ ଜଳ ଯୋଗାଣ, ଶିଳ୍ପ କ୍ଷେତ୍ରରେ ଜଳ ବ୍ୟବହାରକୁ ସାମଗ୍ରୀକ ଭାବେ ଦୃଷ୍ଟିରେ ରଖି ସମସ୍ତ ମୁଖ୍ୟ ନଦୀମାନଙ୍କରେ ପାଂଚବର୍ଷ ମଧ୍ୟରେ ୧୨ ହଜାର କୋଟି ଟଙ୍କା ନିବେଶ କରି ଇନଷ୍ଟିମ ଷ୍ଟୋରେଜ ଷ୍ଟକଚର(ଆଇଏସଏସ) ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି । ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧୦୯୨କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପିଏମକେଏସୱାଇ ମାଧ୍ୟମରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡ଼ିକୁ ତ୍ୱରିତ ଜଳସେଚନ ସୁବିଧା ଯୋଜନାରେ ସମ୍ପୂର୍ଣ୍ଣ କରିବା ପାଇଁ ୧୮୧୧କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ ରାଜ୍ୟ ପାଣ୍ଠିରୁ ପ୍ରଚଳିତ ଜଳକ୍ଷେତ୍ର ଭିତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ଅଧିନରେ ନିର୍ମାଣାଧିନ ଓ ନୂତନ ପ୍ରକଳ୍ପ ପାଇଁ ୯୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହାବାଦ ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ ପାଇଁ ୧୦୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପାର୍ବତୀଗିରି ବୃହତ ଉଠାଜଳସେଚନ ପ୍ରକଳ୍ପ ଅଧିନରେ ୩୩ଗୋଟି ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ପୁରା କରିବା ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୫୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । କାଳିଆ ଯୋଜନା ଅଧିନରେ କୃଷକମାନଙ୍କୁ ୦ ପ୍ରତିଶତ ଋଣ ଉପଲବ୍ଧ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ତେଣୁ ଇଣ୍ଟ୍ରେଷ୍ଟ ସବସିଡି ଯୋଜନାରେ କୃଷକମାନଙ୍କୁ ସୁଧ ରିହାତି ନିମନ୍ତେ ୭୦୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କୃଷକମାନଙ୍କୁ ତ୍ୱରିତ ସହାୟତା ଓ ପର୍ଯ୍ୟାପ୍ତ କ୍ଷତିପୂରଣ ନିମନ୍ତେ ୭୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ୨୦୨୦-୨୧ ଆର୍ଥିକ ବର୍ଷରେ ଏଥିରେ ୨୭ଲକ୍ଷ ଚାଷୀଙ୍କୁ ବୀମାଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ମିଲେଟ୍ ମିଶନ ପାଇଁ ୧୦୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ମତ୍ସ୍ୟ ପଶୁ ପାଳନ କ୍ଷେତ୍ରରେ ବ୍ୟୟ ବରାଦକୁ ବୃଦ୍ଧି କରାଯାଇ ୧୨୧୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଶ୍ୱେତ ବିପ୍ଳବ ଯୋଜନାରେ ଗୋପାଳନ ଉନ୍ନୟନ ଓ ପଶୁଧନ ପରିଚାଳନା ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ଉନ୍ନତମାନର ଦୁଗ୍ଧ ପ୍ରକ୍ରିୟାକରଣ ନିମିତ ଓମଫେଡ଼ ଦ୍ୱାରା ୫ଲକ୍ଷ ଏଲପିଡି ବିଶିଷ୍ଟ ଡ୍ୟାରି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆରଆଇଡିଏଫ ସହାୟତାରେ ୫୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

# ପିଆରଏମ ମେଡ଼ିକାଲ କଲେଜ ସୁପରିଟେଣ୍ଡେଣ୍ଟଙ୍କୁ ଭଞ୍ଜସେନାର ବିରୋଧ

**ବାରିପଦା :** ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସୁପାରିଟେଣ୍ଡେଣ୍ଟ ବୈକୁଣ୍ଠ ନାଥ ମହାପାତ୍ର ଆଜି ମୟୂରଭଞ୍ଜ ଜିଲ୍ଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ତୀବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି । ଫଳରେ ହସପିଟାଲ ଭିତରକୁ ପ୍ରବେଶ କରିନପାରି ମୁଖ୍ୟ ଫାଟକ ସମ୍ମୁଖରୁ ଫେରିଯିବାକୁ ବାଧ୍ୟ ହୋଇଥିବାର ପରିଲକ୍ଷିତ ହୋଇଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବାରିପଦା ପିଆରଏମ ସରକାରୀ ମେଡ଼ିକାଲ କଲେଜରେ ଚିକିତ୍ସା ଅବହେଳା କାରଣରୁ ବିଭିନ୍ନ ସମୟରେ ରୋଗୀ ମୃତ୍ୟୁ ସାଙ୍ଗକୁ କାର୍ଯ୍ୟରତ ଡ଼ାକ୍ତର ଓ ସ୍ୱାସ୍ଥ୍ୟ ସେବିକାମାନେ ରୋଗୀ ଓ ସେମାନଙ୍କର ଆଟେଣ୍ଡେଣ୍ଟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ମୁହଁ ଖୋଲିଲେ ଥାନାରେ ମାମଲା, ଡ଼ାକ୍ତରମାନେ ଚିକିତ୍ସାଳୟରେ ଅନୁପସ୍ଥିତ ରହିବା ଆଦି ସଙ୍ଗୀନ ଅଭିଯୋଗ ନିତିଦିନିଆ ଘଟଣାରେ ପରିଣତ ହୋଇସାରିଛି । ଅଭିଯୋଗ ଉପରେ ଧର୍ମକୁ ଆଖିଠାର ମାରି ତଦନ୍ତ ଚାଲୁଛି । ହସପିଟାଲର ସୁପାରିଟେଣ୍ଡେଣ୍ଟ ବୈକୁଣ୍ଠ ନାଥ ମହାପାତ୍ରଙ୍କ ପରିଚାଳନା ଗତ ଅପାରଗତା କାରଣରୁ କାର୍ଯ୍ୟରତ ଡ଼ାକ୍ତର ଓ ସ୍ୱାସ୍ଥ୍ୟ ସେବୀକାମାନେ ଦିନକୁ ଦିନ ଅଧିକ ସ୍ୱେଚ୍ଛାଚାରୀ ହୋଇପଡୁଥିବାର ଅଭିଯୋଗ ହେବା ପରେ ଗତ ଫେବୃଆରୀ ୩ରେ ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲରେ ଦେଖାଦେଇଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ପ୍ରତିବାଦ ସହ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ଏବଂ ମେଡ଼ିକାଲ କଲେଜ ଓ ହସପିଟାଲର ଅପାରଗ ସୁପାରିଟେଣ୍ଡେଣ୍ଟଙ୍କୁ ତୁରନ୍ତ ତାଙ୍କ ପଦବୀରୁ ବହିଷ୍କାର କରାଯିବା ନିମନ୍ତେ ଦାବି କରାଯାଇଥିଲା । ଏଥିନିମନ୍ତେ ଭଞ୍ଜସେନା ପକ୍ଷରୁ ୧୫ ଦିନର ସମୟ ଦିଆଯାଇଥିଲା । ମାତ୍ର ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେନାର ଦାବି ପ୍ରତି ଅଣଦେଖା ପ୍ରଦର୍ଶନ କରାଯାଇଥିବାରୁ ପୂର୍ବ ସୂଚନା ଅନୁସାରେ ଆଜି ଭଞ୍ଜସେନା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହୋଇଥିଲେ । ଫଳରେ ପ୍ରଥମ ପଦକ୍ଷେପ ସ୍ୱରୂପ ସେନାର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ, ଯୁବ ଛାତ୍ର ସଂଯୋଜକ ରାକେଶ ବେହେରା, ଉପାଧ୍ୟକ୍ଷ ଲାଲବାହାଦୁର ମହାନ୍ତି, ସହର ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ସହର ଉପସଭାପତି ଏସକେ ରାଜା ଖାନ୍, ଯୁବ ନେତା ଅମରେଶ ସିଂ, ଛାତ୍ର ନେତା ଅଭିଶେକ କବାଟ, ସୌମ୍ୟରଞ୍ଜନ ସାହୁ, ସଞ୍ଜୟ ମାହାର୍ଣ୍ଣା, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସତ୍ୟବ୍ରତ ଦାସ, ପ୍ରଶାନ୍ତ ମହାକୁଡ଼, ଇସ୍ରାଇଲ ଖାନ, ମନୋଜ ସାହୁ, ଆକାଶ କାମିଲା, ମୁକ୍ତିଦତ୍ତ ପରିଡ଼ା, ଆଲୋକ ବେହେରା ପ୍ରମୁଖ ଶତାଧିକ କର୍ମକର୍ତ୍ତା, ସଦସ୍ୟ ଓ ସମର୍ଥକ ଆଜି ପୂର୍ବାହ୍ନ ୮ରୁ ମେଡ଼ିକାଲ କଲେଜର ସମସ୍ତ ୪ଟି ପ୍ରବେଶ ପଥକୁ ଅବରୋଧ କରିଥିଲେ ଏବଂ ପ୍ରାୟ ୧୦ଟା ସମୟରେ ମେଡ଼ିକାଲ କଲେଜ ଓ ହସପିଟାଲର ସୁପାରିଟେଣ୍ଡେଣ୍ଟ ଶ୍ରୀମହାପାତ୍ର ହସପିଟାଲ ଭିତରକୁ ପ୍ରବେଶ କରିବାକୁ ଯାଉଥିବା ସମୟରେ ସେନାର ସଦସ୍ୟମାନେ ହାତରେ ପ୍ଲେକାର୍ଡ଼ ଧରି ଏବଂ ସୁପାରିଟେଣ୍ଡେଣ୍ଟ ଗୋ ବ୍ୟାକ୍ ନାରା ଦେଇ ତାଙ୍କର ପଥରୋଧ କରିବାରୁ ସେ ଫାଟକ ସମ୍ମୁଖରୁ ଫେରିଯିବାକୁ ବାଧ୍ୟ ହୋଇଥିଲେ । ଏଥି ସହିତ ଏହି ବିରୋଧ ଓ ଧାରଣା ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ଜାରି ରହିଥିବା ସମୟରେ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରଖା କରିବା ନିମନ୍ତେ ପୁଲିସ ମୁତୟନ କରାଯାଇଥିବାର ଦେଖିବାକୁ ମିଳିଥିଲା ।



## ଚଳିତ ବଜେଟରେ ଓଡିଶାକୁ ମିଳିବ ୭୩,୫୯୬ କୋଟି

# କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ବିଫଳ : ରାମ ମାଧବ

**ଭୁବନେଶ୍ୱର :** ଚଳିତବର୍ଷର କେନ୍ଦ୍ରୀୟ ସାଧାରଣ ବଜେଟ୍ ଦ୍ୱାରା ଭାରତବର୍ଷର କୃଷକ, ମହିଳା, ଯୁବକ,ଜନଜାତି, ଦଳିତ ଓ ପଛୁଆ ବର୍ଗର ଲୋକମାନେ ଅଧିକ ଲାଭାନ୍ୱିତ ହେବେ । ବିଶେଷଭାବରେ ଓଡିଶା ଭଳି ରାଜ୍ୟରେ ଜନଜାତି, ଦଳିତ ଓ ପଛୁଆ ବର୍ଗର ଲୋକମାନ ଏହି ବଜେଟରୁ ସବୁଠୁ ବେଶୀ ଲାଭ ପାଇପାରିବେ । ପ୍ରତି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ରାଜ୍ୟ ଗୁଡିକ ପାଇଁ କେନ୍ଦ୍ର ସରକାରଙ୍କ ଚଳିତ ବଜେଟ ବରଦାନ ସଦୃଶ୍ୟ । ସମସ୍ତ ରାଜ୍ୟ ସରକାର ଏହି ଦିଗରେ କାର୍ଯ୍ୟ କରି କେନ୍ଦ୍ର ବଜେଟର ଲାଭ ଉଠାଇ ପାରିବେ । ଓଡିଶା ସରକାର କେନ୍ଦ୍ରୀୟ ଯୋଜନାରେ ସାମିଲ ହେବା ପାଇଁ ଆବଶ୍ୟକୀୟ ପ୍ରସ୍ତାବ ପଠାଉ ନାହାଁନ୍ତି କି କେନ୍ଦ୍ରୀୟ ଅନୁଦାନକୁ ସଠିକ ଭାବରେ ଖର୍ଚ୍ଚ କରିପାରୁ ନାହାଁନ୍ତି । ରାଜ୍ୟସରକାର ଅନେକ ଯୋଜନାରେ କେନ୍ଦ୍ର ଦେଇଥିବା ଅନୁଦାନର ମାତ୍ର ୪ ରୁ ୬ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି । ଚଳିତବର୍ଷ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ, କେନ୍ଦ୍ରୀୟ ଅନୁଦାନ ଏବଂ ରେଳ ବିକାଶ ପାଇଁ ୭୩,୫୯୬ କୋଟି ଟଙ୍କାର ଅନୁଦାନ ଓଡିଶାକୁ ମିଳିବାକୁ ଯାଉଛି । ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବା ପାଇଁ ସବୁବେଳେ ପ୍ରସ୍ତୁତ ଅଛନ୍ତି । କିନ୍ତୁ କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିନପାରି ରାଜ୍ୟସରକାର ସବୁବେଳେ କେନ୍ଦ୍ର ଉପରେ ଦୋଷ ଲଦିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ରାମ ମାଧବ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଧବ କହିଛନ୍ତି ଯେ, ଚଳିତ କେନ୍ଦ୍ରୀୟ ବଜେଟରେ ପଛୁଆ ବର୍ଗଙ୍କୁ ସହାୟତା ଦେବା ଏବଂ ତାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ଆଣିଛନ୍ତି । ଆଗାମୀ ଦିନରେ ଦେଶର ବିଭିନ୍ନ କ୍ଷେତ୍ରରେ ଭିତିଭୂମି ସୁଦୃଢ଼ କରିବା ଏବଂ ଜଳ ସଂଶାଧନ କ୍ଷେତ୍ରରେ ଚଳିତ ବଜେଟରେ ଅଧିକ ପୁଞ୍ଜି ନିବେଶ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ କୃଷକ ମାନଙ୍କ ହିତ ପାଇଁ ମୋଦି ସରକାରଙ୍କ ଏହି ବଜେଟରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ଚାଷୀଙ୍କ ଫସଲକୁ ମାର୍କେଟରେ ପହଞ୍ଚାଇବା ପାଇଁ କିଷାନ ରେଲ ଏବଂ କିଷାନ ଉଡାନର ବ୍ୟବସ୍ଥା ଆରମ୍ଭ ହୋଇଛି । କେନ୍ଦ୍ର ସରକାର ଷ୍ଟାର୍ଟ ଅପ୍ ପ୍ରୋଗ୍ରାମକୁ ପୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଉଚ୍ଚଶିକ୍ଷା କ୍ଷେତ୍ରରେ ବିଦେଶ ପୁଂଜି ନିବେଶ କରିବା ପାଇଁ ନିଷ୍ପତି ହୋଇଛି, ଯାହା ଆଗାମୀ ଦିନରେ ବିଶ୍ୱ ସ୍ତରୀୟ ଶିକ୍ଷାନୁଷ୍ଠାନ ସ୍ଥାପନ ହେବାରେ ସହାୟକ ହେବ । ଉନ୍ନତ ମାନର ପ୍ରଦର୍ଶନ କରୁଥିବା ରାଜ୍ୟ ମାନେ କେନ୍ଦ୍ରୀୟ ଯୋଜନା ଲାଭ ନେବାରେ ଆଗରେ ରହିବେ । ମତ୍ସ୍ୟ ଉତ୍ପାଦନ, ସୋଲାର କ୍ଷେତ୍ରରେ, ଜଳ ସଂଶାଧନ କ୍ଷେତ୍ରରେ ବଜେଟ ପ୍ରାବଧାନ ରହିଛି । ଜଳ ସଂଶାଧନ କ୍ଷେତ୍ରରେ ୩.୫ ଲକ୍ଷ କୋଟି ରହିଛି । ଓଡିଶାର ବିଭିନ୍ନ ଜିଲ୍ଲାରେ ପାଣିର ସମସ୍ୟା ରହିଛି । ଯଦି ରାଜ୍ୟସରକାର କିଛି ଭଲ ପ୍ରୋଜେକ୍ଟ ଆଣନ୍ତି ତେବେ କେନ୍ଦ୍ର ସରକାର ପୂର୍ଣ୍ଣ ସହାୟତା ଦେବା ପାଇଁ ପ୍ରସ୍ତୁତ ରହିଛନ୍ତି ବୋଲି ଶ୍ରୀ ମାଧବ କହିଛନ୍ତି । ଚାଷ ପାଇଁ କୁସୁମ ଯୋଜନାରେ ଚାଷୀଙ୍କୁ ସୌର ଚାଳିତ ପମ୍ପ ଯୋଗାଇ ଦିଆଯିବ । ଏହାର ଫାଇଦା ଓଡିଶା ସରକାର ଉଠାଇ ପାରିବେ ।



୨୦୦ ଲକ୍ଷ କୋଟି ମତ୍ସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି । ଓଡିଶା ପାଇଁ ମଧ୍ୟ ଏହା ଏକ ବଡ ଲାଭକାରୀ ହୋଇ ପାରିବ । ଚଳିତ ବଜେଟରେ ଯୁବପିଢୀଙ୍କ ପାଇଁ ଷ୍ଟାର୍ଟ ଅପ, ଶିକ୍ଷା, ମତ୍ସ୍ୟ ଉତ୍ପାଦନ, ଭିତିଭୂମି ବିକାଶ ଦିଗରେ ପୁଞ୍ଜି ନିବେଶ କରାଯିବ । ଆଗାମୀ ୫ ବର୍ଷ ମଧ୍ୟରେ ଭିତିଭୂମି କ୍ଷେତ୍ରରେ ସାରା ଦେଶରେ ୧୦୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବ । ଦେଶରେ ୧୦୦ଟି ନୂଆ ବିମାନବନ୍ଦରର କାର୍ଯ୍ୟ କରାଯିବ । ଦେଶର ପ୍ରତ୍ନତତ୍ତ୍ୱ ବିଭାଗର ବିକାଶ ପାଇଁ ଶିକ୍ଷା ସଂସ୍ଥାନ ଖୋଲା ଯିବ, ଏହାର ଫାଇଦା ମଧ୍ୟ ଓଡିଶା ରାଜ୍ୟସରକାର ନେଇ ପାରିବେ ବୋଲି ଶ୍ରୀ ମାଧବ କହିଛନ୍ତି । ଟିକସ ଦାତାଙ୍କ ପାଇଁ କେନ୍ଦ୍ର ସରକାର ୧୫ଲକ୍ଷ ପର୍ଯ୍ୟନ୍ତ ଟିକସ ଢାଞ୍ଚାକୁ ସରଳ କରାଯାଇଛି । ଏହା ଦ୍ୱାରା ମଧ୍ୟମ ବର୍ଗର ଲୋକଙ୍କୁ ବଡ ଫାଇଦା ମିଳିପାରିବ । ଟ୍ୟାକ୍ସ ସମ୍ବନ୍ଧୀୟ ଭ୍ରଷ୍ଟାଚାରକୁ ମୁକ୍ତ କରିବା ପାଇଁ ଫେସ ଲେସ ଟାକ୍ସ ଆସେସମେଣ୍ଟ ଏବଂ ଫେସ ଲେସ ଟ୍ୟାକ୍ସ ଅପିଲ ବ୍ୟବସ୍ଥା ଲାଗୁ କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତରେ ଟିବି ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ବଡ ପଦକ୍ଷେପ ଗ୍ରହଣ କରିଛନ୍ତି । ଆୟୁଷ୍ମାନ ଯୋଜନାର ଫାଇଦା ଓଡିଶାବାସୀ ଉଠାଇ ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଦେଶରେ ୨୦ ହଜାରରୁ ଉର୍ଦ୍ଧ୍ୱ ମେଡିକାଲକୁ ଆୟୁଷ୍ମାନ ଭାରତ ମାଧ୍ୟମରେ ଯୋଡାଯାଇଛି । ଓଡିଶାରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ପଛୁଆ ବର୍ଗ ଲୋକ ବସବାସ କରୁଛନ୍ତି । ଏହି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଥିଲେ ସେମାନଙ୍କୁ ବଡ ଫାଇଦା ମିଳି ପାରିଥାନ୍ତା । ଆୟୁଷ୍ମାନ ଯୋଜନା ପାଇଁ ଭାରତ ସରକାର ୭୦ ହଜାର କୋଟିର ପ୍ରବାଧାନ ରଖିଛନ୍ତି । କିନ୍ତୁ ରାଜ୍ୟସରକାର ଏଠି ଏହି ଯୋଜନାକୁ ଲାଗୁ କରୁନାହାଁନ୍ତି । ପ୍ରତି ଜିଲ୍ଲା ହସ୍ପିଟାଲକୁ ମେଡିକାଲ କଲେଜ ସହ ଯୋଡିବାର ଯୋଜନା ଅଣାଯାଇଛି । ଓଡିଶା ଶିକ୍ଷିତ ଯୁବକମାନେ ଏହାର ଫାଇଦା ଉଠାଇ ପାରିବେ ବୋଲି ଶ୍ରୀ ମାଧବ କହିଛନ୍ତି । ଚଳିତ ବଜେଟରେ ଟେକ୍ନୋଲେଜିକୁ ଭାରତରେ ଆଗକୁ ନେବାର ପ୍ରୟାସ କରାଯାଇଛି । ଭାରତ ନେଟ ଅନ୍ତର୍ଗତ ୧ ଲକ୍ଷ ଗାଁକୁ ଇଣ୍ଟରନେଣ୍ଟ ବ୍ୟବସ୍ଥା କରାଯାଇଛି । ଦେଶରେ ବିକାଶକୁ ପ୍ରଧାନ୍ୟ ଦେଇ ନିଉ ଇଣ୍ଡିଆ ଦିଗରେ କାର୍ଯ୍ୟକରିବା କେନ୍ଦ୍ର ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ରହିଛି । କୃଷି କ୍ଷେତ୍ରରେ ୪୪ ପ୍ରତିଶତ ନିଯୁକ୍ତିର ସୁଯୋଗ ରହିଛି । ଏମଏସଏମଇ କ୍ଷେତ୍ରରେ ମଧ୍ୟ ଅନେକ ପ୍ରୋଜେକ୍ଟ ଅଣାଯାଇଛି । ଭିତିଭୂମି କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର ନିବେଶ କରିବାର ଲକ୍ଷ୍ୟ ରହିଛି । ଏହା ଦ୍ୱାରା ଦେଶର ଗ୍ରାମୀଣ ଅର୍ଥ ବ୍ୟବସ୍ଥା ସୁଦୃଢ ହୋଇ ପାରିବ ବୋଲି ଶ୍ରୀ ମାଧବ କହିଛନ୍ତି ।



# 'ଭୁବନେଶ୍ୱରରେ କେବେ ସ୍ଥାପନା ହେବ ଜୁଭେନାଇଲ ଜଷ୍ଟିସ ବୋର୍ଡ'

**ଭୁବନେଶ୍ୱର :** ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ଆଜି ମଧ୍ୟ ପୂର୍ଣ୍ଣକାଳୀନ ଜୁଭେନାଇଲ ଜଷ୍ଟିସ ବୋର୍ଡ ନାହିଁ। ଭୁବନେଶ୍ୱରର ଜନସଂଖ୍ୟା ଏତେ ଅଧିକ ହୋଇଥିବା ସତ୍ତ୍ୱେ ଏଠାରେ ଜୁଭେନାଇଲ ଜଷ୍ଟିସ ବୋର୍ଡ ନଥିବା ଦୁର୍ଭାଗ୍ୟଜନକ। ଭୁବନେଶ୍ୱରରେ ନୂଆ ଜୁଭେନାଇଲ ଜଷ୍ଟିସ ବୋର୍ଡର ସ୍ଥାପନା କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ନାୟକ କହିଛନ୍ତି ଯେ ରାଜ୍ୟପାଳଙ୍କ ଅଭିଭାଷଣରେ ମାଧ୍ୟମରେ ସରକାର କୁହାଇଲେ କି ରାଜ୍ୟରେ ୩୦ଟି ଜୁଭେନାଲ ଜଷ୍ଟିସ ବୋର୍ଡ ରାଜ୍ୟ ସରକାର ପ୍ରତିଷ୍ଠା କରିଛନ୍ତି। ଏହା ସମ୍ପୂର୍ଣ୍ଣ ଅସତ୍ୟ। ଉଦାହରଣ ସ୍ୱରୂପ ହେଉଛି ଖୋଦ ରାଜଧାନୀ ଭୁବନେଶ୍ୱର। ହେଲେ ରାଜଧାନୀ



ଭୁବନେଶ୍ୱରରେ ପୂର୍ଣ୍ଣକାଳୀନ ଜୁଭେନାଲ ଜଷ୍ଟିସ ବୋର୍ଡ ବସୁ ନାହିଁ କି ସପ୍ତାହେ ଯାକ ବିଚାର ହେଉନାହିଁ। ଏକ ଲମ୍ବାସମୟ ହେଲାଣି ଖୋର୍ଦ୍ଧାରେ ୩ ଦିନ, ଭୁବନେଶ୍ୱରରେ ୩ ଦିନ ହେଲାଣି ଏହା ଚାଲୁଛି। ଭୁବନେଶ୍ୱରରେ ଏକ ନୂଆ ଜୁଭେନାଲ ଜଷ୍ଟିସ ବୋର୍ଡ ସ୍ଥାପନା କରିବା ପାଇଁ ରାଜ୍ୟ ସରକାର ୨ ବର୍ଷ ହେଲାଣି ନିଷ୍ପତି ନେଲେଣି । ହେଲେ ଏହା ଏବେ ସୁଦ୍ଧା ହୋଇନାହିଁ । ଭୁବନେଶ୍ୱରର ଜନସଂଖ୍ୟା ଆସି ୯ ଲକ୍ଷ ରେ ପହଞ୍ଚିଲାଣି । ଦିନକୁ ଦିନ ଅପରାଧିକ ମାମଲା ସଂଖ୍ୟା ବି ବଢୁଛି । ତେଣୁ ତାକୁ ଆଖି ଆଗରେ ରଖି ତୁରନ୍ତ ଭୁବନେଶ୍ୱରରେ ସ୍ୱତନ୍ତ୍ର ଜୁଭେନାଲ ଜଷ୍ଟିସ ବୋର୍ଡ ସରକାର ଖୋଲନ୍ତୁ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଯଦି ଭୁବନେଶ୍ୱରରେ ଜୁଭେନାଲ ଜଷ୍ଟିସ ବୋର୍ଡ ଖୋଲିବା ନେଇ ଏ ପ୍ରକାର ଅବ୍ୟବସ୍ଥା ତାହେଲେ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ କଣ ଅବସ୍ଥା ହୋଇଥିବ। ସରକାର ତୁରନ୍ତ ସମସ୍ତ ଜିଲ୍ଲାରେ ଜୁଭେନାଲ ଜଷ୍ଟିସ ବୋର୍ଡ ଖୋଲିବା ପାଇଁ ମୁଁ ଦାବି କରୁଛି ବୋଲି ସେ କହିଛନ୍ତି।

# ଅସହମତି ସତ୍ତ୍ୱେ ଜନମତକୁ ସମ୍ମାନ କର : ଉପରାଷ୍ଟ୍ରପତି


**ନୂଆଦିଲ୍ଲୀ :** ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶର ବିଭିନ୍ନ ସ୍ଥାନରେ ବିରୋଧ ଜାରୀ ରହିଥିବା ବେଳେ ଗୁରୁବାର ଉପରାଷ୍ଟ୍ରପତି ଏମ. ଭେଙ୍କୟା ନାଇଡୁ ଜନମତକୁ ସମ୍ମାନ କରିବାକୁ ବିରୋଧି ଦଳମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ଏକ ସୁସ୍ଥ ଗଣତନ୍ତ୍ରର ମୂଳମନ୍ତ୍ର ଯୁକ୍ତି। ଏହାଦ୍ୱାରା କୌଣସି ନିର୍ଣ୍ଣୟରେ ପହଞ୍ଚି ହୁଏ। ଗଣତନ୍ତ୍ରରେ ଅସହମତି ହୋଇଥିଲେ ସୁଦ୍ଧା ଜନମତ ଦ୍ୱାରା ନିଆଯାଇଥିବା ନିଷ୍ପତିକୁ ସମସ୍ତେ ସ୍ୱୀକାର କରିବା ଉଚିତ୍। ଶ୍ରୀ ନାଇଡୁ ଭାରତୀୟ ଛାତ୍ର ସଂସଦ (ବିସିଏସ) ଏବଂ ଏମଆଇଟି ସ୍କୁଲ ଅଫ ଗଭର୍ଣ୍ଣମେଣ୍ଟ (ଏମଆଇଟି-ଏସଓଜି) ପକ୍ଷରୁ ମିଳିତ ଭାବେ ବିଜ୍ଞାନ ଭବନରେ ଆୟୋଜିତ ୪ ଦିବସୀୟ ଭାରତୀୟ ଛାତ୍ର ସଂସର



ଉଦଘାଟନ ସମାରୋହରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି ଏହା କହିଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି ଶ୍ରୀ ନାଇଡୁ କେରଳ ବିଧାନସଭାର ଅଧକ୍ଷ ପି. ରାମକୃଷ୍ଣନଙ୍କୁ ଆଦର୍ଶ ବିଧାନସଭା ଅଧକ୍ଷ ସମ୍ମାନରେ ସମ୍ମାନିତ କରିଥିଲେ। ଉଦବୋଧନରେ ସେ କହିଥିଲେ ଯେ, ବାସ୍ତବରେ ଲୋକତନ୍ତ୍ର ପ୍ରଶାସନର ସବୁଠୁ ଭଲ ପ୍ରଣାଳୀ। ମୁଁ ଆଶା କରୁଛି ମୋର ପ୍ରତ୍ୟେକ ସାଂସଦ ଏବଂ ଲୋକ ପ୍ରତିନିଧି ପ୍ରତ୍ୟେକ ମଞ୍ଚରେ ଲୋକତାନ୍ତ୍ରିକ ବିଚାରବିମର୍ଶକୁ ଅଧିକ ଉଚ୍ଚତର କରନ୍ତୁ। ଆହୁରି ମଧ୍ୟ ସେ କହିଥିଲେ ଯେ, ଆମକୁ ରାଜନୀତି ସହିତ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ମିଶନ ରୂପରେ ନେବା ଆବଶ୍ୟକ। ଜନସାଧାରଣଙ୍କ ସେବା କରିବାର ଏକ ମାଧ୍ୟମ ହେଉଛି ରାଜନୀତି। ସମାଜର ଆର୍ଥିକ ଓ ରାଜନୈତିକ ପରିବର୍ତନ ଦ୍ୱାରା ରାଷ୍ଟ୍ରୀୟ ବିକାଶ ପ୍ରକ୍ରିୟାକୁ ଆହୁରି ବିକଶିତ କରିବା ତଥା ଗଣତାନ୍ତ୍ରିକ ମୂଳକୁ ଆହୁରି ସୁଦୃଢ଼ କରିବାର ଏହା ଏକ ପ୍ରୟାସ।

# କ୍ରିକେଟର ସମସ୍ତ ଫର୍ମାଟରୁ ପ୍ରଜ୍ଞାନ ଓଝାଙ୍କ ଅବସର

**ଭୁବନେଶ୍ୱର :** କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଗ୍ରହଣ କରିଛନ୍ତି ଓଡ଼ିଆ କ୍ରିକେଟର ପ୍ରଜ୍ଞାନ ଓଝା । ଏ ନେଇ ହାଇଦ୍ରାବାଦ କ୍ରିକେଟ ଆସୋସିଏସନକୁ ଚିଠି ଲେଖିବା ସହ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି ଶ୍ରୀ ଓଝା। ଭାରତୀୟ କ୍ରିକେଟ ଦଳ ତରଫରୁ ସେ ମୋଟ ୧୮ଟି ଦିନିକିଆ ମ୍ୟାଚ୍ ଖେଳିଥିବା ବେଳେ ୨୧ଟି ୱିକେଟ୍ ଅକ୍ତିଆର୍ କରିଥିଲେ। ସେହିପରି ୨୪ଟି ଟେଷ୍ଟ ମ୍ୟାଚ୍‌ରୁ ସେ ୧୧୩ଟି ୱିକେଟ୍ ନେଇଥିଲେ। ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ପ୍ରଜ୍ଞାନ ହାଇଦ୍ରାବାଦକୁ ପ୍ରତିନିଧିତ୍ୱ କରି ଆସୁଥିଲେ। ହାଇଦ୍ରାବାଦ



କ୍ରିକେଟ୍ ଆସୋସିଏସନ୍ ପାଇଁ ସେ ୧୪ ବର୍ଷ ଖେଳିଥିଲେ। ପ୍ରଜ୍ଞାନ ଟିମ୍ ଇଣ୍ଡିଆ ପାଇଁ ଟି-୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ସେ ଡେକାନ୍ ଚାର୍ଜର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଆଇପିଏଲ୍ ମଧ୍ୟ ଖେଳିଛନ୍ତି । ସେ ମୋଟ ୯୨ଟି ଆଇପିଏଲ୍ ମ୍ୟାଚ୍ ଖେଳି ୮୯ଟି ୱେକେଟ୍ ନେଇଥିଲେ।

# ବରୀ ଉପ୍ରା ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ

**ଯାଜପୁର, (ସଞ୍ଜିତ ମହାନ୍ତି) :** ବରୀର ସର୍ବପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ୭୬ଜଣଙ୍କୁ ଖେଳକୁଦ ଓ ୨୦ଜଣଙ୍କୁ ନୃତ୍ୟ, ଗୀତରେ




ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ବରୀ ବିଧାୟିକା ସୁନନ୍ଦା ଦାସ, ବିଇଓ ଅଭୟ କୁମାର ବେହେରା, ସମ୍ମାନିତ ଅତିଥି ତଥା ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ନରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟିକା ଶ୍ରୀମତୀ ଦାସ ବରୀ ଏବିଇଓ କପିଳ ଚରଣ ସାମଲ, ବାଙ୍କବିହାରୀ ପଣ୍ଡା ଓ ଶରତଚନ୍ଦ୍ର ରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଧାୟିକା ବିଦ୍ୟାଳୟର ଉନ୍ନତି ପାଇଁ ୮ଲକ୍ଷ ଟଙ୍କାର ଘୋଷଣା କରିଥିଲା ବେଳେ ୫ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ମାନିତ କରିଥିଲେ।



**ବରୀ :** ସବୁବର୍ଷ ପରି ଚଳିତ ବର୍ଷ କିମ୍ବିରିଆପାଳ ଶ୍ରୀରାଧାଗୋବିନ୍ଦ ଜୀଉ ମନ୍ଦିର ପରିସରରେ ୩୮ତମ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଶାନ୍ତି ପାଇଁ ଉଦ୍ଦିଷ୍ଟ କୁଳମଣି ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସଂକୀର୍ତ୍ତନ ଦଳ ସହିତ ରାଜ୍ୟର ବିଭିନ୍ନ ସ୍ଥାନରୁ ସଂକୀର୍ତ୍ତନ ଦଳମାନେ ଯୋଗ ଦେଇଥିଲେ।


# ନିର୍ଦ୍ଧାରିତ ସମୟ ପୂର୍ବରୁ ଉଠିଲା ମହାଦୀପ



**ଭୁବନେଶ୍ୱର :** ମହାଶିବରାତ୍ରୀରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମହାଦୀପ ନିର୍ଦ୍ଧାରିତ ସମୟର ୧୫ମିନିଟ୍ ପୂର୍ବରୁ ଉଠିଥିଲା। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ସମୟ ଅନୁସାରେ ମହାପ୍ରଭୂଙ୍କ ନୀତିକାନ୍ତି ଶେଷ ହୋଇଥିବାରୁ ମହାଦୀପ ଠିକ ସମୟରେ ଉଠିପାରିଛି। ଯାହାକୁ ନେଇ ଶ୍ରଦ୍ଧାଳୁମାନେ ବେଶ ଖୁସି ପ୍ରକଟ କରିଛନ୍ତି। ଏଥିସହିତ ମହାପ୍ରଭୂଙ୍କ ଜାଗର ଯାତ୍ରା ବେଶ ସୁରୁଖୁରୁରେ ଶେଷ ହୋଇଥିବାରୁ ପ୍ରଶାସନ ସେବାୟତମାନଙ୍କୁ ଶ୍ରେୟ ଦେଇଛନ୍ତି । ମହାଶିବରାତ୍ରୀ ଅବସରରେ ଶୁକ୍ରବାର ଭୋରୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମହାପ୍ରଭୂଙ୍କ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁ ଆସୁଥିଲେ। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଉତ୍ତରଦ୍ୱାର ଦେଇ ସେବାୟତ, ସେବାୟତଙ୍କ ସମ୍ପର୍କୀୟ, ଦକ୍ଷିଣ ଦ୍ୱାର ଦେଇ ଭିଆଇପି, ଭିଭିଆଇପି ଏବଂ ସିଂହଦ୍ୱାର ଦେଇ ଅନ୍ୟ ସମସ୍ତ ଭକ୍ତଙ୍କୁ ଛଡ଼ା ଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ ଲଗାଯିବା ସହ ଅସ୍ଥାୟୀ ସେଡ୍ ନିର୍ମାଣ କରାଯାଇଥିଲା।

## ବ୍ରହ୍ମେଶ୍ୱରରେ ଜାଗର

**ଭୁବନେଶ୍ୱର :** ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ବ୍ରହ୍ମେଶ୍ୱର ମହାଦେବଙ୍କ ମହାଶିବରାତ୍ରି ଉପଲକ୍ଷେ ବ୍ରହ୍ମେଶ୍ୱର ଦେବ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ବ୍ରହ୍ମେଶ୍ୱର ମନ୍ଦିର ପରିସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଦର୍ଶନ ଓ ଭଜନ ଦେଖିବାକୁ ଅସମ୍ଭାଳ ଭିଡ଼ ହୋଇଥିଲା। ମୁମ୍ବାଇର ଖ୍ୟାତାନାମା କଳାକାର ଅନିଲ ବାଓ୍ୱରା, ପାମଲା ଜୈନ୍ ଓ ସୋରେନ୍ ଭଟ୍ ଭଜନ ପରିବେଷଣ କରଥିଲେ।



ଏଥି ସହିତ ପ୍ରସିଦ୍ଧ କଣ୍ଠଶିଳ୍ପୀ, ଇରା ମହାନ୍ତି, କୁମାର ବାପି, ଶୈଳଭାମା ମହାପାତ୍ର ଓ ବହୁ କଳାକାର ମଧ୍ୟ ଭଜନ ପରିବେଷଣ କରିଥିଲେ। ପୂର୍ବତନ କର୍ପୋରେଟର ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ସଭ୍ୟ ମଳୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମନ୍ଦିର ଟ୍ରଷ୍ଟି ତଥା ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ୧୦ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ଭୋର ସାଢ଼େ ୪ଟାରୁ ସାହାଣମେଲା ଦର୍ଶନ ହୋଇଥିବା ବେଳେ ସନ୍ଧ୍ୟା ସାଢ଼େ ୬ଟାରୁ ମଧ୍ୟ ସାହାଣମେଲା ଦର୍ଶନ ହୋଇଥିଲା। ସଂଧ୍ୟା ସାଢ଼େ ୬ଟାରୁ ଭଜନସମାରୋହ ଆରମ୍ଭ ହୋଇଥିଲା।

# ପଟିଆ ଡିଗ୍ରୀ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ପାଠଚକ୍ର

**ଭୁବନେଶ୍ୱର :** ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ, ଓଡ଼ିଆ ବିଭାଗର ସପ୍ତମ ବାର୍ଷିକ ପାଠଚକ୍ର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ସହିତ ପୁଲଓ୍ୱାମାରେ ଶହୀଦ ହୋଇଥିବା ଶହୀଦମାନଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ପାଠଚକ୍ରରେ ବିଶିଷ୍ଟ କବି ଶଙ୍କର ପରିଡା ମୁଖ୍ୟ ଅତିଥି, ଡ. ସୁନୀତା ମୁଣ୍ଡ ମୁଖ୍ୟବକ୍ତା ଓ ଡ.ରଶ୍ମୀ କର ଅତିଥି ବକ୍ତା ଭାବରେ ଯୋଗ ଦେଇଥିଲେ। ଭାଲେଣ୍ଟାଇନ୍ ଦିବସରେ ପିଲାମାନଙ୍କୁ ଶିକ୍ଷା ଓ କବିତା ମାଧ୍ୟମରେ ବାନ୍ଧି ରଖି ପ୍ରାୟ ୯ଜଣ ଛାତ୍ରଛାତ୍ରୀ ପ୍ରବନ୍ଧ ପାଠ କରିଥିଲେ। ତିନିଜଣ ଛାତ୍ରୀ ବିଷ୍ଣୁପ୍ରିୟା ଷଡଙ୍ଗୀ, ସ୍ମୃତିରେଖା ଏବଂ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ପ୍ରବନ୍ଧ ପାଠ ପାଇଁ ପୁରସ୍କୃତ କରାଯାଇଛି। ଏହି ପାଠଚକ୍ରରେ ମୁଖ୍ୟଅତିଥି ବିଶିଷ୍ଟ କବି ଶଙ୍କର ପରିଡା ଆଧୁନିକ ଓ ପୁରାତନର ଏକ ଅପୂର୍ବ ମିଳନକୁ ସାବ୍ୟସ୍ତ କରିଥିଲେ। କବି ଓ କବିତା ମାଧ୍ୟମରେ ସାହିତ୍ୟ ପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଡ. ସୁନୀତା ମୁଣ୍ଡ ସ୍ରଷ୍ଟା, ସୃଷ୍ଟି ଓ ସୃଜନ ପାଇଁ ଲେଖାଲେଖିରେ ଆଗ୍ରହ ଜନ୍ମାଇବା ସହିତ କବିତା ପାଠ କରି ପିଲାମାନଙ୍କର ଆଗ୍ରହକୁ ପ୍ରଗତିପଥରେ ନେବାର ଚେଷ୍ଟା କରିଥିଲେ। ସମ୍ମାନିତ ଅତିଥି ଡ. ରଶ୍ମୀ କର ପିଲାମାନଙ୍କୁ ସଂସ୍କୃତ ଓ ଓଡ଼ିଆ ସାହିତ୍ୟର ପାଠ ସହିତ ସାହିତ୍ୟ ପାଇଁ ମାର୍ଗଦର୍ଶନର ପଥ ଦେଖାଇଥିଲେ। କଲେଜର ଅଧକ୍ଷ ତାଙ୍କର ଅଭିଭାଷରରେ ଓଡ଼ିଆ ବିଭାଗ ପାଠଚକ୍ରକୁ ସମ୍ବୋଧନ କରି ବିଭାଗ ଉନ୍ନତି ଦେଖାଯାଉଛି ବୋଲି କହିଥିଲେ। ବିଭାଗର ଅଧାପିକା



ଡ.ସୂର୍ଣ୍ଣପ୍ରଭା ଦାଶ ପାଠଚକ୍ରକୁ ସଂଯୋଜନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ରମେଶ ବେହେରା ପାଠଚକ୍ରରେ ଅଧକ୍ଷତା କରି ପିଲାମାନଙ୍କର ସୃଜନଶୀଳତାର ବିକାଶ ପାଇଁ ପାଠଚକ୍ର ଏବଂ ବଡ ମାଧ୍ୟମ ବୋଲି କହିଥିଲେ। ଆଧୁନିକ କବିତାର ଦିଗ-ଦିଗନ୍ତ ଉପରେ ସମସ୍ତଙ୍କର ପ୍ରବନ୍ଧ ଖୁବ୍ ଭଲ ହୋଇଥିବାର ପ୍ରେରଣା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପିଲାମାନେ ଓ ଅଧାପକ ଅଧାପିକାମାନେ କବିତା ପାଠ କରିଥିଲେ। ଏହି କବିତା ପାଠକୁ ବିଭାଗର ମୁଖ୍ୟ ଅଧାପକ ଡ. ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ବିଷ୍ଣୁପ୍ରିୟା ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୁଭାଙ୍ଗୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚକ୍ରକୁ ଶିବାଶିଷ ଦାସ, ମିଲେନିୟମ ଦାସ, ବର୍ଷା ଶୁଭସ୍ମିତା, ସାଗରିବ, ବାସନ୍ତୀ, ସ୍ୱାତୀ ସ୍ୱାଗତିକା, ଦୀପା, ବେବିନା, ସ୍ମୃତିରେଖା, ସୁନିତା, ସରୋଜିନୀ, ସୋନାଲି ପ୍ରମୁଖ ସହଯୋଗ କରିବା ସହିତ ବିଭାଗର ସବୁ ଛାତ୍ରଛାତ୍ରୀ ଓ ଅଧାପକ ଅଧାପିକାମାନେ ଯୋଗଦାନ କରି ପାଠଚକ୍ରକୁ ସଫଳ କରିଥିଲେ।

# ମହଙ୍ଗାଭତ୍ତାର ପୁନର୍ବିଚାର ପାଇଁ ସରକାରଙ୍କୁ ଅନୁରୋଧ

**ଭୁବନେଶ୍ୱର :** ଓଡ଼ିଶା ପୋଲିସ ହାବିଲଦାର କନଷ୍ଟବଳ ଓ ସିପାହୀ ମହାସଂଘର ପ୍ରଥମ ସଭାପତି ଇତିମୁର ରେହମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରସନ୍ନ କୁମାର ବେହେରା ସମ୍ପାଦକ ସହରାଞ୍ଚଳ ପୋଲିସ ଜିଲ୍ଲା ଶାଖା ସଂଘ ଓ କିଶୋର କୁମାର ମହାନ୍ତି ଓ ବାବୁ ଓଡ଼ିଶା ପୋଲିସ ମହାସଂଘର ପୂର୍ବତନ ସାଧାରଣ ସମ୍ପାଦକଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭୁବନେଶ୍ୱର ଶାଖା ସଂଘ ଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଓଡ଼ିଶା ପୋଲିସ ଜିଲ୍ଲାର ପ୍ରାୟ ୨୫ ଗୋଟି ଶାଖା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଦେବା ସହିତ ମହାସଂଘର ନିର୍ବାଚନ ବିଳମ୍ବ ହେଉଥିବା କାରଣରୁ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଦେଇଥିବା ୫ ପ୍ରତିଶତ ମହଙ୍ଗା ଭତ୍ତା ଏବଂ ୧୦ ପ୍ରତିଶତ ବକେୟା ବାବଦରେ ନିଆଯାଇଥିବା ନିଷ୍ପତିକୁ ବିରୋଧ କରିବା ସହ ଏହାର ପୁନର୍ବିଚାର କରିବା ପାଇଁ ମାନ୍ୟବର ସରକାରଙ୍କୁ ଅନୁରୋଧ କରିଥିଲେ।




PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE




MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି